

ନେତୃତ୍ୱ ଛାଡ଼ିଲେ ହର୍ମନ୍‌ପ୍ରୀତ୍
▶ ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-104 ♦WEDNESDAY ♦07 OCTOBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୦୪ ♦ବୁଧବାର ♦୦୭ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






| | 125 | NS 125 | N160 S/SS | NS 160 | 220 | NS 400 |
|---|---|---|---|---|---|---|
| एक्स-शोरूम कीमत | ₹95 191/- | ₹1 04 082/- | ₹1 21 988/- | ₹1 27 304/- | ₹1 42 166/- | ₹1 86 806/- |
| कैश ऑफर | ₹2 500/- | ₹2 500/- | ₹3 000/- | ₹3 000/- | ₹3 000/- | ₹5 000/- |
| PF सेविंग्स + 5 फ्री सर्विसेस | ₹3 500/- | ₹3 700/- | ₹4 500/- | ₹4 500/- | ₹4 700/- | ₹7 000/- |
| कुल बचत | ₹6 000/- | ₹6 200/- | ₹7 500/- | ₹7 500/- | ₹7 700/- | ₹12 000/- |

Flipkart amazon.in पर भी उपलब्ध*
10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*नियम और शर्तें लागू. बचत 31 अक्टूबर 2026 तक लागू है. दर्शाई गई कुल सेविंग्स का तात्पर्य है कैश ऑफ़र से प्राप्त बचत की कुल राशि, ज़ीरो प्रोसेसिंग फ़ीस और 5 फ्री सर्विसेस (2 अतिरिक्त फ्री सर्विसेस). शून्य पीएफ़ पर सेविंग्स, फ़ायनान्सर पर निर्भर करते हुए लोकेशन्स के अनुसार बदल सकती हैं. फ़ायनान्स उपलब्ध है फ़ायनान्सर के अपने स्व-निर्णय पर. लागू होने वाले ऑफ़र अलग-अलग मॉडल या क्षेत्र के हिसाब से अलग-अलग हो सकते हैं. बताई गई एक्स-शोरूम कीमतें संबंधित मॉडल के बेस वैरिएंट की हैं. स्टंट्स, एक्सपर्ट्स द्वारा प्रोफ़ेशनल सुपरविज़न के तहत, आम जनता या आम रास्तों से हट कर नियंत्रित और बंद सीमित वातावरण में किए गए हैं. कृपया इन स्टंट्स की नक़ल करने का प्रयास न करें और हर समय ट्रैफ़िक तथा सुरक्षा नियमों का पालन करें.

**Authorised Dealers for Bajaj Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

# ୨୦୦୦ତମ ଏରୋ-ଇଞ୍ଜିନ୍ ବାୟୁସେନାକୁ ହସ୍ତାନ୍ତର

## ଶକ୍ତି ଇଞ୍ଜିନ୍ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରତିରକ୍ଷା ମନ୍ତ୍ରୀ




ସୁନାବେଡ଼ା,୬।୧୦(ସମିସ): ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ଆହୁରି ମଜବୁତ କରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ର କୋରାପୁଟ ଡିଭିଜନ୍ ମଙ୍ଗଳବାର ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି। ସୁନାବେଡ଼ାସ୍ଥିତ ହାଲ୍‌ର ୨୦୦୦ତମ ଏରୋ-ଇଞ୍ଜିନ୍‌କୁ ଭାରତୀୟ ବାୟୁସେନାକୁ ପ୍ରତୀକାତ୍ମକ ଭାବେ ହସ୍ତାନ୍ତର କରାଯିବା ସହ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ଉଦ୍‌ଘାଟିତ ହୋଇଛି। ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

୧୯୬୪ରୁ ଏରୋ-ଇଞ୍ଜିନ୍ ନିର୍ମାଣ କରିଆସୁଥିବା ହାଲ୍ କୋରାପୁଟ ଛଅ ଦଶନ୍ଧିରେ ଦେଶର ପ୍ରତିରକ୍ଷା କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ମିଗ୍-୨୧, ମିଗ୍-୨୭, ମିଗ୍-୨୯ ଓ ସୁଖୋଇ-୩୦ ଏମ୍‌କେଆଇ ଭଳି ଯୁଦ୍ଧବିମାନ ପାଇଁ ଇଞ୍ଜିନ୍ ନିର୍ମାଣ ସହ ୯ ହଜାରରୁ ଅଧିକ ଇଞ୍ଜିନ୍‌ର ଓଭରହଲ୍ କରିଛି ଏହି ଡିଭିଜନ୍।

ରକ୍ଷାମନ୍ତ୍ରୀ କହିଛନ୍ତି, ବିମାନର ଇଞ୍ଜିନ୍ ତାହାର ହୃଦୟ ସଦୃଶ। ତେଣୁ ଏରୋ-ଇଞ୍ଜିନ୍‌ର ଡିଜାଇନ୍, ବିକାଶ, ପରୀକ୍ଷଣ, ଉତ୍ପାଦନ ଓ ରକ୍ଷଣାବେକ୍ଷଣରେ ସ୍ୱଦେଶୀ କ୍ଷମତା ବଢ଼ାଇବା ଆତ୍ମନିର୍ଭର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଜରୁରୀ। ଏଏଲ୍-୩୧ ଏଫ୍‌ପି ଇଞ୍ଜିନ୍‌ର ବାର୍ଷିକ ଉତ୍ପାଦନ କ୍ଷମତା ୩୦ରୁ ୫୦କୁ ବଢ଼ାଇବା ପାଇଁ ୩୩୫ କୋଟି ଟଙ୍କା ବିନିଯୋଗ ହେବ। ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ପାଇଁ ୨୧୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଲାଇନ୍‌ରୁ ବାର୍ଷିକ ୧୦୦ଟି ପର୍ଯ୍ୟନ୍ତ ଇଞ୍ଜିନ୍ ଉତ୍ପାଦନ ହୋଇପାରିବ ଏବଂ ୨୦୨୮-୨୯ ସୁଦ୍ଧା ପୂର୍ଣ୍ଣ କ୍ଷମତାରେ ଚାଲିବ। ଧ୍ରୁବ ଓ ପ୍ରଚଣ୍ଡ ଭଳି ସ୍ୱଦେଶୀ ହେଲିକପ୍ଟର ପାଇଁ ଏହା ଇଞ୍ଜିନ୍ ଯୋଗାଇବ। ଏଥିସହ ସ୍ୱଦେଶୀ ହାଇ-ଥ୍ରଷ୍ଟ ଏରୋ-ଇଞ୍ଜିନ୍ ବିକାଶ ପାଇଁ ପ୍ରାୟ ୫,୦୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଚାଲିଛି। କଞ୍ଚାମାଲର ସ୍ୱଦେଶୀକରଣ ସହ ଦେଶର ପ୍ରଥମ ସ୍ୱଦେଶୀ ହାଇ-ଥ୍ରଷ୍ଟ ଇଞ୍ଜିନ୍ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

କୋରାପୁଟକୁ ଏକ ବୃହତ୍ ଏରୋସ୍ପେସ୍ ପ୍ରପଲସନ୍ କେନ୍ଦ୍ରରେ ପରିଣତ କରିବାକୁ ହାଲ୍‌କୁ ରାଜନାଥ ଆହ୍ୱାନ ଦେଇଛନ୍ତି। ଏଥିପାଇଁ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ଘରୋଇ ଶିଳ୍ପ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାକୁ ଯୋଡ଼ିବା ଉପରେ ସେ ଜୋର ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଧାତୁ ଡାଉନଷ୍ଟ୍ରିମ୍, ସେମିକଣ୍ଡକ୍ଟର ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରର ବିକାଶ ପ୍ରତିରକ୍ଷା ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ଉତ୍ପାଦନ ୟୁନିଟ୍ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଢେଙ୍କାନାଳର ଗଜମରାରେ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ ଉତ୍ପାଦନ କମ୍ପ୍ଲେକ୍ସକୁ ମଞ୍ଜୁରି ମିଳିବା ମଧ୍ୟ ଏହି ଦିଗରେ ଏକ ପଦକ୍ଷେପ। ହାଲ୍ କୋରାପୁଟ ଓ ଚାନ୍ଦିପୁରର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ପରୀକ୍ଷଣ କେନ୍ଦ୍ର ସହ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ବନ୍ଦର, ଖଣିଜ ସମ୍ପଦ ଓ କୁଶଳୀ ମାନବସମ୍ବଳ ରାଜ୍ୟକୁ ଦେଶର ଏକ ପ୍ରମୁଖ ପ୍ରତିରକ୍ଷା ହବ୍‌ରେ ପରିଣତ କରିବାର ଭିତ୍ତି ସୃଷ୍ଟି କରୁଛି।

# ଆଜି ମଶାଲ ଶୋଭାଯାତ୍ରା; ୮ରେ ଓଡ଼ିଶା ବନ୍ଦ

**ବନ୍ଦକୁ ସଫଳ କରିବାକୁ ଇଣ୍ଡିଆ ବ୍ଲକର ପ୍ରସ୍ତୁତି**

ଭୁବନେଶ୍ୱର, ୬।୧୦(ସମିସ): ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏନେଇ ମଙ୍ଗଳବାର କଂଗ୍ରେସ ଭବନରେ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳଗୁଡ଼ିକର ଏକ ବୈଠକ ଅନୁଷ୍ଠିତ ହୋଇ ବନ୍ଦର ଚୂଡ଼ାନ୍ତ ପ୍ରସ୍ତୁତି ଓ ରଣନୀତି ନେଇ ଆଲୋଚନା କରାଯାଇଛି। ଏଥିସହ ଆଜି ମଶାଲ ଶୋଭାଯାତ୍ରା କରାଯିବ ବୋଲି ଜଣାପଡ଼ିଛି।

ବନ୍ଦକୁ ଜିଲ୍ଲା ଓ ବ୍ଲକସ୍ତରରେ ସଫଳ କରିବା ସହ ସମସ୍ତ ଦଳ ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ସହ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିଗୁଡ଼ିକୁ ଏଥିରେ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଇଣ୍ଡିଆ ବ୍ଲକର କହିବାନୁଯାୟୀ, ରାଜ୍ୟର ଗଣତାନ୍ତ୍ରିକ ଅଧିକାର, ରାଜ୍ୟ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଦାବିରେ ବନ୍ଦ ଡକାଯାଇଛି। ଏହା ସହିତ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ସମ୍ପୂର୍ଣ୍ଣ ରଦ୍ଦ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ଯୋଗାଇବା ଆଦି ୪ଟି ପ୍ରମୁଖ ଦାବି ରହିଛି।

ବନ୍ଦ ସମୟରେ ବସ୍, ଟ୍ରକ୍, ଅଟୋ ସମେତ ସାଧାରଣ ପରିବହନ, ବ୍ୟବସାୟିକ ପ୍ରତିଷ୍ଠାନ, ବଜାର, ଦୋକାନ, ଅଦାଲତ ଏବଂ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ, ଅଗ୍ନିଶମ ସେବା, ଔଷଧ ଦୋକାନ, ଦୁଧ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ ଦିଆଯିବ ବୋଲି କୁହାଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ, ଏନ୍‌ସିପି (ଶରଦ ପୱାର), ସମାଜବାଦୀ ପାର୍ଟି, ଆର୍‌ଜେଡି ଓ ଜେଏମ୍‌ଏମ୍ ସମେତ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇଥିଲେ। ରାଜ୍ୟବାସୀଙ୍କୁ ବନ୍ଦରେ ସହଯୋଗ କରି ଗଣତାନ୍ତ୍ରିକ ପ୍ରତିବାଦକୁ ଶକ୍ତିଶାଳୀ କରିବାକୁ ଇଣ୍ଡିଆ ବ୍ଲକ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ବନ୍ତଲାରେ ଗୁଳିକାଣ୍ଡ; ଯୁବକ ମୃତ



ଅନୁଗୋଳ,୬।୧୦(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ବନ୍ତଲା ଗାଁର ନିମ ଛକରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବନ୍ତଲା ଗାଁର ସୁଶାନ୍ତ ପ୍ରଧାନ। ସେହି ରାସ୍ତା ଦେଇ ସୁଶାନ୍ତ ଯାଉଥିବାବେଳେ କେହି ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରି ଚାଲିଯାଇଥିଲା। ଏଥିରେ ସୁଶାନ୍ତ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଗୁଳିକାଣ୍ଡ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରେ ଏକ ବନ୍ଧୁକ ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ବନ୍ତଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। କିଏ ଓ କେଉଁ କାରଣରୁ ସୁଶାନ୍ତଙ୍କ ଉପରକୁ ଗୁଳି ଚଳାଇଲା, ତାହା ଖବର ଲେଖାହେବା ଯାଏଁ ସ୍ପଷ୍ଟ ହୋଇପାରିନାହିଁ। ତଦନ୍ତ ପରେ ଗୁଳିକାଣ୍ଡ ପଛର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

**ବିଜେଡି ମିଡିଆ ସେଲ୍‌ର ପ୍ରଥମ ସମନ୍ୱୟ ବୈଠକ**

# ମିଡିଆ ସେଲର କାର୍ଯ୍ୟପ୍ରଣାଳୀର ସୁଦୃଢ଼ୀକରଣ ଉପରେ ଆଲୋଚନା



ଭୁବନେଶ୍ୱର,୬।୧୦(ସମିସ): ବିଜେଡି ମିଡିଆ ସେଲ୍‌ର ପ୍ରଥମ ସମନ୍ୱୟ ବୈଠକ ଆଜି ସକାଳ ୧୦ଟା ସମୟରେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନ ରେ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେଡି ମିଡିଆ ସେଲ୍‌ର କାର୍ଯ୍ୟପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି। ଏହାସହ ଦଳର କାର୍ଯ୍ୟକ୍ରମ, ବିବୃତ୍ତି, ନୀତି ଓ କାର୍ଯ୍ୟକଳାପଗୁଡ଼ିକୁ କିପରି ସମସ୍ତ ଗଣମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମରେ ପ୍ରଭାବଶାଳୀ ଢଙ୍ଗରେ ଓ ସର୍ବାଧିକ ପ୍ରଚାର ପ୍ରସାର ହୋଇପାରିବ, ସେନେଇ ନେତୃବୃନ୍ଦ ମତାମତ ଦେଇଥିଲେ। ଏହି ବୈଠକରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଡ. ଅରୁଣ କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସ୍ୱୟଂପ୍ରକାଶ ମହାପାତ୍ର ଏବଂ ଅମରେଶ ପତ୍ରୀ ଯୋଗଦେଇଥିଲେ।

**ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି**

# ଅକ୍ଟୋବର ୨୬ରୁ ଆରମ୍ଭ ହେବ ଘରକୁ ଘର ସର୍ଭେ



- ତ୍ରୁଟିଶୂନ୍ୟ ଭୋଟର ତାଲିକା ଉପରେ ଆୟୋଗଙ୍କ ଗୁରୁତ୍ୱ
- ରାଜନୈତିକ ଦଳଙ୍କ ସହ ନିର୍ବାଚନ ଆୟୋଗଙ୍କ ଆଲୋଚନା

ଭୁବନେଶ୍ୱର,୬।୧୦(ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ମଙ୍ଗଳବାର ରାଜ୍ୟ ନିର୍ବାଚନ ଆୟୋଗ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଛନ୍ତି।

ବୈଠକରେ ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ) ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି। ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା ବିଏଲ୍‌ଏଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ) ତଥା ଗ୍ରାମାଞ୍ଚଳ ପାଇଁ ବିଡିଓଙ୍କ ପାଖରେ ସହରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର/ଆସିଷ୍ଟାଣ୍ଟ କମିଶନରଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହ ଘରକୁ ଘର ସର୍ଭେ ପ୍ରକ୍ରିୟାରେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ। ଏହି ବୈଠକରେ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ, ଉପସଚିବ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

**ପିଏମ୍‌ଜିଏସ୍‌ୱାଇରେ ବର୍ଦ୍ଧିତ ମଜୁରୀ ଭରଣା ନିୟମକୁ ନେଇ ବିବାଦ**

# ଗ୍ରାମ୍ୟ ଉନ୍ନୟନ ସଚିବଙ୍କୁ ହାଜର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬।୧୦(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ଶ୍ରମିକଙ୍କ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଠିକାଦାରଙ୍କୁ ଭରଣା କରାଯିବା ନେଇ ରହିଥିବା ସରକାରଙ୍କ ଗାଇଡଲାଇନକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ମାମଲାରେ ସ୍ପଷ୍ଟୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଆସନ୍ତା ୧୫ତାରିଖରେ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଅମିତା ଚୌଧୁରୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୧୭ ମାର୍ଚ୍ଚ୩ରେ ଜାରି ହୋଇଥିବା ବିଭାଗୀୟ ଗାଇଡଲାଇନ ଅନୁଯାୟୀ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଭରଣା ପାଇଁ ଠିକାଦାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଣିବାକୁ ପଡ଼ିବ। ଗାଇଡଲାଇନର ଧାରା ୧୦ ଅନୁସାରେ କେବଳ ସେହି କ୍ଷେତ୍ର ଗୁଡ଼ିକରେ ବର୍ଦ୍ଧିତ ମଜୁରୀ ଭରଣା କଥା ବିଚାର କରାଯିବ, ଯେଉଁଥିରେ ହାଇକୋର୍ଟ ଆଦେଶ ପାରିତ କରିଥିବେ। ଠିକାଦାରଙ୍କୁ ସେମାନଙ୍କର ପ୍ରାପ୍ୟ ପାଇବା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ କରୁଥିବା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ନିୟମାବଳୀ (ଗାଇଡଲାଇନ) କୁ ନେଇ ହାଇକୋର୍ଟ ମଧ୍ୟ ପୂର୍ବରୁ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଠିକାଦାର ପିଏମଜିଏସୱାଇ ଯୋଜନା ଅଧୀନରେ କିଛି ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। ପରବର୍ତ୍ତୀ ସମୟରେ ସରକାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା ପରେ ସେହି ଅନୁସାରେ ବର୍ଦ୍ଧିତ ଅର୍ଥରାଶି ଭରଣା କରିବା ପାଇଁ ସେ ୨୦୨୫ ଏପ୍ରିଲ ୧୫ରେ ଏକ ଆବେଦନ କରିଥିଲେ। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୦୧୭ର ଏକ ଗାଇଡଲାଇନ ଆଧାରରେ ତାଙ୍କର ଆବେଦନକୁ ଖାରଜ କରିଦିଆଯାଇଥିଲା। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ନିୟମାବଳୀ ସମ୍ପର୍କରେ ସ୍ପଷ୍ଟୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୫କୁ ଧାର୍ଯ୍ୟ କରାଯାଇଛି।

**ଓଲଟ ପାଲଟ**



ସଂଶୋଧନ ବହି ବସ୍ତା ହେଉ ହେଉ
ହୋଇଗଲା ଅକ୍ଟୋବର,
ସେପ୍ଟେମ୍ବର ମାସ ପରୀକ୍ଷା ନୋହିଲା
ଅବହେଳା ଗୁରୁତର।
କେଉଁଠାରେ ସ୍କୁଲ ଘର ଖଣ୍ଡେ ନାହିଁ
ନାହାନ୍ତି କାହିଁ ଶିକ୍ଷକ,
ପାଞ୍ଚ ଶ୍ରେଣୀକୁ ଦୁଇ ଶିକ୍ଷକ
ଜିଲା ଏଠି ଅଖ ଚକ।
ଅବସର ପ୍ରାପ୍ତ ଶିକ୍ଷକଙ୍କୁ ନେଇ
କରି ଥିଲେ ଯେଉଁ ନାଟ,
ଶିକ୍ଷିତ ଯୁବକ ନିଯୁକ୍ତି ଦେଲନି
ବାଜିଲା ଆଇନ ଛାଟ॥

ଯାଯାବର

**ଚାମେଲି ମାମଲାରେ ଏନ୍‌ଏଚ୍‌ଆର୍‌ସି ତଦନ୍ତ**

# ପୂର୍ବତନ ଆଇଆଇସି, ବିଡିଓଙ୍କ ସମେତ ୫ ଜଣଙ୍କୁ ଜେରା



କେନ୍ଦ୍ରାପଡ଼ା/ମହାକାଳପଡ଼ା,୬।୧୦(ସମିସ): ମହାକାଳପଡ଼ା ବ୍ଲକ୍ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ମାମଲାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି) ର ତଦନ୍ତ ଆରମ୍ଭ ହୋଇଛି। କମିସନ୍‌ଙ୍କ ପକ୍ଷରୁ ନିଯୁକ୍ତ ତିନିଜଣିଆ ତଦନ୍ତକାରୀ ଦଳ ମଙ୍ଗଳବାର ମହାକାଳପଡ଼ା ଥାନା, ବ୍ଲକ୍ କାର୍ଯ୍ୟାଳୟ ଓ ତିଖିରୀସ୍ଥ ଚାମେଲିଙ୍କ ବାସଭବନରେ ପହଞ୍ଚି ଘଟଣା ସମ୍ପର୍କରେ ବିଭିନ୍ନ ପକ୍ଷଙ୍କୁ ପଚରାଉଚରା କରିଛନ୍ତି। ତଦନ୍ତକାରୀ ଦଳ ପ୍ରଥମେ ମହାକାଳପଡ଼ା ଥାନାରେ ପହଞ୍ଚି ଘଟଣା ସମୟରେ ଦାୟିତ୍ୱରେ ଥିବା ତତ୍କାଳୀନ ଆଇଆଇସି ମାନସ ମଲ୍ଲିକ, ଏସ୍‌ଆଇ ପ୍ରଭାସିନୀ ବିଶ୍ୱାଳ ଓ ଦୁଇ ଏଏସ୍‌ଆଇଙ୍କୁ ଜେରା କରିଥିଲେ। ପରେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ଥାନାରେ ତଦନ୍ତ ଚାଲିଥିବା ଜଣାପଡ଼ିଛି।

ଗତ ଜୁନ୍ ୧୧ ତାରିଖରେ ତିଖିରୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା ପାଇଁ ଚାମେଲି ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଡିଓଙ୍କ ଉପସ୍ଥିତିରେ ତାଙ୍କୁ ଦୁର୍ବ୍ୟବହାର ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରାଯାଇଥିବା ସେ ଅଭିଯୋଗ କରିଥିଲେ। ପରେ ପୁଲିସ ତାଙ୍କୁ ବିନା ଏତଲାରେ ଥାନାକୁ ନେବା ସମୟରେ ଗାଡ଼ି ଭିତରେ ମାରପିଟ୍ ଓ ନିର୍ଯାତନା ଦେଇଥିବା ମଧ୍ୟ ଚାମେଲି ଅଭିଯୋଗରେ ଦର୍ଶାଇଥିଲେ। ଘଟଣାକୁ ନେଇ ମହାକାଳପଡ଼ା ଥାନାରେ ୧୭୦, ୧୭୧ ଓ ୧୭୨ ନମ୍ବରରେ ତିନୋଟି ପୃଥକ ମାମଲା ରୁଜୁ ହୋଇଥିଲା। ଚାମେଲିଙ୍କ ଅଭିଯୋଗ ଆଧାରରେ ୭ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ତତ୍କାଳୀନ ଆଇଆଇସି ଓ ବିଡିଓଙ୍କ ନାମ ମାମଲାରୁ ବାଦ ଦିଆଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା।

ଏହି ଘଟଣାକୁ ନେଇ ସାମାଜିକ କର୍ମୀ ମନୋଜ ଜେନାଙ୍କ ପକ୍ଷରୁ ଜୁନ୍ ୧୬ ତାରିଖରେ ଜାତୀୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ ଦାଖଲ ହୋଇଥିଲା। ମାମଲାକୁ ଗୁରୁତର ସହ ନେଇ କମିସନ ଘଟଣାର ତଦନ୍ତ ପାଇଁ ଏସ୍‌ପି ଇଶାମ ସିଂହ, ଗଗନ୍ ରାମ ଓ ଶଶୀବାଳା ଶର୍ମାଙ୍କୁ ନେଇ ତିନିଜଣିଆ କମିଟି ଗଠନ କରିଥିବା ସୂଚନା ମିଳିଛି। ତଦନ୍ତକାରୀ ଦଳ ମହାକାଳପଡ଼ାରେ ପହଞ୍ଚିବା ପରେ ଅତିରିକ୍ତ ଏସ୍‌ପି ସୁଧାକର ସାହୁ ଓ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ସହଯୋଗରେ ତଦନ୍ତ ଆଗକୁ ବଢ଼ାଇଥିଲେ। ଥାନା ଓ ବ୍ଲକ୍ କାର୍ଯ୍ୟାଳୟରେ ପଚରାଉଚରା ପରେ ତଦନ୍ତକାରୀ ଦଳ ତିଖିରୀ ଯାଇ ଅଭିଯୋଗକାରିଣୀ ଚାମେଲି ଓଝାଙ୍କ ବୟାନ ରେକର୍ଡ କରିଥିଲେ। ଏଥିସହିତ ତାଙ୍କ ବାପା, ମା' ଓ ଭାଇଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଚାମେଲି କହିଛନ୍ତି, ତଦନ୍ତକାରୀ ଦଳ ମାମଲା ସମ୍ପର୍କରେ ଯାହା ପଚାରିଛନ୍ତି, ସେ ସବୁ ତଥ୍ୟ ଦେଇଛନ୍ତି। ଜୁନ୍ ୧୧ ତାରିଖର ଘଟଣା ପରଠାରୁ ନିଜ ପ୍ରତି ହୋଇଥିବା କଥିତ ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କରେ ମଧ୍ୟ ସେ ତଦନ୍ତକାରୀଙ୍କୁ ଜଣାଇଛନ୍ତି। ତାଙ୍କ ପରିବାର ସଦସ୍ୟଙ୍କ ବୟାନ ମଧ୍ୟ ରେକର୍ଡ ହୋଇଥିବା ସେ କହିଛନ୍ତି।

**ଶିମିଳିପାଳ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ହୋଟେଲ ନିର୍ମାଣ ମାମଲା**

# ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ଜାତୀୟ ସବୁଜ ପ୍ରାଧିକରଣଙ୍କ ଚେତାବନୀ




ବାରିପଦା, ୬।୧୦(ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ତଥା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୋଷିଠାରେ ପ୍ରସ୍ତାବିତ ବିବାଦୀୟ ହୋଟେଲ ତଥା ରିସର୍ଟ ପ୍ରକଳ୍ପ ମାମଲାରେ ଜାତୀୟ ସବୁଜ ପ୍ରାଧିକରଣ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୋଲକାତାସ୍ଥ ପ୍ରାଧିକରଣର ପୂର୍ବାଞ୍ଚଳ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ଅତିରିକ୍ତ ତଥା ସଂଶୋଧିତ ଜବାବ ଦାଖଲ ପାଇଁ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ପୂର୍ବରୁ ପ୍ରାଧିକରଣ ପକ୍ଷରୁ ସମୟ ଦିଆଯାଇଥିଲେ ମଧ୍ୟ ରାଜ୍ୟ ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ଦାଖଲ କରିବାରେ ବିଫଳ ହୋଇଥିଲେ। ଏଥିପାଇଁ ପ୍ରାଧିକରଣ ଅସନ୍ତୋଷ ପ୍ରକାଶ କରିବା ସହ ସ୍ପଷ୍ଟ କରିଛନ୍ତି ଯେ, ଏଥର ମଧ୍ୟ ନିର୍ଦ୍ଦେଶ ପାଳନ ନ ହେଲେ ଉଭୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସଶରୀର କିମ୍ବା ଆଭାସୀ ମାଧ୍ୟମରେ ହାଜର ହୋଇ ନିଜର ପକ୍ଷ ରଖିବାକୁ ପଡ଼ିବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆକାଶ ଶର୍ମା ଏହି ମାମଲା ପରିଚାଳନା କରୁଥିବାବେଳେ ଲକ୍ଷ୍ମୀପୋଷି ଅଞ୍ଚଳର ପ୍ରାୟ ୯୩ ଏକରରୁ ଊର୍ଦ୍ଧ୍ୱ ଜମିରେ ପ୍ରସ୍ତାବିତ ଏହି ପ୍ରକଳ୍ପ ଉପରେ ପୂର୍ବରୁ ହିଁ ସ୍ଥିତାବସ୍ଥା ଜାରି ରହିଛି। ପ୍ରାଧିକରଣଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଇଡ୍‌କୋ, ଇପିକଲ ଓ ହୋଟେଲ ସୋନାର ବାଂଲା କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରିପାରିବେନାହିଁ। ଏହି ସ୍ଥାନରେ ଯେପରି କୌଣସି ନିର୍ମାଣ କାର୍ଯ୍ୟ ନ ହୁଏ, ତାହା ନିଶ୍ଚିତ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି।

**ଆଉ ପାଦେ ଆଗକୁ ବଢ଼ିଲା ପୁରୀ ବିମାନବନ୍ଦର ପ୍ରକଳ୍ପ**

# ମିଳିଲା ସିଆର୍‌ଜେଡ୍ ଅନୁମତି

**୧୧୬୪.୭୫୪ ଏକର ଜମିରେ ହେବ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ**

ପୁରୀ,୬।୧୦(ସମିସ): ଆକାଶପଥରେ ପୁରୀକୁ ଯୋଡ଼ିବାର ସ୍ୱପ୍ନ ଏବେ ଧୀରେଧୀରେ ବାସ୍ତବ ରୂପ ନେବାକୁ ଯାଉଛି। ବହୁ ପ୍ରତୀକ୍ଷିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ ସିଆର୍‌ଜେଡ୍ (କୋଷ୍ଟାଲ ରେଗୁଲେସନ ଜୋନ୍) କ୍ଲିୟରାନ୍ସ ମିଳିଛି। ଏହାକୁ ପ୍ରକଳ୍ପର ଅନୁମୋଦନ ପ୍ରକ୍ରିୟାରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହା ପରେ ବିମାନବନ୍ଦର ନିର୍ମାଣ ଆଗକୁ ବଢ଼ିବା ନେଇ ଆଶା ବଢ଼ିଛି।

୨୦୨୧ ମସିହାରୁ ପ୍ରସ୍ତାବିତ ଏହି ବିମାନବନ୍ଦରକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଜଙ୍ଗଲ ଓ ପରିବେଶ ସମ୍ବନ୍ଧୀୟ ଅନୁମତି ସମେତ ବିଭିନ୍ନ କାରଣରୁ ପ୍ରକଳ୍ପ ଅନେକ ସମୟରେ ବାଧା ସାମ୍ନା କରିଥିଲା। ଗତ ଏପ୍ରିଲରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜଙ୍ଗଲ ଜମି ବ୍ୟବହାର ନେଇ ଷ୍ଟେଜ୍-୧ ନୀତିଗତ ଅନୁମୋଦନ ମିଳିଥିଲା। ଏବେ ସିଆର୍‌ଜେଡ୍ ଅନୁମତି ମିଳିବା ପରେ ପ୍ରକଳ୍ପକୁ ନେଇ ଆହୁରି ଏକ ବଡ଼ ପ୍ରତିବନ୍ଧକ ଦୂର ହୋଇଛି। ପ୍ରସ୍ତାବିତ ବିମାନବନ୍ଦର ପାଇଁ ମୋଟ୍ ୧୧୬୪.୭୫୪ ଏକର ଜମି ଆବଶ୍ୟକ ହେଉଥିବାବେଳେ ଏଥିରୁ ୬୮ ଏକର ଜଙ୍ଗଲ ଜମି ରହିଛି। ୧୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଛି। ସମଗ୍ର ପ୍ରକଳ୍ପ ପାଇଁ ପ୍ରାୟ ୫,୬୩୧ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ପୂର୍ବ ସରକାର ସମୟରେ ବିମାନବନ୍ଦର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଇତିମଧ୍ୟରେ ବାଉଣ୍ଡାରୀ ନିର୍ମାଣ କାର୍ଯ୍ୟ ସରିଛି।

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବିମାନବନ୍ଦର ପାଇଁ ଯେଉଁ କିଛି ଜଙ୍ଗଲ ଜମି ସମସ୍ୟା ରହିଥିଲା, ତାହା ଏବେ କ୍ଲିୟର ହୋଇଯାଇଛି। ଚୂଡ଼ାନ୍ତ କ୍ଲିୟରାନ୍ସ ପାଇଁ ଅପେକ୍ଷା ଅଛି। ସିଆର୍‌ଜେଡ୍ କ୍ଲିୟରାନ୍ସ ମିଳିଥିବାରୁ ପ୍ରକଳ୍ପ ଆଗକୁ ବଢ଼ିବାର ରାସ୍ତା ସୁଗମ ହୋଇଛି। ବିଧିବଦ୍ଧ ଭାବେ ନିର୍ମାଣ କାର୍ଯ୍ୟ କିପରି ଆଗେଇବ, ସେ ନେଇ ବିମାନ ଚଳାଚଳ ଓ ବାଣିଜ୍ୟ ପରିବହନ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ବିମାନ ଚଳାଚଳ ଓ ବାଣିଜ୍ୟ ପରିବହନ ବିଭାଗର ଆବଶ୍ୟକ ଅନୁମତି ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଆଶା କରାଯାଉଛି। ସିଆର୍‌ଜେଡ୍ ଅନୁମତି ମିଳିବା ପରେ ଏବେ ବିମାନବନ୍ଦର ନିର୍ମାଣ ଶେଷ କରି ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ବିମାନବନ୍ଦର କାର୍ଯ୍ୟକ୍ଷମ ହେଲେ ପୁରୀର ପର୍ଯ୍ୟଟନ, ବାଣିଜ୍ୟ ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ୨୦୨୧ ଜାନୁଆରୀ ୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଥିଲେ। ପ୍ରସ୍ତାବିତ ବିମାନବନ୍ଦରର ନାମ 'ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର' ରଖିବାକୁ ସେ ପ୍ରସ୍ତାବ ଦେଇଥିଲେ। ପୁରୀ ଚାରିଧାମ ମଧ୍ୟରୁ ଅନ୍ୟତମ ହୋଇଥିବା ସହ ଏଠାରେ ଶ୍ରୀମନ୍ଦିର, ବିସ୍ତୃତ ବେଳାଭୂମି, ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ନିକଟବର୍ତ୍ତୀ କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକା ଭଳି ପର୍ଯ୍ୟଟନସ୍ଥଳ ରହିଛି। ପ୍ରତିଦିନ ଦେଶ ବିଦେଶରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଓ ଯାତ୍ରୀ ପୁରୀ ଆସୁଥିବାରୁ ଏଠାରେ ଅନ୍ତର୍ଜାତୀୟ ବିମାନବନ୍ଦରର ଆବଶ୍ୟକତା ରହିଥିବା ନେଇ ସେ ଚିଠିରେ ଦର୍ଶାଇଥିଲେ। ଏହାଛଡ଼ା ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପୁରୀ, କୋଣାର୍କ ଓ ପାରାଦୀପ ଦେଇ ଯିବାର ଯୋଜନା ରହିଛି। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ବିକଶିତ କରିବା ଲାଗି ପରିକଳ୍ପନା ଥିବାରୁ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଆଗମନ ଆହୁରି ବଢ଼ିବା ଆଶା କରାଯାଉଛି। ଏପରିସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପୁରୀର ପର୍ଯ୍ୟଟନ ଓ ଆର୍ଥିକ ବିକାଶକୁ ନୂଆ ଦିଗ ଦେବ ବୋଲି ଆଶା ପ୍ରକାଶ ପାଇଛି।



# ପଦାର୍ଥ ବିଜ୍ଞାନରେ ଫ୍ରାନ୍ସିସଙ୍କୁ ନୋବେଲ

ଷ୍ଟକହୋମ୍,୬।୧୦(ଏଜେନ୍ସି): ବେଲଜିୟମର ପଦାର୍ଥ ବିଜ୍ଞାନୀ ଫ୍ରାନ୍ସିସ ହାଲଜେନଙ୍କୁ ୨୦୨୬ ପାଇଁ ପଦାର୍ଥ ବିଜ୍ଞାନ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଛି। ଆଇସକ୍ୟୁବ୍ ନିଉଟ୍ରିନୋ ଅବଜରଭେଟରୀ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମହାକାଶରୁ ଆସୁଥିବା ଉଚ୍ଚ ଶକ୍ତିସମ୍ପନ୍ନ ନିଉଟ୍ରିନୋର ଆବିଷ୍କାର ପାଇଁ ରୋୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍‌ସେସ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ନିଉଟ୍ରିନୋ ହେଉଛି ସୂର୍ଯ୍ୟ, ତାରା ଏବଂ ମହାକାଶର ଅତ୍ୟନ୍ତ ଶକ୍ତିଶାଳୀ ଘଟଣାଗୁଡ଼ିକରୁ ସୃଷ୍ଟି ହେଉଥିବା ସୂକ୍ଷ୍ମ କଣିକା। ଏଗୁଡ଼ିକ ଅନ୍ୟ ପଦାର୍ଥ ଦେଇ ସହଜରେ ପାର୍ ହୋଇଯାଉଥିବାରୁ ଏହାଙ୍କୁ ଚିହ୍ନଟ କରିବା ଅତ୍ୟନ୍ତ କଠିନ। ଏହି ସମସ୍ୟାର ସମାଧାନ ପାଇଁ ୧୯୮୮ ମସିହାରେ ଫ୍ରାନ୍ସିସ ହାଲଜେନ ଦକ୍ଷିଣ ମେରୁର ବରଫକୁ ବ୍ୟବହାର କରି ନିଉଟ୍ରିନୋ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲେ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-104 •WEDNESDAY •07 OCTOBER 2026 •PAGE-12 •₹ 7.00

•ବର୍ଷ-୪୪ •ସଂଖ୍ୟା-୧୦୪ •ବୁଧବାର •୦୭ ଅକ୍ଟୋବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ସିଇସି ଜ୍ଞାନେଶଙ୍କ ଇସ୍ତଫା ଦାବି

# ସଂସଦରୁ ସଡ଼କ

## ଦିଲ୍ଲୀରେ ୨୦ ଦଳର ୩୦୦ ସାଂସଦଙ୍କ ପଦଯାତ୍ରା

■ ଆକାଶବାଣୀ ଭବନରେ ରାହୁଲ, ପ୍ରିୟଙ୍କାଙ୍କ ଧାରଣା

■ ଅଖିଳେଶ, ଅଭିଷେକଙ୍କୁ ଅଟକ ରଖିଲା ପୁଲିସ

■ ନୂଆଦିଲ୍ଲୀ, ୬।୧୦: ଏସଆଇଆର ଜରିଆରେ ୧୩ କୋଟି ଭୋଟରଙ୍କ ନାମ କାଟି 'ଭୋଟ ଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବାକୁ ଯାଇ ରାସ୍ତାକୁ ଓହ୍ଲାଇଛି ଇଣ୍ଡିଆ ମେଣ୍ଟ। ଆଜି ମେଣ୍ଟର ନେତାମା ।।ନେ ସେମାନଙ୍କର ହଜାର ହଜାର ସମର୍ଥକଙ୍କ ସହିତ ଦିଲ୍ଲୀରେ ମିଳିତ ହୋଇ ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ଜ୍ଞାନେଶଙ୍କ ଦିନ ସରୁଛି, ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଏଭଳି ଗର୍ଜନ ସହ ସଂସଦ ଭବନରୁ ବାହାରି ଏହି ପଦଯାତ୍ରା ନିର୍ବାଚନ କମିସନ ଅଫିସ ଆଡ଼କୁ ଅଗ୍ରସର ହେଉଥିବା ବେଳେ ରାସ୍ତାରେ ନେତାମାନଙ୍କୁ ଅଟକାଇଥିଲା ପୁଲିସ। ତେବେ ପୁଲିସକୁ ଚକମା ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ନିକଟବର୍ତ୍ତୀ ଆକାଶବାଣୀ ଭବନକୁ ଯାଇ ସେଠାରେ ଧାରଣା ଦେବାପରେ ପୁଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଥିଲା। ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ଦୁଇ ଜଣ କମିସନରଙ୍କୁ ଭେଟିବା ଜିଦରେ ସେମାନେ ସେଠାରେ ଧାରଣା ଦେଇଥିଲେ। ଧାରଣା ଦେବାର ୮ ଘଣ୍ଟା ପରେ ପୁଲିସ ସେମାନଙ୍କୁ ଉଠାଇନେଇ ଅଟକ ରଖିଛି।



ଜ୍ଞାନେଶ କୁମାରଙ୍କ ଇସ୍ତଫା/ବହିଷ୍କାର ଦାବିରେ ଇଣ୍ଡିଆ ମେଣ୍ଟର ନେତାମାନେ ଆଜି ପଦଯାତ୍ରା କରିବେ ବୋଲି ପୂର୍ବରୁ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବାରୁ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ସଂସଦ ଭବନ ସାମନାରେ ମେଣ୍ଟର ନେତା ଓ ସାଂସଦ ଏକତ୍ରିତ ହୋଇ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରା ଯେତେ ଆଗକୁ ବଢ଼ୁଥିଲା, ଏଥିରେ ହଜାର ହଜାର ଲୋକ ସାମିଲ ହେବାକୁ ଲାଗିଥିଲା। କିଛି ସମୟ ମଧ୍ୟରେ ଏହା ଜନସମୁଦ୍ରରେ ପରିଣତ ହୋଇଥିଲା। ପଦଯାତ୍ରାରେ କଂଗ୍ରେସ ସମେତ ଟିଏମସି, ସମାଜବାଦୀ ପାର୍ଟି, ଆରଜେଡି, ଜେଏମଏମ, ଉଦ୍ଧବ ସେନା, ଶରଦ ଏନସିପି, ବାମପନ୍ଥୀ ଦଳ, ନେସନାଲ କନଫେ ।।ରେନ୍ସ ଓ ବିଜେଡି ସମେତ ଅନ୍ୟ ବିରୋଧୀ ଦଳର ନେତା ଏବଂ ମେଣ୍ଟର ୩୦୦ ସାଂସଦ ସାମିଲ ହୋଇଥିଲେ। ପଦଯାତ୍ରା ବେଳେ କେନ୍ଦ୍ର ସରକାର ଏବଂ ଜ୍ଞାନେଶ କୁମାର ବିରୋଧୀ ସ୍ଲୋଗାନରେ କମ୍ପିଥିଲା ରାଜଧାନୀ। ନେତାମାନେ ଆରଏସଏସ୍ ବେଶରେ ଜ୍ଞାନେଶ କୁମାରଙ୍କ ଏକ କଟଆଉଟ୍ ଧରିବା ସହିତ 'ବିଜେପି ହୈ, ସିଇସି ହୈ', 'ଭୋଟ୍ ଚୋର, ଗଦି ଛୋଡ଼' ଏବଂ 'ଡେମୋକ୍ରାସି ନଟ୍ ଫର ସେଲ୍' ଭଳି ସ୍ଲୋଗାନ ଦେଉଥିଲେ।

ଜ୍ଞାନେଶଙ୍କ ଇସ୍ତଫା ଦାବିରେ ▶ପୃଷ୍ଠା-୭

## ଏସ୍ଆଇଆର୍ ବିରୋଧୀ ପଦଯାତ୍ରାରେ ସାମିଲ ହେଲା ବିଜେଡି

# ସିଇସିଙ୍କ ଇସ୍ତଫା ପର୍ଯ୍ୟନ୍ତ ଆନ୍ଦୋଳନ

■ ଭୁବନେଶ୍ୱର,୬।୧୦(ସମିସ): ଏସ୍ଆଇଆର ପ୍ରସଙ୍ଗରେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ବିରୋଧୀଦଳଗୁଡ଼ିକ ପକ୍ଷରୁ ବିରୋଧ ପଦଯାତ୍ରାରେ ସାମିଲ ହୋଇଛି ବିଜେଡି। ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ




ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭାରେ ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ, ମୁଖ୍ୟ ସଚେତକ ସୁଲତା ଦେଓ ଏବଂ ପୂର୍ବତନ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ ଏଥିରେ ସାମିଲ ହୋଇଛନ୍ତି। ଯେତେପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ପଦବୀରୁ ହଟାଯାଇ ନାହିଁ, ଆମର ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି।

### କୌଣସି ମେଣ୍ଟରେ ବିଜେଡି ସାମିଲ ନାହିଁ: ମାନସ

ସେ କହିଛନ୍ତି ଯେ ଏସ୍ଆଇଆର୍‌ରେ ଯାବତୀୟ ଅନିୟମିତା ଧରା ପଡ଼ିବା ପରେ ଜ୍ଞାନେଶ କୁମାର ସିଇସି ପଦରେ ରହିବାର ନୈତିକତା ହରାଇ ସାରିଛନ୍ତି। ତାଙ୍କର ଇସ୍ତଫା ବା ବହିଷ୍କାର ଆମର ଦାବି । ଏକ ଦାୟିତ୍ୱସମ୍ପନ୍ନ ଆଞ୍ଚଳିକ ଦଳ ଭାବରେ ଆମର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବାଦ ପଦଯାତ୍ରାରେ ଯୋଗଦେଇଛୁ। ଆମେ ଏନଡିଏ କିମ୍ବା ଏନଡିଏ ମେଣ୍ଟରେ ନ ଥିଲେ ହେଁ ବିରୋଧୀ ଦଳରେ ରହିଛୁ ଓ ପଦଯାତ୍ରାରେ ଅଂଶଗ୍ରହଣ କରିଛୁ। ଏସଆଇଆର ପ୍ରକ୍ରିୟାରେ ସାରା ଦେଶରେ ୧୩ କୋଟିରୁ ଉର୍ଦ୍ଧ୍ୱ ଏବଂ ଓଡ଼ିଶାରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କାଟି ଦିଆଯାଇଛି। ଅତ୍ୟନ୍ତ ତଞ୍ଚକତା କରି ଏହି ଭୋଟରମାନଙ୍କ

▶ପୃଷ୍ଠା-୭

# ଅଶିଣରେ ବୈଶାଖ ଭ୍ରମ

■ ସ୍ୱାଭାବିକଠାରୁ ୪ ଡିଗ୍ରୀ ଉପରେ ରହିଛି ତାତି

■ ୩୫ ଡିଗ୍ରୀ ଉପରେ ଅଧିକାଂଶ ସହରର ତାପମାତ୍ରା

■ ପୁରୀରେ ଭାଙ୍ଗିଲା ୧୩୦ବର୍ଷର ଅକ୍ଟୋବର ରେକର୍ଡ

■ ରାଜ୍ୟରେ ୩ ଦିନ ବର୍ଷା-ବଜ୍ରପାତ ପାଇଁ ସତର୍କତା

■ ଭୁବନେଶ୍ୱର, ୬।୧୦ (ସମିସ): ମୌସୁମୀ ଅପସାରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ନିର୍ମଳ ଆକାଶ ଯୋଗୁଁ ରାଜ୍ୟରେ ଦିନ ତାପମାତ୍ରା ବଢ଼ିଚାଲିଛି। ଅଶିଣରେ ଅନୁଭୂତ ହେଉଛି ବୈଶାଖ ପରି ତାତି। ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଛି। ପୁରୀରେ ସୋମବାର ୩୬.୬ ଡିଗ୍ରୀ ତାପମାତ୍ରା ଦୀର୍ଘ ୧୩୦ ବର୍ଷର ରେକଡର୍ ଭାଙ୍ଗିଛି। ଏହିକ୍ରମରେ ମଙ୍ଗଳବାର ମଧ୍ୟ ତାତିରୁ ଆଶ୍ୱସ୍ତି ମିଳିନାହିଁ। ପୁରୀରେ ୩୬.୬ ଡିଗ୍ରୀ, ଭୁବନେଶ୍ୱରରେ ୩୫.୮, ଚାନ୍ଦବାଲିରେ ୩୫.୮, ବାଲେଶ୍ୱର ଓ ଗୋପାଳପୁରରେ ୩୫.୨ ଏବଂ କଟକରେ ୩୪.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅନେକ ସ୍ଥାନରେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୪ ଡିଗ୍ରୀ ଅଧିକ।

ଅନ୍ୟପକ୍ଷରେ ତାତି ସାଙ୍ଗକୁ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ମଧ୍ୟ ହୋଇଛି। ଓଡ଼ିଶା ଉପରେ ଥିବା ଟ୍ରଫ୍‌ଲାଇନ୍? ଯୋଗୁଁ ପୂର୍ବାଳୀ ପବନ ରାଜ୍ୟକୁ ପ୍ରବେଶ କରୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ଥିବାରୁ ଉତ୍ତର ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ସମେତ କେତେକ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୩ ଦିନ ପାଇଁ ବର୍ଷା, ଘଡ଼ଘଡ଼ି ଓ

▶ପୃଷ୍ଠା-୭







ସକାଳ THE SAKALA



www.sakalaepaper.com

### କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ବିଜେପିର ସବୁ ଆଶ୍ୱାସନା, ପ୍ରତିଶ୍ରୁତି ଧୂଆଁବାଣ

କେନ୍ଦୁଝର, ୬।୧୦(ସମିସ)





କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର କେନ୍ଦୁଝର ଅଡିଟୋରିଅମଠାରେ ଅନୁଷ୍ଠିତ ହୋଇଛି। ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ଦେଶରେ ଏକ ମିଛୁଆ ସରକାର ଚାଲିଛି। ଦେଶର ବୈଦେଶିକ ନୀତି ବିଫଳ ହୋଇଛି। ସରକାର ନିଜେ ନିଜର ପିଠି ଥାପୁଡେଇ ବାହାବା ନେଉଛନ୍ତି। ରାଜ୍ୟରେ ପାଠ୍ୟ ପୁସ୍ତକ ବିଭ୍ରାନ୍ତି ଆମକୁ ଲଜ୍ଜିତ କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୪ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା ମାତ୍ର ସମଗ୍ର ଦେଶରେ ଆୟୁଷ୍ମାନ ଯୋଜନାରେ ମାତ୍ର ୬ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯିବା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ସାଙ୍ଗରେ ଡବଲ ଇଂଜିନ ସରକାର ଖେଳ ଖେଳିଛି ବୋଲି ସେ କହିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ରାଜ୍ୟ ସରକାରଙ୍କ ୨୭ ମାସରେ ୨୭ଟି ବିଫଳତା ଜଳଜଳ ହୋଇ ଦେଖାଯାଉଛି।

ସରକାରଙ୍କ ବିଫଳତାକୁ ନେଇ ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ସରକାର ଥିବା ସମୟରେ ୨ଲକ୍ଷ ୬୫ହଜାର କୋଟି ବଜେଟ ଛାଡ଼ିଥିଲୁ କିନ୍ତୁ ଏବେ ଶତକଡା ୧୯ପ୍ରତିଶତ କେନ୍ଦ୍ରୀୟ ଅନୁଦାନ କମ ଆସିଛି। ଆଜି ଓଡ଼ିଆ ଅସ୍ମିତା କୁଆଡେ ଗଲା ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଥିବା ବେଳେ ଓଡିଶାରୁ ନିର୍ବାଚିତ ହୋଇଥିବା ୨୦ ଜଣ ଏମପି ଚୁପ ହୋଇ ବସିଛନ୍ତି ବୋଲି ସେ କହିବା ସହ ରାଜ୍ୟରେ ପ୍ରତିଦିନ ଦୁଷ୍କର୍ମ ହେଉଛି। ସରକାରଙ୍କୁ ଆହ୍ୱାନ ଦେଇ ଲୋକମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାର ଦିଅ ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ସାରା ଦେଶକୁ ଭୁଆଁ ବୁଲେଇବାରେ ମାଷ୍ଟର। ରାଜ୍ୟରେ ପ୍ରଭୁଙ୍କୁ ନେଇ ରାଜନୀତି, ରଙ୍ଗକୁ ନେଇ ରାଜନୀତି କରୁଛନ୍ତି। ପ୍ରତି ମାସରେ ଭତ୍ତା ପାଉନାହାନ୍ତି ହିତାଧିକାରୀ, ୩ହଜାର ଟଙ୍କା ଭତ୍ତା କୁଆଡେ ଗଲା ଆଉ ୩୦୦ ୟୁନିଟ ବିଜୁଳି ବିଲ୍ ମିଥ୍ୟା ଆଶ୍ୱାସନାରେ ପରିଣତ ହୋଇଛି। ଦିନେ ଧରଣୀଧର ମାଟିରୁ

### ମୋଦୀ ଭୁଆଁ ବୁଲାଇବାରେ ମାଷ୍ଟର; ଏମ୍‌ଏମ୍‌ଡିଆର ଆକ୍ଟକୁ ତୀବ୍ର ବିରୋଧ

ବିପ୍ଳବର ସ୍ୱର ଶୁଭିଥିବା ବେଳେ କଲରା ମୁଣ୍ଡାର ବ୍ୟାଙ୍କ ଜମା ତାର ଭାଇ ଜିତୁ ମୁଣ୍ଡାକୁ ମିଳିଲା ନାହିଁ, ଜଣେ କନେଷ୍ଟବଳ ସ୍ୱାମୀଙ୍କୁ ହତ୍ୟା କରାଗଲା ତେଣୁ କେନ୍ଦୁଝରକୁ ନେଇ ଆମେ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ହେଲେ। କେନ୍ଦୁଝର ଜିଲ୍ଲାରେ ରାଜ୍ୟର ସର୍ବାଧିକ ଡ୍ରପ ଆଉଟ ବୋଲି ସେ କହିଥିଲେ।

ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଅତୀତରେ ଦଳର ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହିତ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବାକୁ ହେବ ବୋଲି କହିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ସଦର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀନୀ ମୀନା ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କମଳିନୀ ପାତ୍ର, ଯୁବ ସଭାପତି ରାକେଶ ରାମ, ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ, ସତ୍ୟବ୍ରତ ନାୟକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାୟକ, ବରିଷ୍ଠ ନେତା ବିକ୍ରମ କେଶରୀ ବିଶ୍ୱାଳ, ତେଲକୋଇ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସିଂ, ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗିରିଧାରୀ ମହାନ୍ତ, ଇଂ ହରିଭକ୍ତ କୁନା ଗିରି, ଦୁର୍ଯ୍ୟୋଧନ ବାରିକ, କାଉନସିଲର ସୁରେନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ଗୌରାଙ୍ଗ ରଣା, ବରିଷ୍ଠ ନେତା ବିଜୟ ମହାନ୍ତି, ହାଟଡିହି ବ୍ଲକର ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କାଉନସିଲର କେକି କାକଳି କୁମୁରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଜିଲ୍ଲା ସଭାପତି ବିମ୍ବାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏମଏମଡିଆର ଆକ୍ଟ, ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି, କେନ୍ଦୁଝର ଜିଲ୍ଲାରେ ଆଇନଶୃଙ୍ଖଳାରେ ଅଧୋଗତି ଓ ଧରଣୀଧର ବିଶ୍ୱବିଦ୍ୟାଳୟର ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ ଆନ୍ଦୋଳନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଧରଣୀଧର ମହାବିଦ୍ୟାଳୟର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ସାହୁ, ରାଜକିଶୋର ନନ୍ଦ, ସିଦ୍ଧେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଏକ ଭିଡିଓ ବାର୍ତ୍ତା ପ୍ରସାରିତ ହୋଇଥିଲା।



ଆନନ୍ଦପୁର: କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ପ୍ରଥମ ସଭାପତି ସ୍ୱର୍ଗତ କ୍ଷେତ୍ରମୋହନ ପହିଙ୍କ ଶ୍ରାଦ୍ଧ ମହୋତ୍ସବରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନଙ୍କୁ "କ୍ଷେତ୍ରମୋହନ ପ୍ରଜ୍ଞା ସମ୍ମାନ' ପ୍ରଦାନ

## ଦେଶୀ ବନ୍ଧୁକ ସହ ଶିକାର ସାମଗ୍ରୀ ଜବତ; ୩ ଗିରଫ

ତୁରୁମୁଙ୍ଗା, ୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଭୀମକୁଣ୍ଡ ବୈତରଣୀ ନଦୀ ପୋଲ ନିକଟରେ ଘଟଗାଁ ଥାନା ପୁଲିସ ପକ୍ଷରୁ ମଙ୍ଗଳବାର ନାକା ଚେକିଂ ସମୟରେ ଏକ ବାଇକ୍‌ରୁ ୨ ଟି ଦେଶୀ ବନ୍ଧୁକ ସହ ଧନୁ, ତୀର ଲୁହା ରଡ ଜବତ କରାଯାଇଛି। ବାଇକ୍‌ରେ ଥିବା ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା କୋଲିପାସି ଗ୍ରାମର ରାମ ହାଁସଦା (୨୩), ଭାଦା ମାରାଣ୍ଡି (୨୫) ଓ ମନମୋହନ ହାଁସଦା (୨୪)। ୩ ଯୁବକ କରଞ୍ଜିଆ ପଟୁ ଆସୁଥିବା ଏକ ମୋଟରସାଇକଲକୁ (ଓଡି-୧୧-ଡବ୍ଲ୍ୟୁ-୯୦୮୦) ସନ୍ଦେହରେ ଅଟକାଇ ଯାଞ୍ଚ କରାଯିବାରୁ ଏସବୁ ସାମଗ୍ରୀ ମିଳିଥିଲା। ପଚରାଉଚରା ବେଳେ ସେମାନେ ଶିକାର ଉଦ୍ଦେଶ୍ୟରେ ଘଟଗାଁ ଅଞ୍ଚଳକୁ ଯାଉଥିବା ପୁଲିସକୁ କହିଥିଲେ। ଏନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି।

## କଣ୍ଟିଆପଡ଼ାରେ ସେବା ସେତୁ ଅଭିଯାନ

ତୁରୁମୁଙ୍ଗା, ୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ସଭାଗୃହରେ 'ସେବା ସେତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ କେନ୍ଦେଇପଶି, ଚାକୁଣ୍ଡାପାଳ ଓ କଣ୍ଟିଆପଡ଼ା ପଞ୍ଚାୟତର ଲୋକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଶେଷକରି ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଆବାସ ଯୋଜନା, ରାସନ କାର୍ଡ, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ସ୍ୱାସ୍ଥ୍ୟସେବା, ଆଧାରକାର୍ଡ ଏବଂ ଜମିଜମା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଶୁଣାଣି ହୋଇଥିଲା। ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ବ୍ଲକ ଶ୍ରମ ଅଧିକାରୀ ଅମରେଶ କର, ଯୋଗାଣ ଅଧିକାରୀ ଦେବରାଜ ଭୋଇ, ବିଏସ୍‌ଏସ୍‌ଓ ଅଭୟ ଚରଣ ଦେହୁରୀ, ବିପିସି ସୁରେନ୍ଦ୍ର ଖଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କଣ୍ଟିଆପଡ଼ା ସରପଞ୍ଚ ଲିନା ନାୟକ, ପଞ୍ଚାୟତର ପିଇଓ, ଏଡିଓଙ୍କ ସମେତ ଅନ୍ୟ କର୍ମଚାରୀ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ।

## ପତଳା ଗାଁରେ ହାତୀ ଆତଙ୍କ; ରେଞ୍ଜରଙ୍କୁ ଦାବିପତ୍ର

ଚମ୍ପୁଆ, ୬।୧୦(ସମିସ): ଚମ୍ପୁଆ ବନାଞ୍ଚଳ ଅଧୀନ ପତଳା ଗ୍ରାମରେ ହାତୀପଲଙ୍କ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଦୁଇ ମାସ ଧରି ହାତୀପଲ ଗାଁ ନିକଟସ୍ଥ ଚାଷଜମିରେ ପଶି ଫୁଲ ଧରିଥିବା ଧାନଗଛକୁ ପାଦରେ ଦଳି ନଷ୍ଟ କରୁଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହାତୀପଲଙ୍କ ଉପଦ୍ରବରେ ଧାନଚାଷ ନଷ୍ଟ ହେଉଥିବା ଅଭିଯୋଗ ନେଇ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଚମ୍ପୁଆ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚି ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ହାତୀପଲଙ୍କୁ ତୁରନ୍ତ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଦେବାକୁ ସେମାନେ ଦାବି କରିଛନ୍ତି। ଏଥିସହ ହାତୀ ଘଉଡ଼ାଇବା ପାଇଁ ଅଧିକ ବନ କର୍ମଚାରୀ ନିୟୋଜିତ କରିବାକୁ ମଧ୍ୟ ଦାବି ହୋଇଛି। ହାତୀପଲ ବାରମ୍ବାର ଗାଁମୁହାଁ ହେଉଥିବାରୁ ଧନଜୀବନ ପ୍ରତି ବିପଦ ଆଶଙ୍କାରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏନେଇ ଚମ୍ପୁଆ ବନାଞ୍ଚଳ ଅଧିକାରୀ ସାଗରରାଜ ନାୟକ କହିଛନ୍ତି, ପତଳା ଅଞ୍ଚଳରେ ହାତୀ ଘଉଡ଼ାଇବା ପାଇଁ ଆଜିଠାରୁ ଅଧିକ ବନ କର୍ମଚାରୀ ନିୟୋଜିତ କରାଯିବ। ଆବଶ୍ୟକ ପଡ଼ିଲେ ପୁଲିସର ସହାୟତା ନିଆଯିବ। ହାତୀପଲଙ୍କୁ ହଇରାଣ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ହାତୀପଲଙ୍କୁ ଘଉଡ଼ାଇବା ପରେ କ୍ଷତିଗ୍ରସ୍ତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ କରାଯାଇ ନିୟମାନୁସାରେ ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## ସାଇ ସଂଗଠନ ଉପଦେଷ୍ଟାଙ୍କ ଦେହାନ୍ତ



ଆନନ୍ଦପୁର, ୬।୧୦ (ସମିସ): ଆନନ୍ଦପୁର ସତ୍ୟସାଇ ସେବା ସଂଗଠନର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ବିଡିଓ ବଂଶୀଧର ଦାସ (୯୪)ଙ୍କ ଦେହାନ୍ତ ହୋଇଯାଇଛି। ସେ ଅବସର ପରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଶ୍ରୀ ସତ୍ୟସାଇ ସେବା ସଂଗଠନରେ ସମର୍ପିତ କରୁଥିଲେ। ଭୁବନେଶ୍ୱରସ୍ଥିତ ଫରେଷ୍ଟ ପାର୍କଠାରେ ଚିକିତ୍ସିତ ହେଉଥିବା ବେଳେ ହଠାତ ଅସୁସ୍ଥ ହୋଇପଡିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କ ବିୟୋଗରେ ଆନନ୍ଦପୁର ଓ କେନ୍ଦୁଝର ଜିଲ୍ଲାର ଶ୍ରୀ ସତ୍ୟସାଇ ସଂଗଠନ ଭାଇ ଭଉଣୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଂଗଠନ କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟନଗର ଶ୍ମଶାନଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସଞ୍ଜୟ ଦାସ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ସମୟରେ ତାଙ୍କର କନ୍ୟା, ଏବଂ ଜ୍ୱାଇଁ ଶରତ ପଟ୍ଟନାୟକ, ଡ଼. ଜଗନ୍ନାଥ ଦାସ, ଦିଲ୍ଲୀପ ଧଳ, ଚତୁର୍ଭୁଜ ସାହୁ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ।

## ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଯୁଗ୍ମ ନିର୍ଦ୍ଦେଶିକା



ଆନନ୍ଦପୁର, ୬।୧୦ (ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଯୁଗ୍ମ ନିର୍ଦ୍ଦେଶିକା ତଥା ଅତିରିକ୍ତ ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ କେନ୍ଦୁଝର ଗସ୍ତରେ ଆସି ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକ, ଲାଇବ୍ରେରିଆନ୍ ନାରାୟଣ ଦାଶଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ଏଥିସହ ସେ କାର୍ଯ୍ୟାଳୟର ପାଠାଗାର ପରିଦର୍ଶନ କରି ଏହାର ସ୍ଥିତି ଯାଞ୍ଚ କରିଥିଲେ। ପାଠାଗାରର ଆବଶ୍ୟକ ମରାମତି କରାଯାଇ ପାଠକମାନଙ୍କ ପାଇଁ ଅଧିକ ସୁବିଧା ଓ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ଶ୍ରୀମତୀ ଦାଶ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାବଳୀକୁ ସୁଚାରୁରୂପେ ସମ୍ପାଦନ କରିବା ସହ ଉପଖଣ୍ଡ ପ୍ରଶାସନ ଏବଂ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଯୋଗସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼, ସକ୍ରିୟ ଓ କାର୍ଯ୍ୟକ୍ଷମ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

## ଅନାଥ ଦୁଇ ଶିଶୁଙ୍କ ଥଇଥାନ ଦାବି



ତୁରୁମୁଙ୍ଗା, ୬।୧୦(ସମିସ): ପ୍ରଥମେ ମା'ଙ୍କ ମୃତ୍ୟୁ। କିଛିଦିନ ପରେ ବାପାଙ୍କ ମୃତ୍ୟୁ। ଏବେ ଉଭୟ ମା'ବାପାଙ୍କୁ ହରାଇବା ପରେ ଜେଜେମା'ଙ୍କ ଆଶ୍ରୟରେ ବଢୁଥିଲେ ଦୁଇ ଶିଶୁ। ହେଲେ ଏବେ ଜେଜେମା'ଙ୍କ ମୃତ୍ୟୁ ପରେ ଦୁଇ ଶିଶୁ ଅନାଥ ଓ ବେସାହାରା ହୋଇ ପଡିଛନ୍ତି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ସଡ଼ଙ୍ଗି ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା।

ସଡ଼ଙ୍ଗି ଗ୍ରାମର ସଞ୍ଜୟ ବେଣ୍ଟକାର ଓ ମିଲି ବେଣ୍ଟକାରଙ୍କ ଦୁଇ ପୁଅ ଏବେ ସମ୍ପୂର୍ଣ୍ଣ ଅନାଥ ହୋଇପଡ଼ିଛନ୍ତି। ବଡ଼ ପୁଅ ଶୁବନ ବେଣ୍ଟକାରଙ୍କ ବୟସ ୧୦ ବର୍ଷ ହୋଇଥିବା ବେଳେ ସାନ ପୁଅ ସୁମନ ବେଣ୍ଟକାରଙ୍କ ବୟସ ୬ ବର୍ଷ ହୋଇଥିବା ବେଳେ ଆଧାରକାର୍ଡ ହୋଇ ନଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଇଛି। ଦୁଇ ବର୍ଷ ପୂର୍ବରୁ ପ୍ରଥମେ ମା' ମିଲି ବେଣ୍ଟକାରଙ୍କ ମୃତ୍ୟୁ ହୋଇଥିଲା। ଏହାର କିଛିଦିନ ପରେ ବାପା ସଞ୍ଜୟ ବେଣ୍ଟକାରଙ୍କ ମଧ୍ୟ ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ଜେଜେମା' କାନ୍ଦ୍ରୀ ବେଣ୍ଟକାର ଦୁଇ ଶିଶୁଙ୍କ ଲାଳନପାଳନ କରୁଥିଲେ। ହେଲେ ପ୍ରାୟ ୬ ଦିନ ତଳେ ଜେଜେମା'ଙ୍କ ମୃତ୍ୟୁ ପରେ ଦୁଇ ଶିଶୁଙ୍କ ମୁଣ୍ଡ ଉପରୁ ଶେଷ ଆଶ୍ରୟ ମଧ୍ୟ ହଟିଯାଇଛି। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଏବେ ଶୁଦ୍ଧି ମଧ୍ୟ କିପରି କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି ଦୁଇ ଶିଶୁ। ଘଟଣା ସମ୍ପର୍କରେ ଖବର ପାଇ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତଙ୍କ ସହ ସଚିଦାନନ୍ଦ ସାହୁ, ନିରୋଜ ସାହୁ, ବାବୁଲୁ ନାଏକ, ପୃଥିରାଜ ସାହୁ, ଅରୁଣ ସାହୁ ଅନାଥ ଦୁଇ ଶିଶୁଙ୍କ ନିକଟରେ ପହଞ୍ଚି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଦୁଇ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଉପଯୁକ୍ତ ଥଇଥାନ ସହ ଶିକ୍ଷା, ସୁରକ୍ଷା ଓ ଲାଳନପାଳନର ବ୍ୟବସ୍ଥା କରିବାକୁ ଦାବିକରି ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଦୁଇ ଶିଶୁଙ୍କୁ ଉଦ୍ଧାର କରି ଆବାସିକ ବିଦ୍ୟାଳୟରେ ନାମ ଲେଖାଇ ଥଇଥାନ କରାଯିବ ବୋଲି ଚମ୍ପୁଆ ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାଏକ କହିଛନ୍ତି।

## ବିଭିନ୍ନ ସ୍ଥାନରେ ଗଣେଶ ଭସାଣି ଉତ୍ସବ

ଆନନ୍ଦପୁର, ୬।୧୦ (ସମିସ): ଖପରାଖାଇ-ଘସିପୁରା ବସଷ୍ଟାଣ୍ଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ରଦର୍ସ କ୍ଲବ ପକ୍ଷରୁ ଗଜାନନ ମହାପ୍ରଭୁଙ୍କ ଭସାଣି ଉତ୍ସବ ଶେଷ ହୋଇଛି। ଅନ୍ନପୂର୍ଣ୍ଣା ମୁଜିକାଲ ସହ ବିଭିନ୍ନ ଗ୍ରୁପର ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ଭିଡ଼ ଜମିଥିଲା। ସହର ପରିକ୍ରମା ସହ ଶେଷରେ ସ୍ଥାନୀୟ ରାଜଘାଟରେ ଗଜାନନଙ୍କ ବିସର୍ଜନ ହୋଇଥିଲା। କ୍ଲବର ସଦସ୍ୟ କୃଷ୍ଣ ବହାଦୁର, ଜଗବନ୍ଧୁ ପାତ୍ର, ବାପୁନ ବିହାରୀ ବାରିକ, ତ୍ରିଲୋଚନ ସାହୁ, ସୁରେନ୍ଦ୍ର ପାତ୍ର, ସନିଆ ବିନ୍ଧାଣି, ଶିଶିର କାରୁଆ, ଚିନ୍ମୟ କୈବର୍ତ୍ତ, ଦିଲ୍ଲୀପ ଦାଶ, ନରେନ୍ଦ୍ର ନାରାୟଣ ଦାଶ ଗୌରାଙ୍ଗ ପାତ୍ର, ମନୋଜ ଜେନା, ସନୁ କୈବର୍ତ୍ତ ସାମିଲ ହୋଇଥିଲେ। ସେହିପରି ଘସିପୁରା ବ୍ଲକ ଅନ୍ତର୍ଗତ ଅଳତୀ ସାହୁ ମାର୍କେଟ ସିଦ୍ଧି ବିନାୟକ ପୂଜା କମିଟିର ଭସାଣି ଉତ୍ସବ ଧୁମଧାମରେ ଶେଷ ହୋଇଛି। ପ୍ରଥମେ ସିଦ୍ଧି ବିନାୟକଙ୍କ ପୂଜା ସହ ତିନି ଦିନ ଧରି ପାଲା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ଶେଷରେ ବାବା ଗଜାନନ ସିଦ୍ଧି ବିନାୟକଙ୍କ ଭସାଣି ଯାତ୍ରା ପାରମ୍ପରିକ ଢୋଲ-ବାଜା, ଆକର୍ଷଣୀୟ ଆଲୋକ ସାଜସଜ୍ଜା ଏବଂ ଭବ୍ୟ ଶୋଭାଯାତ୍ରା ସହିତ ଅଳତୀରେ ଗଣେଶ ଭସାଣି ଅନୁଷ୍ଠିତ ହୋଇଥିଲା। ସବୁଠାରୁ ଆକର୍ଷଣୀୟ ଭସାଣି ଶୋଭାଯାତ୍ରା ସହ 'ଆଜ୍ଞା ଲଡୁ' ଗ୍ରାମର ସମସ୍ତ ଭକ୍ତମାନଙ୍କୁ ବଣ୍ଟନର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସିଦ୍ଧି ବିନାୟକ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହ ସାହୁ ମାର୍କେଟର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।

## ବେଆଇନ ବାଲି ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୬।୧୦(ସମିସ): ମଙ୍ଗଳବାର ଅପରାହ୍ନରେ ପାଟଣା ସେକ୍ସନ ଅନ୍ତର୍ଗତ ପାଟଣା ବିଟ୍ ଜାମୁପୋଷି ଗ୍ରାମ ବୈତରଣୀ ନଦୀ ଘାଟରେ ବନ ବିଭାଗ ଚଢ଼ଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଉକ୍ତ ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସମୟରେ ବନବିଭାଗ ଟିମ୍ ଚଢ଼ଉ କରି ଜବତ ଟ୍ରାକ୍ଟର ଦୁଇଟିକୁ ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା ବନପାଳ ନିରଞ୍ଜନ ସେଠୀ କହିଛନ୍ତି।

## ଚମ୍ପୁଆ କେରଳା ଇଂଲିଶ ମିଡିୟମ୍ ସ୍କୁଲକୁ 'ବେଷ୍ଟ ସ୍କୁଲ' ସମ୍ମାନ

ଚମ୍ପୁଆ, ୬।୧୦(ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆ କେରଳା ଇଂଲିଶ ମିଡିୟମ୍ ସ୍କୁଲ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି 'ବେଷ୍ଟ ସ୍କୁଲ' ସମ୍ମାନରେ ସମ୍ମାନିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ.ପି.ଏସ୍.ରାଜମୋହନ, ସମ୍ପାଦିକା ଉମା ରାଜମୋହନଙ୍କୁ ବିଦ୍ୟାଳୟର ଉତ୍କୃଷ୍ଟ ଶିକ୍ଷାଦାନ, ଶୈକ୍ଷିକ ପରିବେଶ ଓ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୁମ୍ବାଇସ୍ଥିତ ନେସ୍କୋ ପରିସରରେ ଅକ୍ଟୋବର ୬, ୭ ଓ ୮ ତାରିଖରେ ଆୟୋଜିତ ଶିକ୍ଷା ସମ୍ପର୍କିତ ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଡ. ରାଜମୋହନ ପି.ଏସ୍.ଙ୍କୁ ଏହି ପ୍ରଶଂସା ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇଛି। ଏହି ସଫଳତା ବିଦ୍ୟାଳୟର ଶିକ୍ଷାର ଗୁଣବତ୍ତାକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଥିବା ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ନିନ୍ଦା

ଆନନ୍ଦପୁର, ୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନାଞ୍ଚଳର ସୁଆଁ ପଦାଠାରେ ବରିଷ୍ଠ ସାମ୍ବାଦିକ ମାନସ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣକୁ ଆନନ୍ଦପୁର ଗଣମାଧ୍ୟମର ପ୍ରତିନିଧିମାନେ ନିନ୍ଦା କରିଛନ୍ତି। ଆକ୍ରମଣରେ ମାନସଙ୍କ ଡାହାଣ ଗୋଡ଼ ଜଙ୍ଘ ଭାଙ୍ଗି ଯାଇଛି। ତାଙ୍କ ଦେହରେ ଅନେକ ଆଘାତ ଲାଗିଛି। ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅଛନ୍ତି। ମାନସ କୌଣସି କାମରେ ଭୁବନେଶ୍ୱର ଯାଉଥିବା ବେଳେ ସୁଆଁପଦାଠାରେ ଗାଡ଼ି ଓଭରଟେକକୁ ନେଇ ସାଇଁକୁଳ ଗ୍ରାମର ପଙ୍କଜ ପଣ୍ଡାଙ୍କ ସହ ଯୁକ୍ତିତର୍କ ଆରମ୍ଭ ହୋଇ ପେଲାପେଲିରେ ମାନସ ଗୁରୁତର ଆହତ ହୋଇଛନ୍ତି। ପୁଲିସ ପକ୍ଷରୁ ଘଟଣା ସମ୍ପର୍କରେ ତଦନ୍ତ ଅବ୍ୟାହତ ରହିଛି।

### ରାସ୍ତାରେ ନିର୍ମାଣ ସାମଗ୍ରୀ ପାଇଁ ଛାତ୍ରଙ୍କ ମୃତ୍ୟୁ ଘଟଣା

## ଓଏଚଆରସିର ଦ୍ୱାରସ୍ଥ ମାନବଧିକାର କର୍ମୀ

### ୨୦ ଲକ୍ଷ କ୍ଷତିପୂରଣ ସହ ମୃତକଙ୍କ ପରିବାରକୁ ନ୍ୟାୟ ପାଇଁ ପ୍ରାର୍ଥନା



କେନ୍ଦୁଝର, ୬।୧୦(ସମିସ): କେନ୍ଦୁଝର ସହରର କୃଷକ ବଜାରସ୍ଥିତ ପଣ୍ଡା କ୍ଲଥ୍ ଷ୍ଟୋର ନିକଟରେ ରାସ୍ତା ଉପରେ ବାଲି ଓ ଚିପ୍ସ ପକାଇ ରଖିବା ଯୋଗୁଁ ଦୁର୍ଘଟଣାରେ ଜଣେ ୨୨ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ଘଟଣା ରାଜ୍ୟ ମାନବଧିକାର କମିସନଙ୍କ ନିକଟରେ ପହଞ୍ଚିଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଡହଳ ଗ୍ରାମର ଶୁଭ୍ରାଂଶୁ ବେହେରା ଗତ ସେପ୍ଟେମ୍ବର ମାସ ୨ ତାରିଖ ରାତି ପ୍ରାୟ ୮ଟା ସମୟରେ ସେ ମୋଟରସାଇକଲରେ ଘରକୁ ଫେରୁଥିବାବେଳେ ରାସ୍ତା ଉପରେ ପଡ଼ିଥିବା ବାଲି ଓ ଗୋଡ଼ି ଯୋଗୁଁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସେପ୍ଟେମ୍ବର ୩ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁଭ୍ରାଂଶୁ ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର +୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଘଟଣାସ୍ଥଳରେ ପ୍ରାୟ ତିନି ମାସ ଧରି ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପଡ଼ି ରହିଥିଲା। ଯାତାୟାତ ପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। କେନ୍ଦୁଝର ଟାଉନ ଥାନା ନିଜ ଆଡୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬(୧) ଓ ୨୮୧ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ନିର୍ମାଣକାର୍ଯ୍ୟ ପାଇଁ ରାସ୍ତାରେ ସାମଗ୍ରୀ ରଖିଥିବା ବ୍ୟକ୍ତି ଓ ସମ୍ପୃକ୍ତ ପୌର ଅଧିକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ, ରାସ୍ତା ଅବରୋଧ ସମ୍ପର୍କିତ ରେକର୍ଡ ଓ ସିସିଟିଭି ଫୁଟେଜ୍, ଦାୟୀ ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ କମିସନଙ୍କ ନିକଟରେ ହିମାଂଶୁ ଦାବି କରିଛନ୍ତି।

### ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

## ସାମିଲ ହେଲେ ୩୦ ଜିଲ୍ଲାରୁ ୧୦୦୦ କ୍ରୀଡ଼ାବିତ୍

କେନ୍ଦୁଝର, ୬।୧୦(ସମିସ)



- ଅଣ୍ଡର-୧୭ ବାଳକ ଓ ଅଣ୍ଡର-୧୪ ବାଳକରେ କେନ୍ଦୁଝର ଚାମ୍ପିଅନ୍
- ବାଳିକା ବିଭାଗରେ ଭୁବନେଶ୍ୱର ଶ୍ରେଷ୍ଠ

ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ଦୌଡ଼କୁଦ ପ୍ରତିଯୋଗିତା ୨୦୨୬-୨୭ ମଙ୍ଗଳବାର ଉଦଯାପିତ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୧୦୦୦ ଜଣ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଅଣ୍ଡର-୧୪ ଓ ଅଣ୍ଡର-୧୭ ବର୍ଗର ବାଳକ ଏବଂ ବାଳିକା କ୍ରୀଡ଼ାବିତ୍‌ଙ୍କ ପାଇଁ ଏହି ପ୍ରତିଯୋଗିତା ଏକ ବଡ଼ ମଞ୍ଚ ପାଲଟିଥିଲା। ବିଭିନ୍ନ ଇଭେଣ୍ଟରେ ଖେଳାଳିଙ୍କ ରୋମାଞ୍ଚକର ପ୍ରଦର୍ଶନ ଦର୍ଶକ, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ଉଦଯାପନୀ ଉତ୍ସବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଏସଡିସି ଅଧ୍ୟକ୍ଷା ମମିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଓଡ଼ିଶାର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଅବସରପ୍ରାପ୍ତ ଅତିରିକ୍ତ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପ୍ରକାଶ ଯୋଶୀ ଯୋଗ ଦେଇଥିଲେ। ସମାଜସେବୀ ଅନୁବ୍ରତ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୋରଜ ମଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ, ସଦର ବିଇଓ ଓମକାର ଅନ୍ୱେଷ, ଅତିରିକ୍ତ ବିଇଓ କପିଳଚନ୍ଦ୍ର ଦାସ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଆମନ୍ତ, ପଳାସପଙ୍ଗା ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ, ପୁଲିସ ହାଇସ୍କୁଲର ପ୍ରଧାନଶିକ୍ଷକ ବେଳା ରାଉତ, ଜିଲ୍ଲା ଯୁଗ୍ମ ସମ୍ପାଦକ ରେଡକ୍ରସ୍ ଏଆର୍ ଖାନ୍ ଓ ଓଷ୍ଟାର ମନ୍ମଥ ମହାନ୍ତ ଉପସ୍ଥିତ ଥିଲେ।

ପ୍ରତିଯୋଗିତାରେ ଅଣ୍ଡର-୧୭ ବାଳକ ବିଭାଗରେ କେନ୍ଦୁଝର ଏବଂ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିଅନ୍ ହୋଇଥିବାବେଳେ ଅଣ୍ଡର-୧୪ ବାଳକ ବିଭାଗରେ କେନ୍ଦୁଝର ଓ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିଅନ୍ ହୋଇଛନ୍ତି।

● ହଦଗଡ଼ ଡ୍ୟାମ୍ ବିସ୍ଥାପିତଙ୍କ ଦୁଃଖ

# ଜରିପାଲ ତଳେ ବିତୁଛି ବୃଦ୍ଧା ପାର୍ବତୀଙ୍କ ଜୀବନ

ଶରତ, ୬।୧୦ (ସମିସ): ବିକାଶର କରାଳ ରୂପ କେତେ ଯନ୍ତ୍ରଣାଦାୟକ ହୋଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ମଝିଗୋଡ଼ିଆ ପଞ୍ଚାୟତର ସାପଘର ଗ୍ରାମରେ। କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ହଦଗଡ଼ ଡ୍ୟାମ୍ ପ୍ରକଳ୍ପ ଯୋଗୁଁ ନିଜ ଭିଟାମାଟି ହରାଇ ବିସ୍ଥାପିତ ହୋଇଥିବା ୬୫ ବର୍ଷୀୟ ବୃଦ୍ଧା ପାର୍ବତୀ ମହାକୁଡ଼ ଆଜି ସରକାରୀ ଅବହେଳାର ଶିକାର ହୋଇ ଅସହାୟ ଭାବେ ଦିନ କାଟୁଛନ୍ତି। ଡ୍ୟାମ୍ ନିର୍ମାଣ ସମୟରେ ପାର୍ବତୀଙ୍କ ସଜଡ଼ା ସଂସାର ଛାରଖାର ହୋଇଯାଇଥିଲା। ସରକାରୀ ଥଇଥାନ ଓ ପୁନର୍ବାସ ମାଧ୍ୟମରେ ନୂଆ ଜୀବନଟିଏ ଆରମ୍ଭ କରିବାର ଆଶା ରଖିଥିଲେ ମଧ୍ୟ ସମୟକ୍ରମେ ସବୁକିଛି ଓଲଟପାଲଟ ହୋଇଯାଇଛି।



ବହୁବର୍ଷ ତଳେ ତାଙ୍କ ସ୍ୱାମୀ ସନାତନ ମହାକୁଡ଼ ଆଖି ବୁଜିଥିବାବେଳେ ପରବର୍ତ୍ତୀ ସମୟରେ ନିୟତି ତାଙ୍କ ପୁଅଝିଅଙ୍କୁ ମଧ୍ୟ ଛଡ଼ାଇ ନେଇଛି। ଆଜି ଏହି ବିସ୍ତୃତ ଧରାପୃଷ୍ଠରେ ପାର୍ବତୀଙ୍କ ବୋଲି କହିବାକୁ କେହି ଜଣେ ହେଲେ ନାହାନ୍ତି। ବାର୍ଦ୍ଧକ୍ୟ ଓ ଅସୁସ୍ଥତା ସତ୍ତ୍ୱେ ଜୀବନର ସାନ୍ଧ୍ୟ କାଳରେ ସେ ସମ୍ପୂର୍ଣ୍ଣ ଏକାକୀ ସଂଘର୍ଷ କରୁଛନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡିଏ ପକ୍କା ଘର ନଥିବାରୁ କାଠ, ତାଳପତ୍ର ଓ ପ୍ଲାଷ୍ଟିକ୍ ଜରପାଲିରେ ନିର୍ମିତ ଏକ ଭଙ୍ଗା ଝୁମ୍ପୁଡ଼ି ହିଁ ତାଙ୍କର ଏକମାତ୍ର ଆଶ୍ରୟସ୍ଥଳୀ ପାଲଟିଛି। ଖରା, ବର୍ଷା ଓ କାକରରେ ସେ ଏହି ଅସ୍ଥାୟୀ କୁଡ଼ିଆ ଭିତରେ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ଅସହାୟ ଓ ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ପ୍ରଶାସନିକ ଅବହେଳା ଯୋଗୁଁ ପାର୍ବତୀଙ୍କ ନିକଟରେ କୌଣସି ସୁଫଳ ପହଞ୍ଚିପାରିନାହିଁ। ବୟସ ୬୫ ଟପିଥିଲେ ସୁଦ୍ଧା ତାଙ୍କୁ ମିଳୁନାହିଁ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଖାଦ୍ୟ ସୁରକ୍ଷା ଯୋଜନାର ରାସନ ସାମଗ୍ରୀ। ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ମଧ୍ୟ ସେ ବଞ୍ଚିତ ରହିଛନ୍ତି। ସରକାରୀ କାଗଜପତ୍ରର ଜଟିଳତା ଓ ପ୍ରଶାସନର ଉଦାସୀନତା ତାଙ୍କୁ ମୌଳିକ ଅଧିକାରରୁ ଦୂରେଇ ରଖିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବୃଦ୍ଧା ପାର୍ବତୀଙ୍କୁ ଆବାସ ଯୋଜନାରେ ଏକ ପକ୍କାଘର, ନିୟମିତ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ୍ କାର୍ଡ ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

● ମନ୍ଦିର ନିର୍ମାଣ କାମକୁ ନେଇ ବିବାଦ

# ଯୁବକଙ୍କୁ ଧମକ, ଥାନାରେ ଅଭିଯୋଗ

କୁଆମରା, ୬।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମର ଜଣେ ଯୁବକଙ୍କୁ ସେହି ଗ୍ରାମର ଦୁଇଜଣ ବ୍ୟକ୍ତି ଗାଳିଗୁଲଜ ଓ ଧମକ ଦେଇଥିବ ନେଇ ଥାନାରେ ଅଭିଯୋଗ ହୋଇଛି। ଗୋପବନ୍ଧୁନଗର ବ୍ଲକ କୁସୁମିଆ ଗ୍ରାମର ନୂତନ ମନ୍ଦିର କାମ ହେଉଥିବାବେଳେ ତାହା ନିମ୍ନମାନର ହେଉଥିବା ନେଇ ଗ୍ରାମର ତପନ କୁମାର ବାରିକ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ମନ୍ଦିର ନିର୍ମାଣ କାମ ବନ୍ଦ କରିବା ପାଇଁ ଆଦେଶ ଦେବା ପରେ ବନ୍ଦ ହୋଇଥିଲା। ମନ୍ଦିର ନିର୍ମାଣ କାମ କରୁଥିବା ଠିକାଦାର ତପନଙ୍କୁ ଠେଲାପେଲା କରିବା ସହ ଗାଳି ଓ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିବା ସହ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଆର୍ଥିକ ସଚେତନତା ୱେବିନାର



ବାରିପଦା, ୬।୧୦(ସମିସ): ସ୍ଥାନୀୟ ତକତପୁରସ୍ଥ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ଆନୁକୂଲ୍ୟରେ "ଫାଇନାନସିଆଲଆୱାରନେସ୍‌ପ୍ରୋଗ୍ରାମ' ଶୀର୍ଷକ ଏକ ୱେବିନାର୍ ଜୁମ୍ ପ୍ଲାଟଫର୍ମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରଞ୍ଜନ କୁମାର ତରେଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ତାଲିମଦାତା ରାଜେଶ ଖାନ୍ନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେ ଷ୍ଟକ୍ ମାର୍କେଟ୍, ସଞ୍ଚୟ, ନିବେଶ ପୂର୍ବରୁ ବିପଦ ଆକଳନ, ଯୁବପିଢ଼ିଙ୍କ ଦାୟିତ୍ୱବାନ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଡ ବନମାଳୀ ବାରିକ, ଭକ୍ତଚରଣ ସୋରେନ, ଜୟଶ୍ରୀ ମିଶ୍ର, ସଂଯୋଜକ ଧୀରେନ୍ଦ୍ର ବେହେରା, ସୁନୀଲ କୁମାର ଜେନା, ସୁଶ୍ରୀ ଏସ୍ ନାୟକ, ଶ୍ରଦ୍ଧା ସୋରେନ୍, ବୀରେନ୍ଦ୍ର ମୁର୍ମୁ, ଅଙ୍କିତା ପଟ୍ଟନାୟକ ଓ ସ୍ନେହାଶିଷ ଦାସ ସହଯୋଗ କରିଥିଲେ। ଅଫିସ୍ ସୁପରିଟେଣ୍ଡେଣ୍ଟ ଅତୁଲ୍ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ୱେବିନାର୍‌ରେ ବହୁ ଛାତ୍ରଛାତ୍ରୀ, କର୍ମଚାରୀ ଯୋଗ ଦେଇଥିଲେ।

ବାରିପଦାରେ ଓଜେସିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ

# 'ଓଡ଼ିଶାର ବିକାଶ ପାଇଁ ବିକଳ୍ପ ଶକ୍ତିର ଆବଶ୍ୟକତା ରହିଛି'

ବାରିପଦା, ୬।୧୦(ସମିସ):



ନବଗଠିତ ରାଜନୈତିକ ଦଳ "ଓଡ଼ିଶା ଜନତା କଂଗ୍ରେସ' (ଓଜେସି) ପକ୍ଷରୁ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ଏକ ବିଶାଳ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ଦଳୀୟ ସଂଗଠନର ଶୁଭାରମ୍ଭ କରିବା ସହ ରାଜ୍ୟର ବିକାଶ ପାଇଁ ଏକ ଦୃଢ଼ ବିକଳ୍ପ ରାଜନୈତିକ ଶକ୍ତିର ଜରୁରୀ ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଛନ୍ତି। ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋକିମ ନିଜର ପୁରାତନ ଶିକ୍ଷାନୁଷ୍ଠାନ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ପହଞ୍ଚି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଶହୀଦ ସ୍ମୃତି ଭବନକୁ ଯାଇ ସେଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବାରିପଦା ପୌର ନିର୍ବାଚନରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦିଆଯିବ ଓ ଏଥିପାଇଁ ଦଳୀୟ ସ୍ତରରେ ବିଭିନ୍ନ ରଣନୀତି ତଥା ଠୋସ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଘୋଷଣା କରିଥିଲେ। ଏ ଅବସରରେ ମୟୂରଭଞ୍ଜ ଜିଲ୍ଲାର ଅବହେଳାକୁ ନେଇ କ୍ଷୋଭ ପ୍ରକାଶ କରି ଶ୍ରୀ ମୋକିମ କହିଥିଲେ, ଦୀର୍ଘବର୍ଷ ଧରି ମୟୂରଭଞ୍ଜ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ରାସ୍ତାଘାଟ, ଟ୍ରାଫିକ ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସମସ୍ୟାର ସମାଧାନ ଦିଗରେ ଆଶାନୁରୂପ ପଦକ୍ଷେପ ନିଆଯାଇନାହିଁ। ଜିଲ୍ଲାରୁ ଶାସକ ଦଳର ସମସ୍ତ ସାଂସଦ ଓ ବିଧାୟକ ନିର୍ବାଚିତ ହୋଇଥିଲେ ମଧ୍ୟ ସାମଗ୍ରିକ ବିକାଶ ହୋଇପାରିନାହିଁ। ଆଗାମୀ ଦିନରେ ଓଜେସି ମୟୂରଭଞ୍ଜ ତଥା ବାରିପଦା ସହରର ବିକାଶକୁ ନିଜର ମୁଖ୍ୟ ଏଜେଣ୍ଡା କରି କାର୍ଯ୍ୟ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସମ୍ପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ଅଂଶୁମାନ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ଦଳର ଉପସଭାପତି ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଓ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ମିଶ୍ରଣ ପର୍ବରେ ସଂଜୀବ ପଟ୍ଟନାୟକ, ୱାସିମ ଇମାମ, କନ୍ୟାକୁମାରୀ ଧଡ଼ା, ମହମ୍ମଦ ଆକିଲ, ମାନସ ରଞ୍ଜନ କବାଟ, ଆକ୍ରମ ଖାନ ଓ ଦେବନାରାୟଣ ଧଡ଼ା ପ୍ରମୁଖ ବରିଷ୍ଠ ସଂଗଠକ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ଆସନ୍ତା ପୌର ନିର୍ବାଚନରେ ଦଳ ନିଜର ପ୍ରାର୍ଥୀ ଦେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା।

## ପୌର ନିର୍ବାଚନରେ ପ୍ରାର୍ଥୀ ଦେବ ଦଳ

■ ବାରିପଦା ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀଙ୍କୁ ବକେୟା ପ୍ରଦାନରେ ଟାଳଟୁଳ ନୀତି

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲା ପ୍ରତିନିଧି ଦଳ



ଖାତାକୁ ଟଙ୍କା ଆସିଥିଲେ ମଧ୍ୟ ମିଳୁନି ପ୍ରାପ୍ୟ

ବାରିପଦା, ୬।୧୦(ସମିସ): ବାରିପଦା ମ୍ୟୁନିସିପାଲିଟିର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କ ନାର୍ଯ୍ୟ ବକେୟା ପାଉଣା ପ୍ରଦାନ କ୍ଷେତ୍ରରେ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଦିନ ବାରିପଦା ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍, ଗ୍ରାଚୁଇଟି ଓ ଅବ୍ୟବହୃତ ଛୁଟି ବାବଦକୁ ଆବଶ୍ୟକୀୟ ଦେୟ ଅର୍ଥ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ବହୁ ପୂର୍ବରୁ ମ୍ୟୁନିସିପାଲିଟି ଆକାଉଣ୍ଟକୁ ଆସିସାରିଛି। ତଥାପି ବିଭାଗୀୟ ଅବହେଳା ଯୋଗୁଁ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପୈଠ କରାଯାଉନାହିଁ। ଫଳରେ ଅବସରପ୍ରାପ୍ତ ବୟୋଜ୍ୟେଷ୍ଠ କର୍ମଚାରୀ ନାହିଁ ନ ଥିବା ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅଭିଯୋଗ ଉପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ସଂଘର ସଭାପତି ତାରାମଣି ମହାପାତ୍ର, ଉପଦେଷ୍ଟା ନନ୍ଦକୁମାର ମହାପାତ୍ର, ସମ୍ପାଦକ ଉଜ୍ୱଳ କୁମାର ବେହେରା ଓ କୋଷାଧ୍ୟକ୍ଷ ଅନୁପମ ଗିରି ପ୍ରମୁଖ ଉପସ୍ଥିତ ରହି ଦାବି ଉପସ୍ଥାପନ କରିଥିଲେ।

# ଜେଏମ୍ଏମ୍ ପକ୍ଷରୁ ୫ ଦଫା ଦାବିପତ୍ର ପ୍ରଦାନ



ମୋରଡା, ୬।୧୦(ସମିସ): ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମୋରଡା ବ୍ଲକ ପକ୍ଷରୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଞ୍ଚଦଫା ସମ୍ବଳିତ ଦାବିପତ୍ର ମୋରଡା ବିଡିଓ ଅଣାକାର ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। ଲଗାଣ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରି ମୋରଡା ବ୍ଲକ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ରାଶି ଘୋଷଣା କରିବା, ବ୍ଲକ ଅଞ୍ଚଳରେ ଥିବା ସମସ୍ତ ହିତାଧିକାରୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ, ଏମଏମଡିଆର ବିଲ୍ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀଙ୍କୁ ନିଜ ଦାୟିତ୍ୱରୁ ମୁକ୍ତ କରିବା, ମୁଖ୍ୟ ନିର୍ବାଚନ କମିଶନ ନିଜ ପଦବୀରୁ ଇସ୍ତଫା ଦେବା ଆଦି ପତ୍ରରେ ଉଲ୍ଲେଖ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ବ୍ଲକ ସଭାପତି ହେମନ୍ତ ମହାନ୍ତ, ସମ୍ପାଦକ ରଞ୍ଜିତ ସିଂ, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ଶ୍ରବଣ ମହାନ୍ତ, ଭଗବତୀ ଚପେୟାର, ସଲମା ହେମ୍ବ୍ରମ, ପ୍ରଭଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାରକଙ୍କୁ ଜିଲ୍ଲା କଂଗ୍ରେସ ସମ୍ପାଦକ ଦାୟିତ୍ୱ



ମୋରଡା, ୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା(ପୂର୍ବ) କଂଗ୍ରେସ ସଂଗଠନରେ ମୋରଡା ବ୍ଲକର ଚିତ୍ରଡା ଅଞ୍ଚଳର ଯୁବ ନେତା ସ୍ମାରକ ମାଝୀଙ୍କୁ ମିଳିଛି ନୂଆ ଦାୟିତ୍ୱ। ତାଙ୍କୁ ଜିଲ୍ଲା କଂଗ୍ରେସ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଏହି ନିଯୁକ୍ତି ପରେ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା, କର୍ମୀଙ୍କୁ ଏକଜୁଟ କରିବା, ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ନୂଆ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ନୂଆ ଦାୟିତ୍ୱ ମିଳିବା ପରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରି ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ଆଶା ପ୍ରକାଶ ପାଇଛି। ସ୍ମାରକଙ୍କ ନିଯୁକ୍ତିକୁ ନେଇ ବିଭିନ୍ନ ଅଞ୍ଚଳର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଦଳୀୟ କାର୍ଯ୍ୟକ୍ରମରେ ଯୁବକଙ୍କ ଅଧିକ ଅଂଶଗ୍ରହଣ, ସ୍ଥାନୀୟ ସମସ୍ୟାକୁ ନେଇ ଲୋକଙ୍କ ସହ ଯୋଗାଯୋଗ ବୃଦ୍ଧି ଓ ସଂଗଠନରେ ସମନ୍ୱୟ ରକ୍ଷା ଉପରେ ଆଗାମୀ ଦିନରେ ଗୁରୁତ୍ୱ ଦିଆଯିବ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ନୂଆ ଦାୟିତ୍ୱ ପାଇଁ ସ୍ମାରକ ଦଳୀୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳର ନୀତି ଓ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଂଗଠନକୁ ଆହୁରି ସକ୍ରିୟ କରିବା ସହ କର୍ମୀମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

# ଇନ୍ଦୁପାହି ମଇଳା ଖାଦାନ ସ୍ଥାନାନ୍ତର ଦାବି

ବାରିପଦା, ୬।୧୦(ସମିସ): ବାରିପଦା ପୌରପାଳିକା ଅନ୍ତର୍ଗତ ଇନ୍ଦୁପାହି ନିକଟସ୍ଥ ମଇଳା ଖାଦାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଦାବି କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ତୁରନ୍ତ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ ସହ ସୁବ୍ୟବସ୍ଥିତ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ପତ୍ରରେ ଶ୍ରୀମତୀ ମହାନ୍ତ ଉଲ୍ଲେଖ କରିଛନ୍ତି ଯେ, ବହୁବର୍ଷ ପୂର୍ବରୁ ପୌରାଞ୍ଚଳର ବର୍ଜ୍ୟ ପରିଚାଳନା ନିମନ୍ତେ ଇନ୍ଦୁପାହି ନିକଟରେ ଏହି ଡମ୍ପିଂୟାଡର୍ ସ୍ଥାପନ କରାଯାଇଥିଲା। ତେବେ ସମୟକ୍ରମେ ଏହା ଆଖପାଖରେ ବହୁ ଶିକ୍ଷାନୁଷ୍ଠାନ ଓ ଜନବସତି ଗଢ଼ିଉଠିଛି। ଫଳରେ ସେଠାରେ ନିୟମିତ ଆବର୍ଜନା ଜମା ହେବା ଯୋଗୁଁ ପରିବେଶ ପ୍ରଦୂଷଣ ସୃଷ୍ଟି ହେବା ସହ ସ୍ଥାନୀୟ ବାସିନ୍ଦା ନାନାଦି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜନସ୍ୱାର୍ଥ ତଥା ପରିବେଶର ସୁରକ୍ଷା ଦୃଷ୍ଟିରୁ ଏହାକୁ ତୁରନ୍ତ ସହର ବାହାରକୁ ସ୍ଥାନାନ୍ତର କରାଯିବା ନିହାତି ଜରୁରୀ। ଏହାଦ୍ୱାରା ଉକ୍ତ ଖାଲି ଜମିକୁ ଆଗାମୀ ଦିନରେ ସହରର ବିଭିନ୍ନ ବିକାଶମୂଳକ ଓ ସାମାଜିକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏହି ସ୍ଥାନାନ୍ତରଣ ପ୍ରକଳ୍ପ ଲାଗି "ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ଆବଶ୍ୟକୀୟ ପାଣ୍ଠି ମଞ୍ଜୁର କରିବା ସହ ଜିଲ୍ଲା ପ୍ରଶାସନ ଜରିଆରେ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରର ଏକକିତା ନକଲ ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଓ ବାରିପଦା ପୌର ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯାଇଛି। ସାଂସଦଙ୍କ ଏହି ପଦକ୍ଷେପ ପରେ ବାରିପଦା ସହରବାସୀଙ୍କ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନେଇ ଆଶା ସଞ୍ଚାର ହୋଇଛି।

# ବେଆଇନ ବାଲି ଟ୍ରାକ୍ଟର ଜବତ

ବଡ଼ସାହି, ୬।୧୦(ସମିସ): ବଡସାହି ଥାନା ଅଞ୍ଚଳରେ ବେଆଇନ ବାଲି କାରବାର ସୀମା ଟପିଛି। ବାଲି ବେପାରୀ ପୁଲିସ ଓ ପ୍ରଶାସନ କାହାରିକୁ ଭୟ ନ କରି ଏହି କାରବାର ଚଳାଇଛନ୍ତି। ସେଥିପାଇଁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ବ୍ୟତୀତ କଡ଼ା କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ଗ୍ରହଣ କରାଯାଉ ନାହିଁ। ତାହା ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। ଏପରିକି ଏହି କାରବାରକୁ ନେଇ ବହୁ ଗଣ୍ଡଗୋଳ ଓ ଏନଜିଟିରେ ମାମଲା ଗଡୁଥିବାବେଳେ ତଥାପି ଏଥିରେ ରୋକ ଲାଗୁନାହିଁ। ପ୍ରଶାସନିକ ଅଧିକାରୀ ମଧ୍ୟ ଧମକ, ଗାଳିଗୁଲଜ ମାଡ଼ ଖାଇବା ଭଳି ଘଟଣା ଘଟିଥିଲେ ମଧ୍ୟ ଅଭିଯୁକ୍ତ ଜାମିନରେ ଆସି ପୁଣି ଏହି କାରବାରକୁ ଅନାୟସରେ ଚଳାଇଛନ୍ତି। ସେହିପରି ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ବଡ଼ସାହି ପୁଲିସ ଜବତ କରିଛି। ଏହାର ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ମାମଲା ରୁଜୁ ହେବା ସହିତ ଡ୍ରାଇଭରକୁ ନୋଟିସ ଦେଇ ଛଡାଯାଇଥିବା ଜଣାଯାଇଛି।



● ପୂର୍ବାଞ୍ଚଳ କରାଟେ ଚାମ୍ପିଅନସିପ୍

# ବାରିପଦା ଉତ୍କଳ କରାଟେ ସ୍କୁଲକୁ ୭ ପଦକ



ବାରିପଦା, ୬।୧୦(ସମିସ): ବିହାରର ସେଣ୍ଟ ଡୋମିନିକ୍ ସଭାୟୋସ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ୬ଷ୍ଠ କିଓ ଇଷ୍ଟଜୋନ୍ କରାଟେ ଚାମ୍ପିଅନସିପ୍‌ରେ ବାରିପଦାର ଉତ୍କଳ କରାଟେ ସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ୩ ଓ ୪ ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ବାରିପଦା ଉତ୍କଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାରଗାଡାହିସ୍ଥ ଜୁବୁଲି ପେଟ୍ରୋଲ ପମ୍ପ ନିକଟ)ରୁ ମୁଖ୍ୟ ପ୍ରଶିକ୍ଷକ ରେନସି ସୁଶାନ୍ତ ବାରିକ ଓ କୋଚ୍ ସାଇ ସୁନ୍ଦର ବାରିକଙ୍କ ତତ୍ତ୍ୱାବଧାନରେ ୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ସମସ୍ତ ୭ ଜଣ ଖେଳାଳି ପଦକ ଜିତି ସହର ଓ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। 'କାତା' ବର୍ଗରେ ଆଦିର ଦେ ସ୍ୱର୍ଣ୍ଣପଦକ ଓ ତାନ୍ୟା ତାପ୍ତି ମହାନ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି 'କୁମିତେ' ବର୍ଗରେ ଆଦିର ଦେ, ଭାର୍ଗବ ବାସୁରୀ ଓ ଆରାଧ୍ୟା ମହାର୍ଣ୍ଣା ରୌପ୍ୟ ପଦକ ହାସଲ କରିଥିବାବେଳେ ରିତିକା ରାଣୀ ବେହେରା ଓ ଜିଜ୍ଞାସା ବାସୁରୀ କାଂସ୍ୟ ପଦକ ଜିତିଛନ୍ତି। ଏ ଉପଲକ୍ଷେ ସ୍କୁଲ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ନୟନିକା ମିସ୍ ମୟୂରଭଞ୍ଜ ପ୍ରଥମ ରନର୍ସଅପ୍



ବାରିପଦା, ୬।୧୦(ସମିସ): ଜିଲ୍ଲାସ୍ତରୀୟ "ମିଷ୍ଟର ଏଣ୍ଡ ମିସ୍ ମୟୂରଭଞ୍ଜ ଆଇକନିକ୍' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିୟର ବିଭାଗରେ ବାରିପଦାର କୁମାରୀ ନୟନିକା ବେହେରା ପ୍ରଥମ ରନର୍ସଅପ୍ ହୋଇ ସହର ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନୟନିକା ନିଜର ଦକ୍ଷତା ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଞ୍ଚଳ ଓ ହିତାକାଂକ୍ଷୀ ମହଲରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ହାଟ ପ୍ରସଙ୍ଗ

# ୧୬୩ ବିଏନ୍‌ଏସ୍‌ଏସ୍ ଧାରା ଲାଗୁ, ଲାଗିଲା ନାଲି ପତାକା

ବଡ଼ସାହି, ୬।୧୦(ସମିସ):

ସକାଳ ପ୍ରଭାବ



ବଡ଼ସାହି ବ୍ଲକ୍ ଅଧିନ ପଟିସାରୀ ପଞ୍ଚାୟତର ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ୧ ବର୍ଷ ପାଖାପାଖି ହେବ ବିବାଦର ସମାଧାନ ହେବା ନାମ ଧରୁନି। ଏ ସମ୍ପର୍କରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଲାଗୁ ହୋଇଛି।

ହାଟ ବିବାଦକୁ ନେଇ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଡିଓ ଓ ତହସିଲଦାରଙ୍କ ନିକଟରେ ଉଭୟ ପକ୍ଷଙ୍କ ନିକଟରୁ ଅଭିଯୋଗ ହୋଇଥିଲା। ଅଧିକାରୀମାନେ ଗ୍ରାମକୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସମ୍ଭବ ହୋଇପାରି ନ ଥିଲା। ଏପରିକି ୧୪୪ ଧାରା ଜାରି ହେବା ଓ ବ୍ଲକ୍ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ ଓ ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାବେଳେ ଉତ୍ତେଜନା ଲାଗି ରହଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ହାଇକୋର୍ଟରେ ପହଞ୍ଚିଥିଲା। ଉଭୟ ପକ୍ଷର ଅଭିଯୋଗ ଓ ପ୍ରତିଅଭିଯୋଗକୁ ନେଇ ହାଇକୋର୍ଟ ଜିଲ୍ଲାପାଳଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କହିଥିବାବେଳେ ତେନ୍ତୁଳିମୁଣ୍ଡା ହାଟଟି ସରକାରୀ ଭାବେ ପଞ୍ଚାୟତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାର ସ୍ଥାୟୀ ସମାଧାନ ପାଇଁ ଗତ ଜୁନରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଉଭୟ ଗ୍ରାମବାସୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ମୁତାବକ ବେଗୁନିଆବାଣୀ ହାଟଟି ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବାର ଥିଲା। ଏହି ସମୟ ସୀମା ପରେ ପରେ ତେନ୍ତୁଳିମୁଣ୍ଡା ହାଟଟି ପୂର୍ବ ପରି ମଙ୍ଗଳବାର ଓ ଶୁକ୍ରବାର ବସିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ବେଗୁନିଆବଣୀ ହାଟ ମଙ୍ଗଳବାର ଓ ଶୁକ୍ରବାର ବ୍ୟତୀତ ଅନ୍ୟ ଦିନରେ ବସିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ନିଷ୍ପତ୍ତିକୁ ଉଭୟ ଗ୍ରାମବାସୀ ମାନିବାକୁ ସମ୍ମତି ପ୍ରକାଶ କରିଥିବାବେଳେ ଭବିଷ୍ୟତରେ ଯଦି ଏହି ନିଷ୍ପତ୍ତିର ବ୍ୟତିକ୍ରମ ହୁଏ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଏହାପରେ ମଧ୍ୟ ଉକ୍ତ ନିଷ୍ପତ୍ତିରେ କୌଣସି ପ୍ରଭାବ ପଡି ନ ଥିଲା। ବେଗୁନିଆବଣୀ ହାଟଟି ଯେପରି ସେହପରି ମଙ୍ଗଳବାର ଓ ଶୁକ୍ରବାର ଚାଲୁଥିଲା ସେପରି ଚାଲିବାରୁ କୋର୍ଟ ନିଷ୍ପତ୍ତିକୁ ଅମାନ୍ୟ କରାଯାଉଥିବା ଦର୍ଶାଇ ତେନ୍ତୁଳିମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ତୁରନ୍ତ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ହୋଇଥିଲା। ଏହାର ଏକ ବିସ୍ତୃତ ରିପୋର୍ଟ ଚଳିତ ମାସ ୪ ତାରିଖରେ 'ସକାଳ'ରେ ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଫଳରେ ସବଡିଭିଜିଓନାଲ ମାଜିଷ୍ଟ୍ରେଟ୍, ବାରିପଦାଙ୍କ ଚିଠି ଅନୁସାରେ ବଡସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ତଦାରଖ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଏଡିସିଓନାଲ ତହସିଲଦାର ବିନିତାରାଣୀ କିସ୍କୁ, ଆଇଆଇସି ସୁଦାମ ଚରଣ ନନ୍ଦୀ, ଆରଆଇ ଓ ପୁଲିସ ଷ୍ଟାଫଙ୍କ ସହିତ ଏକ ପ୍ଲାଟୁନ ଫୋର୍ସଙ୍କ ବେଗୁଣିଆବଣି ହାଟକୁ ଯାଇ ସେଠାରେ ୧୬୩ ବିଏନଏସଏସ ଧାରା ଅନୁସାରେ ଆଇନଗତ ଦିଗକୁ ମାନି ବେଗୁନିଆବଣିରେ ହାଟ ବନ୍ଦ ରଖିବା ପାଇଁ ମାଇକ୍‌ରେ ପ୍ରଚାର କରିବା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରି ହାଟ ପରିସରରେ ନାଲି ପତାକା ଲଗାଇଥିଲେ। ମାତ୍ର ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଦେଖି ବେଗୁନିଆବଣି ଗ୍ରାମବାସୀଙ୍କ ପକ୍ଷରୁ ହାଟଟି ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇଥିବା ଜଣାଯାଇଛି। ଏହାକୁ ନେଇ ପ୍ରଶାସନର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ରହିବ ଦେଖିବାକୁ ବାକି ରହିଲା।

ସକାଳ
THE SAKALA



# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ।
-ବ୍ରୁଶ୍ ଲି

## ସତର୍କ ସଙ୍କେତ

ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଗୋଟିଏ ସପ୍ତାହ ମଧ୍ୟରେ ୧୮, ୩୪୦ କୋଟି ଡଲାର ହ୍ରାସ ପାଇଛି। ଏବେ ଭଣ୍ଡାରରେ ମାତ୍ର ୭୪, ୭୫୬ କୋଟି ଡଲାର ରହିଛି। ତିନି ସପ୍ତାହ ଧରି ହ୍ରାସର ଧାରା ଜାରି ରହିଛି। ଏହି ପରିସଂଖ୍ୟାନ ଉଦ୍‌ବେଗଜନକ ନ ହେଲେ ମଧ୍ୟ ହାଲ୍‌କା ଭାବରେ ନିଆଯାଇପାରିବ ନାହିଁ। ଡଲାର ତୁଳନାରେ ୟୁରୋ, ପାଉଣ୍ଡ ଓ ୟେନ୍ ମୂଲ୍ୟ ପରିବର୍ତ୍ତନ ଏବଂ ସୁନା ମୂଲ୍ୟର ଉତ୍ଥାନ-ପତନ ଆଦି କାରକ ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାରର ମୂଲ୍ୟକୁ ପ୍ରଭାବିତ କରୁଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ମୁଦ୍ରାଭଣ୍ଡାର କାହିଁକି ଏତେ ଦ୍ରୁତଗତିରେ ହ୍ରାସ ପାଉଛି? ସହଜ ଓ ସରଳ ଉତ୍ତର ହେଲା - ଡଲାର ତୁଳନାରେ ଟଙ୍କାର ଦୁର୍ବଳତା, ଅଧିକ ଆମଦାନୀ ଖର୍ଚ୍ଚ, ତେଲ ଦର ବୃଦ୍ଧି, ଆମେରିକୀୟ ସୁଧହାରର ପ୍ରଭାବ ଏବଂ ବିଶ୍ୱ ବଜାରରେ ଡଲାର ଓ ସୁନା ଚାହିଦା ବୃଦ୍ଧି। କିନ୍ତୁ ଏହି ଉତ୍ତର ଦୀର୍ଘମିଆଦରେ ସନ୍ତୋଷଜନକ ହେବା ଉଚିତ ନୁହେଁ। ମୁଦ୍ରାଭଣ୍ଡାରର ସାମ୍ପ୍ରତିକ ସ୍ଥିତି ଏକ ସ୍ପଷ୍ଟ ସଙ୍କେତ ଦେଉଛି ଯେ ଆଗକୁ ଆସୁଥିବା ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ପାଇଁ ଭାରତ ଏବେଠାରୁ ପ୍ରସ୍ତୁତ ରହିବାକୁ ପଡ଼ିବ।



ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଲେ ସ୍ୱାଭାବିକ ଭାବରେ ଭାରତୀୟ ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ କରେ। ଏହା ଏକ ଗତାନୁଗତି ନୀତିଗତ ପଦକ୍ଷେପ। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ନୀତିଗତ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ସମ୍ପ୍ରତି ଆରବିଆଇର ନୀତିଗତ ସଂସ୍କାର ଯୋଗୁଁ ଗତ ଜୁନ୍ ୮ରୁ ସେପ୍ଟେମ୍ବର ୧୮ ତାରିଖ ମଧ୍ୟରେ ପ୍ରାୟ ୧୪, ୩୫୦ କୋଟି ଡଲାରର ଅନ୍ତଃସ୍ରୋତ ସୃଷ୍ଟି ହୋଇଛି। ଏହା ମୁଦ୍ରାଭଣ୍ଡାର ଚାପକୁ ହ୍ରାସ କରିବାରେ କିଛି ପରିମାଣରେ ସହାୟତା କରିଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ବା ଦୀର୍ଘମିଆଦୀ ସମାଧାନ ଭାବେ ଗ୍ରହଣ କରିନେବା ଠିକ୍ ହେବ ନାହିଁ। କାରଣ ନିବେଶକଙ୍କ ମତିଗତି ପ୍ରତିମୁହୂର୍ତ୍ତରେ ବଦଳୁଛି। ସେମାନେ ଯଦି ପୁଣି ଭାରତରୁ ମୁହଁ ଫେରାନ୍ତି ତେବେ ମୁଦ୍ରାଭଣ୍ଡାର ଉପରେ ଅତ୍ୟଧିକ ଚାପ ପଡ଼ିବ। ତେଣୁ ଦୀର୍ଘସ୍ଥାୟୀ ପ୍ରତିକାର ସ୍ୱରୂପ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରି ଘରୋଇ ଉତ୍ପାଦନକୁ ଅଧିକ ପ୍ରତିଯୋଗୀ କରିବା ଆବଶ୍ୟକ। ସେହିପରି ସେବା ରପ୍ତାନି, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଓ ଦୀର୍ଘମିଆଦୀ ବିଦେଶୀ ପୁଞ୍ଜି ପ୍ରବାହକୁ ଅଧିକ ସୁଦୃଢ଼ କରିବା ଦରକାର। ●

## ଅସୁରକ୍ଷିତ ହର୍ମୁଜ୍

ଯୁଦ୍ଧର ନିଆଁ କେବଳ ଆକାଶ ଓ ଭୂମିରେ ସୀମିତ ରହେ ନାହିଁ; ତାହାର ତାପ ସମୁଦ୍ରପଥକୁ ମଧ୍ୟ ଉଷ୍ମ ଓ ଅସୁରକ୍ଷିତ କରିଦିଏ। ଓମାନ ଉପକୂଳ ନିକଟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ପାନାମା ପତାକାବାହୀ ବାଣିଜ୍ୟିକ ଜାହାଜ 'ଏମ୍‌ଟି ଅନ୍ ପିସ୍' ଉପରେ ଆକ୍ରମଣ ଉପରୋକ୍ତ ଉକ୍ତିକୁ ପ୍ରମାଣିତ କରିଛି ଏବଂ ଭାରତ ପାଇଁ ପୁଣି ଥରେ ଚିନ୍ତା କାରଣ ହୋଇଛି। ଉକ୍ତ ଜାହାଜରେ ୧୯ ଜଣ ନାବିକଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ଥିବା ବେଳେ ଆକ୍ରମଣରେ ଆହତ ୧୨ ଜଣ ନାବିକଙ୍କ ମଧ୍ୟରୁ ୧୧ ଜଣ ଭାରତୀୟ। ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ବାଣିଜ୍ୟିକ ଜାହାଜ, ନାବିକ ଓ ବେସାମରିକ ଭିତ୍ତିଭୂମିକୁ ଯୁଦ୍ଧ ଅଂଶୀଦାର ଭାବେ ବିବେଚନା ନ କରିବାକୁ ପରାମର୍ଶ ଦେଇଛି।

ହର୍ମୁଜ୍ ବିଶ୍ୱ ଜଳପଥର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ। ମଧ୍ୟପ୍ରାଚ୍ୟର ତୈଳ ଓ ଗ୍ୟାସ୍ ପରିବହନର ବଡ଼ ଅଂଶ ଏହି ସଂକୀର୍ଣ୍ଣ ଜଳପଥ ଉପରେ ନିର୍ଭରଶୀଳ। ତେଣୁ ଏଠାରେ ଯୁଦ୍ଧ ଉତ୍ତେଜନାର ପ୍ରଭାବ ଆଞ୍ଚଳିକ ସୀମା ସରହଦ ଡେଇଁ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯୁଦ୍ଧରେ କୌଣସି ସମ୍ପୃକ୍ତି ନଥିବା ବାଣିଜ୍ୟ ପୋତର ନାବିକମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ସେମାନେ ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ସମୁଦ୍ରରେ ବିପଜ୍ଜନକ ଯାତ୍ରା କରନ୍ତି। ତେଣୁ ସେମାନଙ୍କ ଉପରେ ଆକ୍ରମଣ ମାନବିକତା ଓ ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମର ଉଲ୍ଲଙ୍ଘନ। ବିଶେଷକରି ଭାରତ ପାଇଁ ଏହି ପ୍ରସଙ୍ଗ ଆହୁରି ସମ୍ବେଦନଶୀଳ। ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ୟୁରୋପ ସହ ଭାରତର ସାମୁଦ୍ରିକ ନୌବାଣିଜ୍ୟରେ ଏହି ନାବିକମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତେଣୁ ପଣ୍ୟବାହୀ ଜାହାଜର ନାବିକଙ୍କ ଉପରେ ଆକ୍ରମଣ ବୈଦେଶିକ ନୀତି, କୂଟନୀତି, ବାଣିଜ୍ୟ ନୀତି ଏବଂ ସର୍ବୋପରି ଭୂରାଜନୀତିର ଅଂଶବିଶେଷ।

ଅସ୍ତ୍ର ଉତ୍ତେଜନା ସୃଷ୍ଟିକରେ। ଅପରପକ୍ଷରେ ଶାନ୍ତି ଦାୟିତ୍ୱବୋଧର ପ୍ରତୀକ। ଅସ୍ତ୍ରର ପ୍ରାବଲ୍ୟ ବଢ଼ିଲେ ଶାନ୍ତି ବ୍ୟାହତ ହୁଏ ଏବଂ ମାନବ ସଭ୍ୟତା ପ୍ରଭାବିତ ହୁଏ। ତେଣୁ ମଧ୍ୟପ୍ରାଚ୍ୟ, ବିଶେଷକରି ହର୍ମୁଜ୍‌ରେ ଶାନ୍ତି ପ୍ରତିଷ୍ଠା ସମଗ୍ର ମାନବ ସଭ୍ୟତାର ସୁରକ୍ଷା ପାଇଁ ଅପରିହାର୍ଯ୍ୟ। ●

## କ୍ୟାମ୍ପସ୍‌କୁ ଫେରିଲା ଗଣତନ୍ତ୍ର

ଡ. ସ୍ୱାଧୀନ କୁମାର ଦାଶ

କଲେଜ ଜୀବନର କିଛି ସ୍ମୃତି ସମୟ ବିତିଲେ ବି ମନରୁ ପାଶୋରି ହୁଏ ନାହିଁ। ବିଶେଷକରି କଲେଜ ନିର୍ବାଚନ ସମୟର ହାତଲେଖା ଚିଠି, ପୋଷ୍ଟର ଓ ଚକ୍‌ଖଡ଼ିରେ କାନ୍ଥବାଡ଼ରେ 'ମୋତେ ଥରେ ସୁଯୋଗ ଦିଅ'ର ନିବେଦନ ଏବଂ କିଏ କେତେ ଛାତ୍ରଛାତ୍ରୀଙ୍କୁ ନିଜ ସପକ୍ଷରେ ନେଇପାରୁଛି ତା'ର ପ୍ରତିଯୋଗିତା ସତରେ ନିଆରା। କିନ୍ତୁ ଆମେ ସେହି ସମୟରେ ବୁଝି ନ ଥିଲୁ ଏହି ଛାତ୍ର ନିର୍ବାଚନ ଗଣତନ୍ତ୍ରର ପାଠ ପଢ଼ାଏ ବୋଲି। ଅନ୍ୟମୁହଁରେ ନିଜର କଥା ବା ପ୍ରଶଂସା କୁହାଇବାର କଳାକୌଶଳର ଅୟମାରମ୍ଭ ହିଁ ହେଉଥିଲା ସେହି ନିର୍ବାଚନ ପରିପ୍ରେକ୍ଷୀରେ। ଛାତ୍ରରାଜନୀତିର ମୂଳଉଦ୍ଦେଶ୍ୟ - ଛାତ୍ରଛାତ୍ରୀଙ୍କର ଚିନ୍ତାଧାରା ଓ ନିଷ୍ପତ୍ତିକୁ ଉକ୍ତ ଅନୁଷ୍ଠାନ ସହ ଆଲୋଚନା, ମନ୍ତ୍ରଣା ଓ ସହମତି ଭିତ୍ତିରେ କାର୍ଯ୍ୟକାରୀ କରିବା ଯଥା - ପାଠପଢ଼ା, ପରିବେଶ, ପାଠାଗାର, ହଷ୍ଟେଲ, କ୍ୟାଣ୍ଟିନ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାରୀସୁରକ୍ଷା, କ୍ୟାମ୍ପସରେ ଶୃଙ୍ଖଳା, ମୌଳିକ ସୁବିଧା ଓ ଛାତ୍ରଛାତ୍ରୀଙ୍କ ଅଧିକାର ସହ ଜଡ଼ିତ ପ୍ରସଙ୍ଗ। ସମୟ ସହ କ୍ୟାମ୍ପସ ବଦଳିଛି, ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଓ ସମସ୍ୟା ବଦଳିଛି। ହାତଲେଖା ପୋଷ୍ଟର ଓ ସେଣ୍ଟମରା ପୁସିଙ୍ଗକାର୍ଡ଼ ବଦଳରେ ସୋସିଆଲ ମିଡିଆ ପ୍ରଚାରପ୍ରସାରର ପ୍ରମୁଖ ମାଧ୍ୟମ ପାଲଟିଛି।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ମଣିଷ ତିଆରି କାରଖାନା ଓ ବିଦ୍ୟାର ମନ୍ଦିର ସହ ତୁଳନା କରାଯାଏ। ଏହାକୁ ଗଣତନ୍ତ୍ରର ପ୍ରାଥମିକ ପ୍ରୟୋଗଶାଳା କହିବା ମଧ୍ୟ ଅତ୍ୟୁକ୍ତି ହେବନି। କିନ୍ତୁ ଏହି ପ୍ରୟୋଗଶାଳା ବିଦ୍ୟାମନ୍ଦିର ଯଦି ନିର୍ବାଚନ ନାମରେ ମାତ୍ରାଧିକ ରାଜନୈତିକ ଦଳଙ୍କ ହସ୍ତକ୍ଷେପ, ଅର୍ଥବଳ, ବାହୁବଳ, ହିଂସାର କ୍ଷେତ୍ର ପାଲଟେ ତେବେ ତ କଥା ସରିଲା। ଗୋଷ୍ଠୀ ସଂଘର୍ଷ, ଧମକ, ଅଶାନ୍ତି ବାତାବରଣ ଦିନକୁ ଦିନ ଛାତ୍ର ସମାଜକୁ ଅବକ୍ଷୟମୁଖୀ କରାଉଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ୨୦୧୭ ଛାତ୍ର ସଂସଦ ନିର୍ବାଚନ ପରେ ୨୦୧୮ ତିତ୍‌ଲି ବାତ୍ୟାକୁ ନେଇ ସରକାର ନିର୍ବାଚନ ବାତିଲ କରିଥିଲେ। ସୁତରାଂ ଏଯାବତ୍ ନିର୍ବାଚନ ହୋଇପାରିନଥିଲା। ହଠାତ୍ ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପତ୍ରସଂଖ୍ୟା ୫୩୨୩୭- ତା-୦୫.୧୦/୨୦୨୬ ରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଚଳିତ ଅକ୍ଟୋବର ୯ ରେ ନାମାଙ୍କନ, ୧୫ ଅକ୍ଟୋବର ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏ ଭୋଟ, ଗଣତି ଓ ଫଳାଫଳ ଘୋଷଣା ଏବଂ ୧୬ରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କିନ୍ତୁ ଏବେ ସବୁଠାରୁ ତୀକ୍ଷ୍ଣ ପ୍ରଶ୍ନ ମନକୁ ଆସୁଛି - ଏହି ନିର୍ବାଚନଟି ସମସ୍ତ ରାଜନୈତିକ ଦଳ ନିଜର କଳବଳ ଖର୍ଚ୍ଚ କରି ସବୁବର୍ଗଙ୍କୁ ନିଜ ସପକ୍ଷକୁ ଆଣିବାର ଅଭିସନ୍ଧି ନୁହେଁ ତ? ନିର୍ବାଚନର ନିୟମ ମଧ୍ୟ କଡ଼ା କରାଯାଇଥିବାର ଉପସ୍ଥାପିତ ବିଜ୍ଞପ୍ତି ପଢ଼ିଲେ ଜଣାଯାଏ। ଜଣେ ପ୍ରାର୍ଥୀ ସର୍ବାଧିକ ୫୦୦୦ ଟଙ୍କା ଖର୍ଚ୍ଚ କରିପାରିବେ ଏବଂ ରାଜନୈତିକ ଦଳ କିମ୍ବା ବାହ୍ୟଉତ୍ସରୁ ଅର୍ଥ ନେବା ନିଷିଦ୍ଧ। କିନ୍ତୁ ନିୟମ ନିୟମ ବାଟରେ, ବାସ୍ତବତା ଅଲଗା ଭଳି ମନେହୁଏ। ୧୯୬୪-୬୬ ରେ କୋଠାରି କମିଶନ ଶିକ୍ଷାନୁଷ୍ଠାନକୁ ରାଜନୈତିକ ଦଳ ବା କ୍ଷମତାର ଚାପରୁ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ପରବର୍ତ୍ତୀ ସମୟରେ ଛାତ୍ର ନିର୍ବାଚନରେ ଅର୍ଥବଳ, ଦଳୀୟ ପ୍ରଭାବ ଓ ହିଂସାକୁ ନେଇ ଚିନ୍ତା ବଢ଼ିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜେ.ଏମ୍. ଲିଙ୍ଗଡ଼ୋଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା। ଲିଙ୍ଗଡ଼ୋ କମିଶନଙ୍କ ମୂଳ ଦର୍ଶନ ଥିଲା ସ୍ପଷ୍ଟ- ଛାତ୍ର ପ୍ରତିନିଧିତ୍ୱ ରହୁ ଓ ନିର୍ବାଚନ ହେଉ; କିନ୍ତୁ ଛାତ୍ର ନିର୍ବାଚନ ଓ ରାଜନୈତିକ ଦଳ ମଧ୍ୟରେ ପ୍ରତ୍ୟକ୍ଷ ସଂଯୋଗ ନରହୁ। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ।

ବର୍ତ୍ତମାନ ଛାତ୍ର ନିର୍ବାଚନକୁ ନିର୍ବିଘ୍ନରେ ସମାପନ କରିବାକୁ ହେଲେ ସରକାରଙ୍କୁ ବଡ଼ ଆଇନ ଶୃଙ୍ଖଳା ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ପୂର୍ବରୁ ଛାତ୍ର ନିର୍ବାଚନରେ ହିଂସାର ଉଦାହରଣ ଅଛି। ଅଧୁନା ମଧ୍ୟ ଖଲିକୋଟ କଲେଜରେ ଛାତ୍ର ବିଶୃଙ୍ଖଳା ଦେଖିବାକୁ ମିଳିଲାଣି। ବର୍ତ୍ତମାନ ରାଜ୍ୟର ଛାତ୍ର ନିର୍ବାଚନ ୮ ବର୍ଷ ପରେ ହେବାକୁ ଯାଉଛି। ତେଣୁ ବିଭିନ୍ନ ଛାତ୍ର ସଂଗଠନ, ଛାତ୍ରଛାତ୍ରୀ ବିଶେଷ ଭାବରେ ଉତ୍କଣ୍ଠିତ ଓ ଉତ୍ସାହିତ ଅଛନ୍ତି। ପୁଲିସର ଏଠାରେ ବଡ଼ ଆହ୍ୱାନ ହେଉଛି କ୍ୟାମ୍ପସ ପରିବେଶକୁ ଶାନ୍ତ ରଖି ସୁଚାରୁ ଭାବେ ନିର୍ବାଚନ ସମାପନ କରିବା। ନିର୍ବାଚନ ପରବର୍ତ୍ତି ହିଂସାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। କ୍ୟାମ୍ପସ ପରିସରରେ ଯଦିଓ ଲାଉଡ୍‌ସ୍ପିକର, ଚାରିଚକିଆ ଗାଡ଼ି ଓ ପଶୁପକ୍ଷୀଙ୍କୁ ନେଇ ପ୍ରଚାର କରାଯାଇପାରିବ ନାହିଁ; କିନ୍ତୁ କାଗଜରେ ନିୟମ କାଇଦା, କାନୁନ, ବାସ୍ତବରେ କ୍ୟାମ୍ପସରେ କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟ କହିବ।

ଭାରତରେ ଚଳିତବର୍ଷ ଯୁବବର୍ଗଙ୍କ ଅଭ୍ୟୁଦୟ ଗଣତନ୍ତ୍ର ଲାଗି ଶୁଭଙ୍କର। ଜେନ୍ ଜେଡ୍‌ଙ୍କ ଦ୍ୱାରା ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ହେଉଥିବା ଆନ୍ଦୋଳନରେ ଉପସ୍ଥାପିତ ନିଯୁକ୍ତି, ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ତ୍ରୁଟି ଭଳି ପ୍ରସଙ୍ଗ ଜାତୀୟ ରାଜନୀତିକୁ ପ୍ରଭାବିତ କରିଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମନରେ ପ୍ରଶ୍ନ ଆସୁଛି ଯେ ଦୀର୍ଘ ୮ ବର୍ଷ ବ୍ୟବଧାନରେ ହଠାତ୍ କୌଣସି ଖବର ନ ଥାଇ ବିଜ୍ଞପ୍ତି ପ୍ରକାଶ କରିବା କ'ଣ ଜେଡ୍ ଜେଡ୍‌ଙ୍କର ବଢୁଥିବା ସଚେତନତାର ପ୍ରଭାବ? ନା ଯୁବବର୍ଗଙ୍କୁ ସରକାର ନିଜ ଆଡ଼କୁ ଆକର୍ଷିତ କରିବାର କୌଶଳ? ସରକାର କ୍ୟାମ୍ପସରେ ଗଣତନ୍ତ୍ରକୁ ପୁନଃସ୍ଥାପିତ କରିବାର ପ୍ରୟାସ କରିଛନ୍ତି? ଏହାର ଉତ୍ତର ଏବେଠାରୁ ଦେବା ଉଚିତ ନୁହେଁ। କାରଣ ଛାତ୍ରସଂସଦ ନିର୍ବାଚନ ଦାବି ନୁହେଁ, ନିର୍ବାଚନ ପୁନଃଆରମ୍ଭ ପାଇଁ ସବୁ ଛାତ୍ର ସଂଗଠନମାନେ ପୂର୍ବରୁ ମଧ୍ୟ ନିଜର ଦାବି ଉପସ୍ଥାପିତ କରିଆସୁଥିଲେ। ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ର ବିଷୟରେ ସଚେତନ କରାଇବା ଏବଂ ରାଜନୀତିକରଣ ଏକା କଥା ନୁହେଁ। କ୍ୟାମ୍ପସ ରାଜନୀତି ନେତୃତ୍ୱ ତିଆରିର ଏକ ଐତିହାସିକ ମଞ୍ଚ କହିଲେ ଅତ୍ୟୁକ୍ତି ହେବନି।

ଇତିହାସ କହେ; କ୍ୟାମ୍ପସର ଛୋଟ ନିର୍ବାଚନୀ ମଞ୍ଚ ଭବିଷ୍ୟତର ବଡ଼ ରାଜନୈତିକ ନେତୃତ୍ୱର ଏନ୍ତୁଡ଼ିଶାଳ ପାଲଟିଛି। ଆମ ରାଜ୍ୟରେ ଛାତ୍ର ନିର୍ବାଚନରୁ ଆସିଥିବା ନେତାଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବାଚସ୍ପତି, ମନ୍ତ୍ରୀ, ବର୍ତ୍ତମାନର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ପ୍ରମୁଖ ଅଗ୍ରଗଣ୍ୟ ଓ ଛାତ୍ରସମାଜ ପାଇଁ ପ୍ରେରଣା। କିନ୍ତୁ ବିଗତ କେତେବର୍ଷ ହେବ ଏହା ସମ୍ଭବ ହେଉନାହିଁ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ନିର୍ବାଚିତ ଛାତ୍ରନେତାମାନେ ଭବିଷ୍ୟତରେ ନିଜର ପେଟ ପାଟଣା ଲାଗି ଚାକିରି ଅନ୍ୱେଷଣ ହେଉ କିମ୍ବା ଅନେକ ପାରିପାର୍ଶ୍ୱିକ ପ୍ରତିକୂଳତା ସେମାନଙ୍କୁ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯିବାକୁ ବାଧ କରୁଛି। ଓଡ଼ିଶାର ପ୍ରବାଦ ପୁରୁଷ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉକ୍ତି ଏହି ମର୍ମରେ ବିଶେଷ ଭାବେ ଗ୍ରହଣୀୟ। ସେ କହିଥିଲେ, 'ଷ୍ଟୁଡେଣ୍ଟସ୍ କ୍ୟାନ୍ ଡୁ ନୋ ରଙ୍ଗ'। ଯାହା ସେ ସମୟଠୁ ଆଜିଯାଏଁ ଛାତ୍ର ଓ ଯୁବଶକ୍ତି ପ୍ରତି ଥିବା ଗଭୀର ବିଶ୍ୱାସକୁ ପ୍ରକାଶ କରେ ଏବଂ ଯୁବବର୍ଗଙ୍କୁ ପ୍ରେରଣା ପ୍ରଦାନ କରେ। ତାଙ୍କର ଯୁବପିଢ଼ି ସମ୍ପର୍କିତ ଆଉ ଏକ ବିଶେଷ ବ୍ୟକ୍ତବ୍ୟ ଥିଲା ଯେ 'ଏକବିଂଶ ଶତାବ୍ଦୀର ଯୁବକ-ଯୁବତୀ ରାଜ୍ୟର ସ୍ୱାର୍ଥକୁ ନିଜର ସ୍ୱାର୍ଥଠାରୁ ଆଗରେ ରଖନ୍ତୁ। ନିଜ ଉପରେ ଆଶା ରଖନ୍ତୁ ଏବଂ ନିଜର ବୁଦ୍ଧି, ପ୍ରତିଭା ଓ ସାମର୍ଥ୍ୟରେ କଳିଙ୍ଗର ଗୌରବକୁ ପୁନଃ ପ୍ରତିଷ୍ଠା କରନ୍ତୁ, ଯଦ୍ୱାରା ଯୁବବର୍ଗଙ୍କ ଶକ୍ତିରେ କଳିଙ୍ଗ ପୁଣି ଶକ୍ତିଶାଳୀ ହେବ।'

ସେହି କେଇ ପଦ ମୂଲ୍ୟବାନ କଥା ଆଜି ମଧ୍ୟ ପ୍ରାସଙ୍ଗିକତା ବହନ କରେ। ଅଧୁନା ଯୁବବର୍ଗ ରାଜନୀତି କରନ୍ତୁ, କିନ୍ତୁ ଶିକ୍ଷା ବା ଯୁବବର୍ଗଙ୍କ ମାନସିକତାକୁ ଗ୍ରାସ ନ କରୁ, ପ୍ରତିବାଦ ରହୁ ହିଂସା ନ ରହୁ। ଏସନ ଛାତ୍ର ସଂସଦ ନିର୍ବାଚନ ଶୃଙ୍ଖଳିତ ଭାବେ ସମାପନ ହୋଇ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁ, ଯଦ୍ୱାରା ପିତାମାତାମାନେ ନିଜ ସନ୍ତାନସନ୍ତତିଙ୍କୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ରାଜନୀତିକୁ ଦୂରେଇ ରହିବାକୁ ପରାମର୍ଶ ନଦେଇ ବରଂ ପ୍ରେରଣା ପ୍ରଦାନ କରିବେ। ଯଦ୍ୱାରା ଏକ ସ୍ୱତନ୍ତ୍ର ଯୁଗର ଆବାହନ କରିବେ। ଯୁବବର୍ଗଙ୍କ ବହୁଦିନର ସ୍ୱପ୍ନପୂର୍ବକ ଦାବି ଓ ମୂଳ ଲକ୍ଷ୍ୟ ପ୍ରତିପାଦିତ ହେବ।

ସମାଜ ଓ ସମୟ ଆହ୍ୱାନ କରେ ଛାତ୍ର ସମାଜ ଆଗାମୀ ଦିନର ଦାୟିତ୍ୱବାନ ହେବା ଦରକାର। ବାଲାଟ୍‌ରୁ ବିଜେତା ହୋଇ ମଧ୍ୟ ପରବର୍ତ୍ତୀ ସମୟରେ ସମାଜର ରକ୍ଷାକବଚ ସଦୃଶ ଏକ ସୁସ୍ଥ ଗଣତନ୍ତ୍ରର ପରମ୍ପରା ସୃଷ୍ଟି କରନ୍ତୁ। ଚଳିତ ଛାତ୍ରସଂସଦର ନିର୍ବାଚନ ବିଜୟ ନିଜର ପ୍ରାର୍ଥିତ୍ୱର ବିଜୟ ନ ହୋଇ ଛାତ୍ରଛାତ୍ରୀଙ୍କର ସ୍ୱର ଓ ଦାବିର ବିଜୟ ହେଉ। ଛାତ୍ର ସଂସଦ ନିର୍ବାଚନ ବିଶ୍ୱକୁ ଏକ ବିଶାଳ ବାର୍ତ୍ତା ବହନପୂର୍ବକ ଯୁଗଯୁଗକୁ କୀର୍ତ୍ତି, ଯଶ, ଗୌରବରେ ମହିମା ମଣ୍ଡିତ କରୁ। ସ୍ୱାମୀ ବିବେକାନନ୍ଦଙ୍କର ଯୁବକଙ୍କ ପ୍ରତି ଥିବା ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ। ଯୁବକମାନେ ସମାଜର ଉଦିତ ସୂର୍ଯ୍ୟ ଓ ମେରୁଦଣ୍ଡ। ଅତଏବ ଏହି ମର୍ମକୁ ବିବେଚନା କରି ଛାତ୍ରଛାତ୍ରୀମାନେ ଆଗାମୀ ଦିନର ରାଜ୍ୟ ଓ ରାଷ୍ଟ୍ରର ବିଧାଣୀ ହେବେ ନିଶ୍ଚୟ। ●

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଶାସନ-ସଂସ୍କୃତିରେ ପରିବର୍ତ୍ତନ କେବେ?

ପ୍ରଦ୍ୟୁମ୍ନ କିଶୋର ମିଶ୍ର

ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ସ୍ୱଚ୍ଛ ଶାସନ, ଅବାସ୍ତବ ଯୋଜନାର ଘୋଷଣା ଏବଂ ଅନେକଗୁଡ଼ିଏ ମିଛ ପ୍ରତିଶ୍ରୁତି ଆମେ ଶୁଣି ଶୁଣି ଆସୁଛେ। ପ୍ରତ୍ୟେକ ନୂତନ ସରକାର ପ୍ରଚଳିତ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାର ଘୋଷଣା କରୁଛନ୍ତି ଏବଂ ନାଗରିକମାନଙ୍କୁ ଆଶ୍ୱାସନା ଦେଉଛନ୍ତି ଯେ ଦୁର୍ନୀତିର ମୂଳୋତ୍ପାଟନ କରାଯିବ। ସରକାର ପରିବର୍ତ୍ତନ, ସ୍ଲୋଗାନ ପରିବର୍ତ୍ତନ ଏବଂ ନୀତି ପରିବର୍ତ୍ତନ ସତ୍ତ୍ୱେ ସାଧାରଣ ନାଗରିକ ପ୍ରାୟତଃ ସମାନ ପ୍ରଶ୍ନ ପଚାରନ୍ତି - ପ୍ରକୃତରେ କିଛି ପରିବର୍ତ୍ତନ ହୋଇଛି କି? ଆମେ ତ ଯେମିତି ଥିଲେ ସେମିତି ଅଛେ, ବରଂ ବ୍ୟବସ୍ଥା ବେଳକୁ ବେଳ ଖରାପ ଆଡ଼କୁ ଯାଉଛି। ସୁଧୁରିବାର ଆଶା ନାହିଁ। ତେବେ ଭୁଲ୍ ରହୁଛି କେଉଁଠି କେବେ ସୁଧୁରିବ ଏ ଅବସ୍ଥା ଓ ବ୍ୟବସ୍ଥା?

ଏକଥା ସତ ଯେ ଆମ ଦେଶ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ଆର୍ଥିକ ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ସରକାରୀ ସେବାଗୁଡ଼ିକ କ୍ରମଶଃ ଅନଲାଇନ୍ ହୋଇଛି ଏବଂ ଅନେକ ପ୍ରକ୍ରିୟା ଡିଜିଟାଲ୍ ହୋଇଛି। ତଥାପି ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଆମର ଚିରାଚରିତ ପ୍ରଶାସନିକ ସ୍ତରରେ ମାନସିକତାକୁ ପରିବର୍ତ୍ତନ କରିନାହିଁ। ଆଗରୁ ଯାହାଥିଲା, ଏବେ ତାହା ହିଁ ଅଛି। ଅନେକ ସ୍ଥାନରେ ବିକାଶମୂଳକ କାର୍ଯ୍ୟରେ ବିଳମ୍ବ, ପକ୍ଷପାତିତା, ନିୟମର ଉଲ୍ଲଂଘନ, ହେରଫେର ଏବଂ କ୍ଷମତାର ଅପବ୍ୟବହାର କୋଟି କୋଟି ସାଧାରଣ ନାଗରିକଙ୍କୁ ହତାଶ କରିଚାଲିଛି। ଏହି ହତାଶା ଆମର ଦେହସୁହା ହୋଇଗଲାଣି। ଆମ ଶାସନଗତ ଢାଞ୍ଚାରେ କୌଣସି ପରିବର୍ତ୍ତନର ସମ୍ଭାବନା ହିଁ ନାହିଁ। ଗଭର୍ଣାନ୍ସର କୌଣସି ମଡେଲ ଠିକ୍ ଭାବେ କାମ କରୁନାହିଁ। କୌଣସି ସରକାରୀ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଅନେକ ଯୋଜନା ଆଜି ବାଟବଣା।

ସବୁଠାରୁ ଯନ୍ତ୍ରଣାଦାୟକ ବାସ୍ତବତା ହେଉଛି ଯେ ଲାଞ୍ଚ ସଂସ୍କୃତି ବା ପିସି କାରବାର ଏପର୍ଯ୍ୟନ୍ତ ଲୋପ ପାଇନାହିଁ। ନାଗରିକମାନେ ବିଶ୍ୱାସ କରନ୍ତି ଯେ ବୈଧ କାର୍ଯ୍ୟ ଯୋଗ୍ୟତା ଅପେକ୍ଷା ରାଜନୈତିକ ପ୍ରଭାବ କିମ୍ବା ଅବୈଧ ଦେୟ ମାଧ୍ୟମରେ ଦ୍ରୁତବେଗରେ ଗତି କରେ। ରାଜନେତା ଓ ଧନଶାଳୀ ବ୍ୟକ୍ତିଙ୍କ ହାତମୁଠାରେ ସବୁକିଛି ରହିଛି। ତେଣୁ ଏବେ ଆମେ ସଚ୍ଚୋଟତାକୁ ଏକ ଅସୁବିଧା ବା ଆମର ଦୁର୍ଭାଗ୍ୟ ବୋଲି ଭାବିବା ଆରମ୍ଭ କଲେଣି। ଶାସନତନ୍ତ୍ର ଉପରୁ ଆମେ ଭରସା ଓ ବିଶ୍ୱସନୀୟତା ତୁଟି ଗଲାଣି। ନିଯୁକ୍ତି ଅନିୟମିତତା, ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଅତି ବେପରୁଆ ଭାବରେ ସ୍କୁଲ ପିଲାଙ୍କୁ ପୁଳା ପୁଳା ଭୁଲ୍ ଥିବା ବହି ଯୋଗାଇବା, ଜାଲ୍ ଡକ୍ୟୁମେଣ୍ଟରେ ଚାକିରି କରିବା, ଅନ୍ୟର ସମ୍ପତ୍ତି ବା ସରକାରୀ ଅର୍ଥ ହଡ଼ପ କରିବା, ଜମି ଜାଲିଆତି ଓ ସାଇବର୍ ଅପରାଧ ଇତ୍ୟାଦି ସହିତ ଜଡ଼ିତ ଘଟଣାଗୁଡ଼ିକ ପ୍ରତିଦିନ ନଜରକୁ ଆସୁଛି।

ସରକାରରେ ଯେଉଁ ଦଳ ଥାଉ ନା କାହିଁକି ଶାସନ ପ୍ରଣାଳୀରେ କିଛି ପରିବର୍ତ୍ତନ ନାହିଁ। ପ୍ରତ୍ୟେକ ଘୋଟାଲାରେ ଆମକୁ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳୁଛି। କିନ୍ତୁ ସମାନ ମାମଲା ବାରମ୍ବାର ଘଟୁଛି। ଏହି ବାରମ୍ବାର ଘଟୁଥିବା ଚକ୍ର ଆଉ 'ଦୁର୍ନୀତି' ବୋଲି ବିବେଚିତ ହେଉନାହିଁ। ବର୍ତ୍ତମାନ ଲାଞ୍ଚ ନେବାର ଏକ ଧାରା ବା ପ୍ରଥା, ସବୁଥିରେ ରାଜନୈତିକ ପ୍ରଭାବ ଏବଂ ପଦ ପଦବୀର ଅପବ୍ୟବହାର ଏକ 'ସାଧାରଣ' କଥା ହୋଇଗଲାଣି। ଏପରି ଅବସ୍ଥାରେ ଅଳ୍ପ କେତେଜଣ ସଚ୍ଚୋଟ ଅଧିକାରୀ ନିରୁତ୍ସାହିତ ହୋଇ ନିଜ ଭାଗ୍ୟକୁ ନିନ୍ଦା କରିବା ସ୍ୱାଭାବିକ। ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ଅଧିକାରୀ କିମ୍ବା ପ୍ରତ୍ୟେକ ରାଜନୈତିକ ନେତା ଅନୀତି ଓ ଦୁର୍ନୀତିରେ ଲିପ୍ତ। ଅନେକ ଲୋକ ନିଷ୍ଠାର ସହିତ ଦେଶ ସେବା ବା ଦେଶହିତ ପାଇଁ କାମ କରୁଛନ୍ତି ଏବଂ ସେମାନେ ପ୍ରଶଂସା, ସମ୍ମାନ ପାଇବାକୁ ଯୋଗ୍ୟ। କିନ୍ତୁ ସେମାନଙ୍କର ସଂଖ୍ୟା ଖୁବ୍ କମ୍, ଏତେ କମ୍ ଯେ ବର୍ତ୍ତମାନ ସମୟରେ ଖୋଜିଲେ ମିଳିବା କଷ୍ଟସାଧ୍ୟ।

ଆମକୁ ଆଉ ଅଧିକ 'ସ୍ଲୋଗାନ'ର ଆବଶ୍ୟକତା ନାହିଁ; ଫମ୍ପା ପ୍ରତିଶ୍ରୁତି ସ୍ଲୋଗାନ ଶୁଣି ଶୁଣି ଆମେ ବଧିର ପାଲଟି ଗଲେଣି। ଆମକୁ ଏକ ଶକ୍ତିଶାଳୀ, ପ୍ରଭାବଶାଳୀ, ସଂସ୍କାରସମ୍ପନ୍ନ ଶାସନ ବ୍ୟବସ୍ଥା ଆବଶ୍ୟକ। ଆଇନ୍ କାନୁନ୍, ନୀତିନିୟମ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହେବା ଉଚିତ। ନ୍ୟାୟିକ ବ୍ୟବସ୍ଥାରେ ତ୍ୱରିତ ବିଚାର ସହ ପ୍ରମାଣିତ ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତିବିଶେଷ ଦଳ, ମତ, ଧନୀ, ଗରିବ ନିର୍ବିଶେଷରେ ଶୀଘ୍ର ଦଣ୍ଡ ପାଇବା ଉଚିତ। ଏଥିପାଇଁ ସଚ୍ଚୋଟ ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇଦେବା ସହ ଲାଞ୍ଚ ବ୍ୟବସ୍ଥାକୁ ଦୃଢ଼ ଭାବେ ସବୁ ଜାଗାରୁ ହଟାଇଦେବା ଜରୁରୀ। ଯଦି କୌଣସି ଅଫିସ୍‌ରେ ଗୋଟିଏ ଟେବୁଲ୍‌ରୁ ଫାଇଲ୍‌ଟିଏ ଆଉ ଗୋଟିଏ ଟେବୁଲ୍‌କୁ ଯିବ କି ନ ଯିବ ତାହା ଟଙ୍କା ଦ୍ୱାରା ସ୍ଥିର କରାଯିବ, ତେବେ ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ କୁଆଡୁ?

ନିର୍ବାଚନ ପ୍ରକ୍ରିୟାରେ ସରକାର ପରିବର୍ତ୍ତନ ହେଉଛି ଓ ହେବ। କିନ୍ତୁ ବାସ୍ତବରେ ଶାସନ ସଂସ୍କୃତିରେ କେବେ ପରିବର୍ତ୍ତନ ଆସିବ? ଏକ ରାଷ୍ଟ୍ର କେବଳ ନୂଆ ରାଜପଥ, ବଡ଼ ଅଟ୍ଟାଳିକା ନିର୍ମାଣ କରିଦେଲେ କିମ୍ବା ଡିଜିଟାଲ୍ ପ୍ଲାଟଫର୍ମ ପ୍ରଚଳନ କଲେ ପ୍ରକୃତରେ ଶକ୍ତିଶାଳୀ ହୁଏ ନାହିଁ, ବରଂ ଯେତେବେଳେ ପ୍ରତ୍ୟେକ ନାଗରିକ ଆତ୍ମବିଶ୍ୱାସର ସହିତ ଯେକୌଣସି ସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରିପାରିବେ, ନ୍ୟାୟ ପାଇ ପାରିବେ, ବିନା ଲାଞ୍ଚ, ବିନା ଅନୈତିକ ପ୍ରଭାବରେ ନିଜର ହକ୍ ପାଇ ପାରିବେ ସେତେବେଳେ ଆମେ ବୁଝିବା ଯେ ରାଷ୍ଟ୍ରର ବିକାଶ ଠିକ୍ ଦିଗରେ ଯାଉଛି। ଆମର ବ୍ୟକ୍ତିଗତ ମାନସିକତା ପରିବର୍ତ୍ତନ ହେଲେ ଆପେ ଆପେ ଏହା ଆମର ଜାତୀୟ ନୀତିକୁ ଏବଂ ସମଗ୍ର ଜନଜୀବନକୁ ପ୍ରଭାବିତ କରି ଆମ ଦେଶକୁ ବିକାଶର ବାସ୍ତବ ରାସ୍ତାରେ ଆଗେଇ ନେଇପାରିବ। ●

(ଇଣ୍ଡିଗୋ କଲେଜ୍)
କଟକ, ମୋ: ୬୩୭୧୫୫୨୮୬୬

## ଦୟଣା ଚୋରି (ଦ୍ୱିତୀୟ ଭାଗ)

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

*(ଗତ ୨୩, ସେପ୍ଟେମ୍ବରରେ ପ୍ରଥମ ଭାଗ ପ୍ରକାଶିତ)*

ଛିନ୍ନହସ୍ତ ହେବାପରେ ରାଜା ମହାପ୍ରଭୁଙ୍କର ପ୍ରଥମ ସେବକରୂପେ ସେବା କରିବାର ଯୋଗ୍ୟତା ହରେଇ ବସିଲେ। ତେଣୁ ତାଙ୍କ ମନରେ ପ୍ରବଳ ଦୁଃଖ ଓ ଅବସୋସ ଥିଲା। ଯେଉଁ ମହାପ୍ରଭୁଙ୍କୁ ଅବମାନନା କରିଥିବାରୁ ପ୍ରାୟଶ୍ଚିତ ରୂପେ ସେ ନିଜର ହାତ କାଟିଦେଲେ, ପରିଣାମ ସ୍ୱରୂପ ତାଙ୍କୁ ତାଙ୍କରି ସେବା ପ୍ରାପ୍ତ ହେଲା ନାହିଁ। ଦିନେ ରାଜା ବଗିଚାରେ ବୁଲୁଥିବା ବେଳେ ସେ ଗୁଳ୍ମର ସୁଗନ୍ଧିରେ ଆକର୍ଷିତ ହୋଇ ଗଛଟିର ପାଖକୁ ଗଲେ ଏବଂ ମାଳିକୁ ଡାକି ତା'ର ନାଆଁ ପଚାରିଲେ। ମାଳି ଆଗରୁ କେବେ ସେ ଗଛ ଦେଖି ନ ଥିବାରୁ ନାଆଁ କହିପାରିଲା ନାହିଁ। କିନ୍ତୁ ରାଜା ସେ ଗଛର ପତ୍ରର ସୁଗନ୍ଧିରେ ଏତେ ବିମୋହିତ ହୋଇ ଯାଇଥିଲେ ଯେ ତା'ର ପତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଇବା ପାଇଁ ଆଦେଶ ଦେଲେ। କିନ୍ତୁ ଅଜଣା ଗଛର ପତ୍ର ଠାକୁରଙ୍କୁ ଲାଗି କରିବା ଶାସ୍ତ୍ରବିରୁଦ୍ଧ ବୋଲି ବଡ଼ପଣ୍ଡା କହିବାରୁ ପତ୍ରଲାଗି କରା ଯାଇପାରିଲା ନାହିଁ।

ମହାପ୍ରଭୁ ଅନ୍ତର୍ଯାମୀ। ଭକ୍ତର ମନୋବାଞ୍ଛା ଜାଣିପାରିଲେ। ତେଣୁ ସେ ରାତିରେ ସେ ଗଛର ପତ୍ର ଚୋରି କରି ତା'ର ସୁଗନ୍ଧି ଉପଭୋଗ କରିବାକୁ ଲାଗିଲେ। ରାଜା ବଗିଚାକୁ ବୁଲି ଗଲା ବେଳେ ଦେଖିଲେ ଯେ ଗଛର ପତ୍ର ଛିଣ୍ଡେଇ କେହି ନେଇ ଯାଉଛନ୍ତି। ରାଜା ମାଳିକୁ ଗାଳି ଦେଇ ତାଗିଦା କଲେ। ଏଣିକି ପତ୍ର ଚୋରି ହେଲେ କଠିନ ଦଣ୍ଡ ଦିଆଯିବ ବୋଲି କହିଲେ। ସେ ଦିନ ରାତିସାରା ମାଳି ଗଛକୁ ଜଗି ବସିଲା। ତା' ସତ୍ତ୍ୱେ ସକାଳକୁ ଦେଖିଲା ବେଳକୁ ପତ୍ର ଚୋରି ହୋଇଯାଇଥିଲା। କର୍ତ୍ତବ୍ୟରେ ଅବହେଳା କରିଥିବାରୁ ରାଜା କ୍ରୋଧିତ ହୋଇ ମାଳିକୁ କାରାଗାରରେ ବନ୍ଦୀ କଲେ। ମାଳି ମଧ୍ୟ ମହାପ୍ରଭୁଙ୍କର ଜଣେ ଭକ୍ତ ଥିଲା। ପ୍ରତିଦିନ ଯତ୍ନର ସହ ମାଳଟିଏ ଗୁନ୍ଥି ମହାପ୍ରଭୁଙ୍କ ପାଖକୁ ଯାଉଥିଲା। ସେ ସହାୟତା ମାଗି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। ଭକ୍ତବତ୍ସଳ ମହାପ୍ରଭୁ ତା'ର ଡାକ ଶୁଣିଲେ। ସେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ରାଉତ! ସେ ଗଛର ପତ୍ରର ସୁଗନ୍ଧିରେ ମୁଗ୍ଧ ହୋଇ ମୁଁ ତା'ର ପତ୍ର ଚୋରି କରିଛି। ସେଥିରେ ମାଳିର କିଛି ଦୋଷ ନାହିଁ। ତା'କୁ କାରାମୁକ୍ତ କର। ଅଜଣା ଗଛ ବୋଲି ସେ ଗଛର ପତ୍ର ମୋତେ ସମର୍ପଣ କରା ଯାଉନାହିଁ। ସେ ଗଛର ନାମ ଦୟଣା। ତୋର କଟା ହାତରୁ ସେ ଗଛର ସୃଷ୍ଟି ଏବଂ ମୋ ପ୍ରତି ତୋର ଭକ୍ତି ତା'ର ସୁଗନ୍ଧିରେ ପରିଣତ ହୋଇଛି। ଆଜି ଚୈତ୍ର ମାସ ଶୁକ୍ଳ ଚତୁର୍ଦ୍ଦଶୀ। ଏହି ତିଥିରେ ସବୁ ବର୍ଷ ମୋ ମନ୍ଦିରରେ 'ଦୟଣା ଚୋରି' ଉତ୍ସବ ପାଳନ କରାଯିବ। ଫୁଲତୁଳସୀ ସହ ତା'ର ପତ୍ର ମୋ ଠାରେ ନିୟମିତ ଲାଗୁ କରାଯିବ। ମୋର ଆଦେଶରେ ତୋର କଟା ହାତ କଅଁଳିବ ଏବଂ ତୁ ପୁଣି ମୋ ସେବାର ଯୋଗ୍ୟତା ହାସଲ କରିବୁ।'

ରାଜା ଉଠି ବସିଦେଖିଲେ ଯେ ତାଙ୍କର କଟା ହାତ କଅଁଳି ଯାଇଥିଲା। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣିପାତ କଲେ।

- 'ଯେଉଁ କଥା ପାଇଁ ସନ୍ଦେହ ତୋ ମନେ ଶୁଣ ତାହାର ଇତିହାସ, ତୋ ନିଷ୍ଠା ନିର୍ମଳ ଭକତିରୁ ସେହି ଗୁଳ୍ମ ହୋଇଅଛି ବିକାଶ / ତୋ ଛିଦ୍ର କରୁ ତାହାର ଉତପତି ବିଶାଦ ମନେ ଛିନ୍ନ ହସ୍ତ ନେଇଣ, ଉଦ୍ୟାନେ ପୋତିଥିଲେ ମନ୍ତ୍ରୀ ସେ ଗୁଳ୍ମର ନାମ ଅଟଇ ଦୟଣା / ତହିଁରେ ଆମ୍ଭ ଶ୍ରଦ୍ଧା ଅତି ଅଚିହ୍ନା ଦ୍ରବ୍ୟ ବୋଲି ତୋଳି ନ ଦେଲୁ, ତେଣୁ ବଳିଲା ଆମ୍ଭ ମତି / ଉଦ୍ୟାନୁ ଆମ୍ଭେ ନେଉଛୁ ଚୋରୀ କରି ମାଳିକୁ କହ ତୋଳି ନେଉ ଯତନେ ମନ୍ଦିରେ ଦୟଣା ମଂଜରୀ / ତୋ ଛିଦ୍ର କର କଅଁଳି ପୂର୍ବଭଳି ରହିଛି ଚେତି ଦେଖ ତୁହି, ମଧୁ ଶୁକ୍ଳ ଚତୁର୍ଦ୍ଦଶୀ କାଲି ହେବ ଦୟଣା ଲାଗି ହେବି ମୁହିଁ / ମୋ ବାନା ଅଟଇ ଭକତବତ୍ସଳ, ମନ୍ଦିରେ ରଖ ଦୟଣା ଚୋରୀ ବିଧି ଦେଖୁଥାନ୍ତୁ ଜନ ସକଳ।' (ସମାପ୍ତ) ●

(ଆଧାର: ନୀଳଚଳ ମାଧୁରୀ: ଚନ୍ଦ୍ର ଶେଖର ପଟ୍ଟନାୟକ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଛାତ୍ର ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ ସୁରକ୍ଷାକୁ ଡିଜିପିଙ୍କ ଗୁରୁତ୍ୱ

# ଛାତ୍ର ନେତାଙ୍କ ସହ ସମନ୍ୱୟ ବୈଠକ କରିବେ ଥାନାଧିକାରୀ ଓ ଏସ୍‌ଡିପିଓ




କଟକ, ୬ ।୧୦(ସମିସ): ଆଗାମୀ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ କଲେଜ କ୍ୟାମ୍ପସଗୁଡିକର ସୁରକ୍ଷା ଉପର ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ଆଜି ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଡିଜିପି ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି, ଡିଆଇଜିଙ୍କ ସହ ଏସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଛି। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ, ପର୍ବପର୍ବାଣୀ ସମୟରେ ଆଇନଶୃଙ୍ଖଳା, ମହିଳା ସୁରକ୍ଷା, ସାଇବର ଅପରାଧ, ଅପରାଧ ନିୟନ୍ତ୍ରଣ ଏବଂ ନିଶାମୁକ୍ତ ଓଡ଼ିଶା ଅଭିଯାନ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଡିଜିପି ବିସ୍ତୃତ ସମୀକ୍ଷା କରିଥିଲେ। ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ ଡିଜିପି କହିଥିଲେ ଯେ ଛାତ୍ରଛାତ୍ରୀମାନେ ଏକ ସମ୍ବେଦନଶୀଳ ସମ୍ପ୍ରଦାୟ ହୋଇଥିବାରୁ ସେମାନଙ୍କ ସହ ପୁଲିସର ନିୟମିତ ଓ ବ୍ୟକ୍ତିଗତ ଯୋଗାଯୋଗ ରହିବା ଆବଶ୍ୟକ। ଥାନା ଭାରପ୍ରାପ୍ତ ଅଧିକାରୀ ଓ ଏସ୍‌ଡିପିଓମାନେ ଛାତ୍ର ନେତାମାନଙ୍କ ସହ ବୈଠକ କରି ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସମନ୍ୱୟ ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ହିଂସାର ଆଶଙ୍କା ନଥିଲେ ଅନାବଶ୍ୟକ ଭାବେ ପୁଲିସ ବଳ ମୁତୟନ ନକରିବାକୁ ମଧ୍ୟ ଡିଜିପି ପରାମର୍ଶ ଦେଇଥିଲେ। ନିର୍ବାଚନ ସମୟରେ ସମନ୍ୱୟ ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ ଓ କଲେଜ ଅଧ୍ୟକ୍ଷଙ୍କ ମଧ୍ୟରେ ବୈଠକ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ସେହିପରି ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ସାଇବର ପୁଲିସ ଷ୍ଟେସନ ଗୁଡ଼ିକର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଏବଂ ମାମଲାର ତଦନ୍ତ ଓ ଆଇନଗତ ପଦକ୍ଷେପକୁ ଅଧିକ ଫଳପ୍ରଦ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅରୁଣ ବୋଥ୍ରା, ପୁଲିସ କମିସନର ଡଃ ଏସ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଯତୀନ୍ଦ୍ର କୋଏଲ, ଆଇଜିପି ହିମାଂଶୁ ଲାଲ, ଆଇଜିପି ସତ୍ୟବ୍ରତ ଭୋଇ, ଏସସିଆରବି ନିର୍ଦ୍ଦେଶକ ଅବିନାଶ କୁମାର, ଆଇଜିପି ଡଃ ସାର୍ଥକ ଷଡଙ୍ଗୀ, ନୀତି ଶେଖର, ଅନୁପ ସାହୁ, ଡିଆଇଜିପି ଡଃ କନୱର ବିଶାଳ ସିଂ, ରାଜେଶ ପଣ୍ଡିତ, ମଡକର ସନ୍ଦୀପ ସମ୍ପଦ,ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗ ଦେଇଥିଲେ।

## ହାଇକୋର୍ଟରେ ଏମ୍‌ବିବିଏସ୍ ନାମଲେଖା ପାଇଁ ଭିନ୍ନକ୍ଷମତା ପୁନଃଯାଞ୍ଚ ପ୍ରସଙ୍ଗ

# ସ୍ପଷ୍ଟୀକରଣ ରଖିବେ ଓଜେଇଇ କର୍ତ୍ତୃପକ୍ଷ

କଟକ,୬ ।୧୦(ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ ଅଧୀନରେ ଏମବିବିଏସ ବା ଡାକ୍ତରୀ ନାମଲେଖା ପାଇଁ ଆବେଦନ କରିଥିବା ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରମାଣପତ୍ର ଓ ଭିନ୍ନକ୍ଷମତାର ପରିମାଣ ପୁନଃଯାଞ୍ଚ ନିୟମକୁ ନେଇ ଦାୟର ଆବେଦନଗୁଡ଼ିକର ଶୁଣାଣି କରିଛନ୍ତି ହାଇକୋର୍ଟ। ଓଜେଇଇ କର୍ତ୍ତୃପକ୍ଷ ଏମବିବିଏସ ନାମଲେଖା ପାଇଁ ପରୀକ୍ଷାର୍ଥୀଙ୍କ ଭିନ୍ନକ୍ଷମତାର ପରିମାଣ ପୁନଃଯାଞ୍ଚ କରିପାରିବେ କି ନାହିଁ, ସେନେଇ ଓଜେଇଇ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆଇନଗତ ସ୍ପଷ୍ଟୀକରଣ ରଖିବା ପାଇଁ ଅଦାଲତଙ୍କ ନିକଟରୁ ସମୟ ନେଇଛନ୍ତି। ହାଇକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୮କୁ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ ବି.ପି. ରାଉତରାୟ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଲଗ୍ନଜିତ୍ ନାୟକ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଜାତୀୟ ମେଡିକାଲ କମିଶନ୍ (ଏନଏମସି) ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଦିବ୍ୟାଙ୍ଗ ଅଧିକାର ଅଧିନିୟମ, ୨୦୧୬ ଅନୁଯାୟୀ ପ୍ରସ୍ତୁତ ଏବଂ ଏହାର ପ୍ରାଧାନ୍ୟ ରାଜ୍ୟ ସରକାର କିମ୍ବା ଓଜେଇଇର ନିୟମାବଳୀ ଉପରେ ରହିବା ଉଚିତ୍। ଓଜେଇଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ ମେଡିକାଲ ବୋର୍ଡର ଭିନ୍ନକ୍ଷମତା ପୁନଃନିର୍ଦ୍ଧାରଣ ଅଧିକାରକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ଏସିଏଫ୍ ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲା

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ବିଦ୍ୟାଭାରତୀ

କଟକ,୬ ।୧୦(ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପତ୍ନୀ ବିଦ୍ୟାଭରତୀ ପଣ୍ଡା ହାଇକୋର୍ଟରେ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟରେ ଏସଏଲପି ଖାରଜ ହେବା ପରେ ବିଦ୍ୟାଭରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପ୍ରସଂଗ ନେଇ ବିଦ୍ୟାଭରତୀଙ୍କ ଆବେଦନ ହାଇକୋର୍ଟରେ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟରେ ଏସଏଲପି ଦାୟର କରିଥିଲେ। ବିଦ୍ୟାଭାରତୀ ଆଗୁଆ ଜାମିନ ପାଇଁ ଆବେଦନ କରି ପାରିବେ ବୋଲି ସୁପ୍ରିମକୋର୍ଟ କହିବା ସହିତ ତାଙ୍କ ଏସଏଲପିକୁ ସେପ୍‌ଟେମ୍ବର ୨୮ ରେ ଖାରଜ କରିଥିଲେ। ତେବେ ପୂର୍ବରୁ ଅକ୍ଟୋବର ୧ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହେବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର ପରିବର୍ତ୍ତନ ପାଇଁ ବିଦ୍ୟାଭାରତୀ ଆବେଦନ କରିଥିଲେ। ଏହାପରେ ଅକ୍ଟୋବର ୩୦ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହୋବକୁ ବିଦ୍ୟାଭାରତୀଙ୍କୁ ହାଇକୋର୍ଟ ଅନୁମତି ଦେଇଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡି ହୋଇ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫଓ ଓ ରୋଷେୟାଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ

### ସଂସଦରୁ...

ନେତାମାନେ ନିର୍ବାଚନ ସଦନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ନିତି ଆୟୋଗ ଅଫିସ ନିକଟରେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପୁଲିସ ଅଟକାଇବାରୁ ନେତାମାନେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଉପରେ ବସିଯାଇଥିଲେ। ଏହାର କିଛି ସମୟରେ ରାହୁଲ ଗାନ୍ଧୀ ଜାତୀୟ ପତାକା ଧରି ପୁଲିସ ବାରିକେଡ୍ ଉପରେ ଚଢ଼ିଯାଇଥିଲେ। ତାଙ୍କ ସହିତ ଟିଏମସି ନେତା ଅଭିଶେକ ବାନାର୍ଜୀ ମଧ ବାରିକେଡ୍ ଉପରେ ଚଢ଼ିଯାଇଥିଲେ। ପୁଲିସ ପ୍ରିୟଙ୍କାଙ୍କୁ ସେଠାରୁ ନେଇ ବସ ଭିତରେ ଅଟକ ରଖିଥିଲେ। ତେବେ ପୁଲିସକୁ ଚକମା ଦେଇ ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ନିକଟବର୍ତ୍ତୀ ଆକାଶବାଣୀ ଭବନକୁ ଯାଇ ସେଠାରେ ଧାରଣା ଦେଇଥିଲେ। ସେମାନଙ୍କ ସହିତ ଅନ୍ୟ କଂଗ୍ରେସ ନେତା ମଧ ସାମିଲ ହୋଇଥିଲେ। ସେମାନେ ଆକାଶବାଣୀ ଭବନ ପରିସରରେ ଥିବା ଏକ ଗଛ ତଳେ ବସି ଧାରଣା ଦେଇଥିଲେ। ଧାରଣାରୁ ଉଠାଇବା ଲାଗି ପୁଲିସ ଅଧିକାରୀ ରାହୁଲଙ୍କୁ ଅନୁରୋଧ କରୁଥିବା ଦେଖାଯାଇଥିଲା। ତେବେ ରାହୁଲ ସେମାନଙ୍କୁ ପ୍ରଶ୍ନ କରିଥିଲେ ଯେ ବି।।ରୋଧୀ ଦଳ କେଉଁଠି ଧାରଣା ଦେଇପାରିବେ, ତାହା ପୁଲିସ ଜଣାଉ। ରାହୁଲ କହିଲେ ଯେ ମେଣ୍ଟର ସାଂସଦ ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ଦୁଇ ଜଣ କମିସନଙ୍କୁ ଭେଟି ନିର୍ବାଚନ ପ୍ରକ୍ରିୟା ସଂପର୍କରେ ପ୍ରଶ୍ନ କରିବାକୁ ଚାହାନ୍ତି। କିନ୍ତୁ ଜ୍ଞାନେଶ ଏବଂ ଅନ୍ୟ ଦୁଇ କମିସନର ସେମାନଙ୍କୁ ଭେଟିବା ଲାଗି କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ସମସ୍ତ ୩୦୦ ବିରୋଧୀ ସାଂସଦଙ୍କୁ ନେଇ ସେ ନିର୍ବାଚନ କମିସନରଙ୍କୁ ଭେଟି ଭୋଟ୍ ଜାଲିଆତି ପ୍ରସଙ୍ଗରେ ପ୍ରଶ୍ନ କରିବେ। ତାଙ୍କର ଜିଦ ଯୋଗୁଁ ପୁଲିସ ଅଡୁଆରେ ପଡ଼ିଥିବା ବେଳେ ନିର୍ବାଚନ କମିସନ ଅଫିସ ପକ୍ଷରୁ କୁହାଯାଇଛି ଯେ କମିସନରଙ୍କୁ ଭେଟିବା ଲାଗି ବିରୋଧୀ ନେତାମାନଙ୍କ ପକ୍ଷରୁ କୌଣସି ଅନୁରୋଧପତ୍ର ଆସିନାହିଁ।

ଇତିମଧରେ ରାସ୍ତା ଉପରେ ବସିଥିବା ଇଣ୍ଡିଆ ମେଣ୍ଟର ନେତା ଅଖିଳେଶ ଯାଦବ, ଡେରେକ ଓବ୍ରାଏନ, ଅଭିଶେକ ବାନାର୍ଜୀ, ସଂଜୟ ରାଉତ, ସଂଜୟ ଝାଙ୍କୁ ପୁଲିସ ଅଟକ ରଖିବା ସହିତ ଏକ ବସରେ ବସାଇ ନେଇଯାଇଛି। ଏହି ସମୟରେ ଉଦ୍ଧବ ସେନା ନେତା ସଂଜୟ ରାଉତ କହିଥିଲେ ଯେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ସାଂସଦ ନିର୍ବାଚନ କମିସନଙ୍କୁ ଭେଟି ଭୋଟ୍ ଜାଲିଆତି ସଂପର୍କରେ ପ୍ରଶ୍ନ କରିବାକୁ ଚାହାନ୍ତି। କିନ୍ତୁ ସେମାନଙ୍କୁ ଅଟକାଇବା ଲାଗି ଯେଉଳି ପୁଲିସ ବ୍ୟବସ୍ଥା କରାଯାଇଛି, ତାହା ଦର୍ଶାଉଛି ଯେ ସରକାର ଓ କମିସନ ଡରିଯାଇଛନ୍ତି। ଅନ୍ୟପକ୍ଷରେ ଆଜିର ଏହି ପଦଯାତ୍ରରେ ଡିଏମକେ ଏବଂ ଆପ୍ ସାମିଲ ହୋଇ ନାହାନ୍ତି।

ଇତିମଧରେ କଂଗ୍ରେସ ଏହାର ସାଂସଦମାନଙ୍କୁ ବର୍ତ୍ତମାନ ପାଇଁ ଦିଲ୍ଲୀରେ ରହିବା ଲାଗି ନିର୍ଦ୍ଦେଶ ଦେଇଛି। ଜ୍ଞାନେଶଙ୍କୁ ହଟାଇବା ଲାଗି ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ସେମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି।

### ସିଇସିଙ୍କ ଇସ୍ତଫା...

ନାମ ମତଦାତା ସୂଚୀରୁ ହଟାଇ ଦିଆଯାଇଥିବା ଆମେ ହୃଦବୋଧ କରୁଛୁ। ଓଡ଼ିଶାରେ ଏସଆଇଆର ପ୍ରକ୍ରିୟା ଚାଲୁଥିବା ବେଳେ ବିଜେଡିର ଏକାଧିକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଏସଆଇଆର ପ୍ରକ୍ରିୟାରେ ହେଉଥିବା ତ୍ରୁଟି ବିଚ୍ୟୁତିକୁ ପ୍ରତିନିଧି ମଣ୍ଡଳୀ ନିର୍ବାଚନ ଅଧିକାରୀଙ୍କ ସାମ୍ନାରେ ଉତ୍ଥାପନ କରିବା ସହ ଏହାକୁ ସୁଧାରିବାକୁ ଦାବି କରିଥିଲେ। ମାତ୍ର ନିର୍ବାଚନ ଅଧିକାରୀ ଗ୍ରହଣ କଲେ ନାହିଁ। ଶେଷରେ ରାଜ୍ୟରୁ ୨୦ ଲକ୍ଷରୁ ଅଧିକ ଭୋଟରଙ୍କୁ କାଟି ଦିଆଗଲା। ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ନିର୍ବାଚମଣ୍ଡଳୀର ହଜାର ହଜାର ଭୋଟରଙ୍କ ନାମ କାଟି ଦିଆଗଲା। ନିର୍ଦ୍ଦିଷ୍ଟ ଭାବେ ଏହି ନିର୍ବାଚନମଣ୍ଡଳୀର ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ନାମ ମତଦାତା ସୂଚୀରୁ ବାଦ୍ ଦିଆଗଲା। ଏହାକୁ ଆମେ କଡ଼ା ବିରୋଧ କରିବାକୁ ଜମେ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରାଗଲା। ଗତ ସପ୍ତାହରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ୨୦୦୦ ବ୍ୟାଚର ବରିଷ୍ଠ ଆଇଏଏସ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେବାକୁ ଆବେଦନ କରିଛନ୍ତି। ଯାହାଫଳରେ ଏସଆଇଆର ପ୍ରକ୍ରିୟାରେ ଗଡ଼ବଡ଼ି ଥିବା ନେଇ ଆମେ ସନ୍ଦେହ ପ୍ରକାଶ କରୁଛୁ। ଏହି ପ୍ରସଙ୍ଗରେ ବିଜେଡି ସୁପ୍ରିମୋ ତଥା ଓଡ଼ିଶା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ ଓ ଆମେ ମଧ ଏହି ଦାବିରେ ଅଟଳ ରହିଛୁ। ଯେତେପର୍ଯ୍ୟନ୍ତ ସିଇସି ନିଜ ପଦରୁ ନ ହଟିଛନ୍ତି, ଆମର ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

### ଅଶିଣରେ ବୈଶାଖ ଭ୍ରମ...

ବଜ୍ରପାତ ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ଆସନ୍ତା ୨୪ ଘଣ୍ଟାରେ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ଏବଂ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ପାଇଁ ହଳଦିଆ ସତର୍କତା ଜାରି ହୋଇଛି।

ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ବର୍ଷା ସମ୍ଭାବନା ରହିଛି। ୮ ତାରିଖରେ ଉତ୍ତର ଓ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଛତିଶଗଡ଼ ସମେତ ବିହାର ଓ ଝାଡ଼ଖଣ୍ଡର କେତେକ ଅଞ୍ଚଳରୁ ମୌସୁମୀ ଅପସାରଣ ହୋଇସାରିଛି। ତେବେ ଓଡ଼ିଶାରୁ ଏପର୍ଯ୍ୟନ୍ତ ମୌସୁମୀ ଅପସାରଣ ହୋଇନାହିଁ। ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଓ ବିଭିନ୍ନ ସ୍ଥାନରେ ବର୍ଷା ଜାରି ଥିବାରୁ ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ମୌସୁମୀ ଅପସାରଣର ସମ୍ଭାବନା କମ୍ ରହିଛି।


**AFFIDAVIT**

I, Priyadarsini Samant W/o- Smruti Sampad Bhanja, resident of AE-115,Vss Nagar, Bhubaneswar, Dist-Khurda, Pin 751007, Odisha declare by this affidavit no-2116, dated - 05.10.2026 that now onwards I shall be known as **PRIYADARSINI SAMANTA** for all future purposes.

**AFFIDAVIT**

I, Mamina Dandasena, aged about 38 years, D/o- Santosh Kumar Dandasena, resident of Amalapada, PO/PS: Angul, Dist: Angul, Odisha, PIN-759122 declared by this affidavit No. 635, dtd-26/09/2026 that now onwards I shall be known as **MAMINA DANDSENA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Sambalpur, dtd. 07.09.2026, I, Purusottam Pandia, At- Kanteipali, P.O. Maneswar, P.S. Sadar, Dist. Sambalpur hereby declare that my son's actual name is KISHOR PANDIA, however, in his Aadhaar Card his name has been wrongly recorded as SANU PANDIA. That SANU PANDIA and KISHOR PANDIA are one and the same person, i.e. my son. Henceforth he shall be known as **KISHOR PANDIA** for all purposes.

Sd/- PURUSOTTAM PANDIA

**AFFIDAVIT**

By virtue of an affidavit sworn before (Executive Magistrate / Notary Public), Puri, dated 05.08.2026, SAKHI BEHERA, Address - Badakanjia, P.O: Sakhigopal, P.S: Satyabadi, Dist: Puri-752014 declare that I have changed my name from SAKHI BHOI to SAKHI BEHERA. Henceforth, I shall be known as **SAKHI BEHERA** for all purposes.

**AFFIDAVIT**

By virtue of an affidavit I Jyosna Naik W/o - Jugeswar Naik of village - Ainli, Po - Uchhla, Ps.- Golamunda, Dist.- Kalahandi have Changed my surname from Naik to Durge and declare that I shall be known as Jyosna Naik and Joshna Durge is name of one person and I shall be known as Joshna Durge W/o - Jugeswar V Durge of vill. Ainli, Po. - Uchhla, Ps. - Golamunda, Dist. Kalahandi, Odisha for purposes.

**AFFIDAVIT**

By virtue of an affidavit no. 5679 before the Executive Magistrate, Pipili, dtd. 03.10.2026, I, LAXMIPRIYA PRADHAN, Vill. Barimula, P.O. Kanti, P.S. Pipili, Dist. Puri-752104 hereby declare that I have changed my name from LAKI PRADHAN to LAXMIPRIYA PRADHAN. Henceforth, I shall be known as **LAXMIPRIYA PRADHAN** for all purposes.

Sd/- LAXMIPRIYA PRADHAN

**AFFIDAVIT**

I, Puspanjali Samantaray, W/o- Shri Siba Prasad Samantaray, resident of Flat No. 204, Lifestyle Green Apartment, KIIT Road, Patia, Kalarahanga, Bhubaneswar, Pin-751024, Odisha declared by this affidavit No. 16911, dated-06/10/2026 , that now onwards I shall be known as **PUSPANJALI MISHRA** for all future purposes.

**AFFIDAVIT**

By virtue of an affidavit no. 326 before the Executive Magistrate, Tentulikhunti, Dist.-Nabarangpur, dtd. 06.10.2026, I, RUT KUMARI HIAL, formerly called RUTA HARIJAN, At/Tahasil- Tentulikhunti, Dist-Nabarangpur hereby declare that I have changed my name from RUTA HARIJAN to RUT KUMARI HIAL. Henceforth, I shall be known, as **RUT KUMARI HIAL** for all purposes.

Sd/- RUT KUMARI HIAL

**ST. MARY'S GIRLS HIGH SCHOOL**
P.O.: BADAPADA, DIST-GAJAPATI, ORISSA, INDIA, PIN: 761214

**TEACHER REQUIRED**

Applications are invited for the following posts of **St. Mary's Girls Minority U.P School, Badapada**. Qualifications required B.A, B.Ed. / CT with OTET and OSSTET. The candidate must be registered with Employment Exchange Office. The Secretary of the School and M.C reserve the right to reject any application without assigning reasons thereof. Application with Bio-Data and attested photocopies of all the documents along with Cast and Experience Certificate should reach on or before **dt.30/10/2026** by Speed or Registered Post to the undersigned.

Sd/- Secretary, St-Mary's Minority School
PO- Badapada- 761214, Via Nuagada, Dist- Gajapati

34001/954/2627

E-Mail I.D.-eernbkdp@gmail.com
Tel. (06727)-220268
Fax No. (06727)-220862

**OFFICE OF THE SUPERINTENDING ENGINEER**
**KENDRAPADA (R&B) DIVISION-I, KENDRAPADA**

GOVERNMENT OF ODISHA "e" procurement Notice (Short Notice)
e-procurement Notice for Road works

**short tender call notice**

**Bid Identification No. S.E., R & B KDP- 07 / 2026-27**

1. No of work :- 09 nos. Road works
2. Estimated Cost :- Rs.2.17 lakhs to Rs. 32.08 lakhs (Approximately)
3. Period of completion :- 10 days to 30 days
4. Date and time of sale and receipt of bid document :- From 10:00 AM of 07/10/2026 to 5:00 PM of 13/10/2026
5. Last date / time of receipt of bids :- 05 PM of 13/10/2026
6. Date and time of Opening of Bids :- 11.30 AM of 14/10/2026
7. Name and address of the Officer Inviting Bid :- Superintending Engineer, Kendrapada (R&B) Division-I, Kendrapada

Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in".

Superintending Engineer,
Kendrapada (R&B) Division-I

OIPR-34001/34097/1/26-27/0007

GOVERNMENT OF ODISHA
34001/958/2627
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)

Ltr. No. 7964 Dtd. 01.10.2026

**INVITATIONS FOR BIDS (IFB)**
**E-Procurement Bid Identification No. S.E-BNJ-R&B- 16 / 2026-27.**

1. Name of work :- Electrical Works
2. No. of works :- 2 Nos. Electrical Work
3. No. of Covers :- Single Cover
4. Estimated cost :- Rs.27.62 lakhs to Rs.31.33 lakhs
5. Period of Completion :- Twelve Calendar Month.
6. Date of time of availability of bid document in the portal :- From 12.30 P.M. of dated 13.10.2026 to 5.00 P.M. of dated 28.10.2026.
7. Last date/time for receipt of bids in the portal :- Up to 5.00 P.M. of dated 28.10.2026.
8. Date of opening of bid documents :- At 11.00 A.M. of dated 29.10.2026.
9. Class of Contractor :- Specialized Agency having MOU with associate Electrical Contractor (MV /HT or above) having valid license from ELBO
10. Name and address of officer inviting Bid :- Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Superintending Engineer
Bhanjanagar (R&B) Division

OIPR-34001/34015/1/26-27/0014

25001/1271/2627
E-mail: eerw_ptng@yahoo.in
Phone No – 06658-222121

GOVT OF ODISHA

**OFFICE OF THE SUPERINTENDING ENGINEER,**
**RURAL WORKS DIVISION PATNAGARH**

**e Procurement Notice**

**IFB IDENTIFICATION NO. EEPTNG- Online -08/2026-27**

| | | | |
|---|---|---|---|
| 1. | Name of work | : | Special Repair of Road works |
| 2. | Total no of work | : | 03 (Three) No works |
| 3. | Time for completion | : | 02 (Two) Calendar month |
| 4. | Approximate estimated cost | : | Rs. 63.56 to 76.27 lakhs |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Patnagarh | EEPTNG-Online-08/2026-27 | 07.10.2026 at 11.00 AM | 22.10.2026 upto 5.00 P.M | 21.10.2026 upto 5.00 PM | 23.10.2026 at 11.000 A.M | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R.W.Division, Patnagarh

OIPR-25001/25154/1/26-27/0010

**GOVERNMENT OF ODISHA**
25001/1275/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK-II**
ee_rwbdk2@yahoo.co.in

**"e" Procurement Notice for Road Works**
**Identification Online Tender 8/RWD/BDK-II/2026-27 Dtd. 05.10.2026**

1. Name of the Work :- Road Works as per Annexure
2. Total Number of Works :- 3 Nos
3. Approximate Estimated Cost :- Rs. 5.76 lakhs – 42.37 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Type of Tender :- Single Cover
7. Other details :- The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Executive Engineer R.W. Division-II, Bhadrak | 8 | 08.10.2026 At 12.00 P.M. | 15.10.2026 up to 5.00 P.M. | 14.10.2026 up to 03.00 P.M. | 16.10.2026 at 11.00 AM |

8. Further details can be seen from the e-procurement portal "https://www.tendersorissa.gov.in".
9. Any other changes / Corrigendum may be seen only in website www.tendersorissa.gov.in.

Executive Engineer
R.W. Division-II, Bhadrak

OIPR-25001/25090/1/26-27/0007

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
ADMINISTRATIVE OFFICE BUILDING, NEAR BURLA POWER HOUSE
BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
4001/350/2627

No. HHEP/Tech-WK-121(Vol-II)/7146 Date :01.10.2026

**TENDER CALL NOTICE NO. HHEP-82/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Dealers / Authorized Distributors / channel partner only for supply of the following materials as mentioned below

| Description of work | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of LED Street light fittings (200watt) to HHEP, Burla as per Tender Specification | Rs. 2360/- (Rs. 2000 + GST @ 18%) | 4640/- |

- Sale of tender paper:**08.10.2026(10.00AM) to 21.10.2026 upto 05.30PM**
- Receipt of tender paper : **22.10.2026 upto 03.30PM**
- Date & time of opening of tender : **22.10.2026 at 04.00PM**
- Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpc.co.in.

Sd/-
Unit Head, HHEP, Burla

OIPR-4001/4007/1/26-27/0032

**OFFICE OF THE GENERAL MANAGER, WATCO DIVISION, BRAHMAPUR**
*e-mail: gmwatcobam@gmail.com / Ph No. 06802233978*
Government of Odisha "e" Procurement Notice
NATIONAL COMPETITIVE BIDDING
13001/2064/2627

**Bid Identification No. WATCOBAM-12/2026-27 DTD. 29.09.2026**

1. Name of work : "Installation of 1100 & 700 NB Dia Electromagnetic flow meter and Pressure Transducer at CWRM line for the measurement of real time water flow to greater Brahmapur under WATCO Section, Kaliabali".
2. Estimated cost : 19.20 Lakhs (appox.)
3. Period completion : 4 months.
4. Date & Time of availability of bid document in the Portal : From 11.00 Hrs. of Dt. 07.10.2026 To 17.30 Hrs. of Dt. 15.10.2026.
5. Last date / Time for Bidding in the Portal : 17.30 Hrs. of Dt. 15.10.2026.
6. Date of opening of Tender : On Dt. 16.10.2026 at 12.30Hrs.
7. Name and address of the Officer inviting tender : General Manager, WATCO Division, Brahmapur.

Further details can be seen from the e-procurement Portal: https://tendersodisha.gov.in .

General Manager,
WATCO Division, Brahmapur

OIPR-13001/13210/1/26-27/0005

**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)** 32001/982/2627
**OFFICE OF THE EXECUTIVE ENGINEER, L.I.DIVISION, GUNUPUR.**
E-mail: www. eeolicgnp@ymail.com

**"E"-Procurement Notice**

**BID IDENTIFICATION NO. OLIC-GNPR-02/2026-27 dt.29.09.2026**

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentagewise Rate bids in single cover system on online mode for the work Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/PHED/RWSS/Irrigation/Rural works of required class and valid HT license issued by E.L.B.O, Odisha with experience in OLIC nature of works. Contractors / firms having civil license can also participate in the above tender making Joint venture with valid HT license holders and vice-versa. The joint venture documents should be registered in any registration office only. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. Proofs of registration from the appropriate authorities are to be enclosed along with the bid/bids.

The details are available in the Government Tender Web site i.e. www.tendersorissa.gov.in.

1. **Total Nos. of Packages** : 31 nos.
2. **Approximate Estimated Cost** : Rs. 4.10 Lakhs to 8.01 Lakhs.,
3. **Period of completion** : Mentioned against each packages.
4. **Class of Contractor** : Mentioned against each packages.
5. **Availability of tender On-line for bidding** : from dt.07.10.2026 to 14.10.2026.
6. **Last date & time of seeking tender clarification** : On dt. 14.10.2026
7. **Last date of submission of original Bid documents/ Cost of Bid (On Online Mode)** : on or before dt.14.10.2026 upto 5.30 P.M.
8. **Date & Time of Opening of tender in the office of the Executive Engineer, L.I. Division, Gunupur (Online Mode)** : dt. 15.10.2026 onwards.
9. **Any Corrigendum/ Addendum will be displayed in the above website only.**

The undersigned reserves the right to reject/cancel any or all the tenders without assigning any reason thereof.

Executive Engineer,
L.I.Division, Gunupur.

OIPR-32001/32144/1/26-27/0002

## ସେବା ସଂକଳ୍ପ ଅଭିଯାନ

**ଜଳେଶ୍ୱର, ୬।୧୦ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ପାଳନ ଅବସରରେ ୧୭ସେପ୍ଟେମ୍ବରରୁ ୧୭ଅକ୍ଟୋବର ଯାଏ ସାରା ଦେଶରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ସେହି ଉପଲକ୍ଷେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସଂଗ୍ରାମ କୁମାର ଜେନାଙ୍କ ନେତୃତ୍ୱରେ ଜଳେଶ୍ୱର ବ୍ଲକର ଗୋବରଘାଟା ପଂଚାୟତର ୧୦୯ ବୁଥ ଗୋବରଘଟା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତୀୟ ଜନତା ପାର୍ଟି ତରଫରୁ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସହିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ପୂର୍ବତନ ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ଓ ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ବିଶ୍ୱରୂପ ଦାସ, ମଣ୍ଡଳ ସଭାପତି ଅନୂପ ପ୍ରଧାନ, ବିଦ୍ୟାଳୟ ସଭାପତି ପ୍ରଭାକତ ଘୋଡାଇ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମର ଏସ୍‌ଏଚ୍‌ଜି ମହିଳା ସଂଗଠନର ସଦସ୍ୟାମାନେ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ସଫେଇ କରିଥିଲେ।

## ବାଲେଶ୍ୱରରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣ ପାଇଁ କଡ଼ା କଟକଣା

# ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି; ୭ରୁ ସିଙ୍ଗଲ୍ ୱିଣ୍ଡୋ ସେବା

**ବାଲେଶ୍ୱର, ୬।୧୦ (ସମିସ)**

ଆସନ୍ତା ଅକ୍ଟୋବର ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଏବଂ ପାରମ୍ପରିକ ରୀତିନୀତି ଅନୁଯାୟୀ ସୁରକ୍ଷିତ ଭାବେ ସମ୍ପାଦନ କରିବା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଗତ ୩ ଅକ୍ଟୋବର ଅପରାହ୍ନ ୪:୩୦ ଘଟିକା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ସହ ପୂଜା ପରିଚାଳନାକୁ ସୁଗମ କରିବା ପାଇଁ ପ୍ରଶାସନ, ପୁଲିସ ବିଭାଗ ଏବଂ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା କରାଯାଇଛି। ପୂଜା ମଣ୍ଡପଗୁଡ଼ିକର ଅନୁମତି ପ୍ରକ୍ରିୟାକୁ ସହଜ ଓ ସରଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଅକ୍ଟୋବର ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦:୦୦ ଟାରୁ ଅପରାହ୍ନ ୪:୩୦ ଟା ମଧ୍ୟରେ ପୂଜା ମଣ୍ଡପଗୁଡ଼ିକୁ ଆବଶ୍ୟକୀୟ ଅନୁମତି ଏବଂ ଆପତ୍ତିବିହୀନ ପ୍ରମାଣପତ୍ର (ଏନଓସି) ପ୍ରଦାନ କରାଯିବ। ପ୍ରତ୍ୟେକ ପୂଜା କମିଟି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଜ ନିଜର ଆବେଦନ ଶେଷ କରିବାକୁ କୁହାଯାଇଛି। ଏତଦ୍‌ବ୍ୟତୀତ ଶୋଭାଯାତ୍ରା ନିମନ୍ତେ ମଧ୍ୟ ପୂଜା କମିଟିଗୁଡ଼ିକୁ ପ୍ରଶାସନଠାରୁ ଅଗ୍ରିମ ଅନୁମତି ନେବାକୁ ବାଧ୍ୟତାମୂଳକ କରାଯାଇଛି। ଚଳିତ ବର୍ଷ ଆସନ୍ତା ଅକ୍ଟୋବର ୨୨ ତାରିଖରେ ମା’ ଦୁର୍ଗାଙ୍କ ପ୍ରତିମା ବିସର୍ଜନ ବା ଭସାଣି ଉତ୍ସବ ଅନୁଷ୍ଠିତ ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଭସାଣି ସମୟରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା କଟକଣା ଲାଗୁ କରାଯାଇଛି। ଶୋଭାଯାତ୍ରା ସମୟରେ ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ମାରଣାସ୍ତ୍ର, ଲାଠି, ବାଣ ଓ ଆତସବାଜି ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରର ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ପକ୍ଷରୁ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି। ସମଗ୍ର ସହର, ପୂଜା ମଣ୍ଡପ ଏବଂ ଭସାଣି ରାସ୍ତା ଉପରେ ସିସିଟିଭି ଏବଂ ଡ୍ରୋନ୍ କ୍ୟାମେରା ମାଧ୍ୟମରେ କଡ଼ା ନଜର ରଖାଯିବ। ଏହାସହ ସାଧାରଣ ଜନତା ଏବଂ ଶ୍ରଦ୍ଧାଳୁଙ୍କ ସୁବିଧାପାଇଁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଉତ୍ସବକୁ ଅତ୍ୟନ୍ତ ଆନନ୍ଦଉଲ୍ଲାସ, ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ସମସ୍ତ ପୂଜା କମିଟି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ସହଯୋଗ ଲୋଡ଼ିଛି ଜିଲ୍ଲା ପ୍ରଶାସନ।

## ରାଜ୍ୟ ବ୍ୟାଡମିଣ୍ଟନରେ ବାଲେଶ୍ୱର ଝିଅ ମୃଣ୍ମୟୀଙ୍କ ସଫଳତା

**ବାଲେଶ୍ୱର, ୬।୧୦(ସମିସ):** ବାଲେଶ୍ୱର ଝିଅ ମୃଣ୍ମୟୀ ପାଣିଗ୍ରାହୀ ରାଉରକେଲାରେ ଅନୁଷ୍ଠିତ ସିନିୟର ଲେଭଲ୍ ରାଜ୍ୟ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପରେ ଦୁଇଟି ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପାନପୋଷ ଇଣ୍ଡୋର ଷ୍ଟାଡିୟମରେ ଅକ୍ଟୋବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ “ୟୋନେକ୍ସ-ସନରାଇଜ୍ ଓଏସବିଏ ଅଲ୍ ଓଡ଼ିଶା ଲେଭଲ-୨ ସିନିୟର ଷ୍ଟେଟ୍ ଚାମ୍ପିଅନସିପ୍’ରେ ସେ ମହିଳା ଡବଲ୍ସରେ ଚାମ୍ପିଅନ ଏବଂ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଛନ୍ତି।




ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଓ ସୁନ୍ଦରଗଡ଼ ଉନ୍ନୟନ କମିଟି ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଜିଲ୍ଲାର ୭ ଜଣ ଖେଳାଳି ଭାଗ ନେଇଥିବା ବେଳେ ମୃଣ୍ମୟୀ ମହିଳା ଡବଲ୍ସ ରେ ଚାମ୍ପିଅନ ଏବଂ ମହିଳା ସିଙ୍ଗଲ୍ସ ରନର୍ସ ଅପ୍ ହୋଇଛନ୍ତି। ସେହିପରି ସାଇ ସତ୍ୟଶ୍ରୀ ନାୟକ ଏବଂ ଜୟପ୍ରକାଶ ସିଂହ ପୁରୁଷ ଡବଲ୍ସରେ ସେମିଫାଇନାଲିଷ୍ଟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ ରାୟ, ଓଏସବିଏର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ ଓ ଶୈଳେନ୍ଦ୍ର ଚୌଧୁରୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ପଣ୍ଡା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶୁଭମ ନାୟକ ଓ ଉନ୍ନୟନ କମିଟି ମୁଖ୍ୟ ନିଖିଲ ଅଗ୍ରୱାଲ ଯୋଗଦେଇ ବିଜେତାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ପୁନର୍ଗଠିତ

**ବାଲେଶ୍ୱର, ୬।୧୦(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ବାଲେଶ୍ୱର ଜିଲ୍ଲା ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ୟୁନିଅନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଚୟନ କମିଟି ଦ୍ୱାରା ଏହି ନୂତନ ଜିଲ୍ଲା କମିଟି ମନୋନୀତ କରାଯାଇଛି। ଏହି ପ୍ରକ୍ରିୟାରେ ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ଅଜିତ କୁମାର ମହାନ୍ତି ଏବଂ ସୁକାନ୍ତ ବିନ୍ଧାଣୀ ପ୍ରମୁଖ ପରାମର୍ଶଦାତା ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ନୂତନ ଭାବେ ଗଠିତ କମିଟିରେ ଗଙ୍ଗାଧର ରାଉତଙ୍କୁ ସଭାପତି, ବିବେକାନନ୍ଦ ଦାସଙ୍କୁ ସାଧାରଣ ସମ୍ପାଦକ ଏବଂ ସୁରେଶ ଚନ୍ଦ୍ର ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ଉତ୍କଳବନ୍ଧୁ ପଣ୍ଡା ଓ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସମ୍ପାଦକ ଭାବେ ତପୋଧନ ବାରିକ, ନନ୍ଦକିଶୋର ସାହୁ, ଲକ୍ଷ୍ମୀଧର ବାରିକ, ରବିରଞ୍ଜନ ତ୍ରିପାଠୀ ଓ ସୋମନାଥ ସାହୁଙ୍କୁ ମନୋନୀତ କରାଯାଇଛି। ସଂଗଠନକୁ ନୀତି ନିୟମାନୁସାରେ ପରିଚାଳିତ କରିବା ଏବଂ କାର୍ଯ୍ୟାବଳୀକୁ ସୁବ୍ୟବସ୍ଥିତ କରିବା ପାଇଁ ସଂଗଠନ ଦାୟିତ୍ୱ ଦୁଇ ଜଣ ଅଭିଜ୍ଞ ସଦସ୍ୟ ମଧୁସୂଦନ ଦାସ ଓ ତୃପ୍ତିକାନ୍ତ ପାଢ଼ୀଙ୍କୁ ହସ୍ତାନ୍ତର କରାଯାଇଛି। ଏତଦ୍‌ବ୍ୟତୀତ ୟୁନିଅନର ଆଭ୍ୟନ୍ତରୀଣ ଶୃଙ୍ଖଳା ଓ ଆଦର୍ଶ ବଜାୟ ରଖିବା ପାଇଁ ଗଠିତ ଶୃଙ୍ଖଳା କମିଟିରେ ଅରୂପ ଦାସ, କୈଳାସ ଚନ୍ଦ୍ର ଦାସ, ମନୋଜ ରାୟ ଓ ସନ୍ତୋଷ କୁମାର ନାୟକ ସ୍ଥାନ ପାଇଛନ୍ତି। ସେହିପରି ବିଭିନ୍ନ ବ୍ଲକରୁ ବ୍ଲକ ସଂଯୋଜକମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସୋର ବ୍ଲକରୁ ସୁଶାନ୍ତ କୁମାର ବେହେରା ଓ ରମାକାନ୍ତ ପଣ୍ଡା, ବାହାନଗାରୁ ଜୟଦେବ ଆଚାର୍ଯ୍ୟ, ସିମୁଳିଆରୁ ଗଦାଧର ଜେନା, ରେମୁଣାରୁ ଲକ୍ଷ୍ମୀଧର ଗାଣ, ବାଲିଆପାଳରୁ ରାଜଶ୍ରୀ ପାଣିଗ୍ରାହୀ, ବାଲେଶ୍ୱରରୁ ମହେଶ୍ୱର ପ୍ରଧାନ ଏବଂ ଖଇରା ବ୍ଲକ ପାଇଁ ଉମେଶ ଚନ୍ଦ୍ର ଜେନା ଓ ସଞ୍ଜୟ କୁମାର ବେହେରାଙ୍କୁ ସଂଯୋଜକ ଭାବେ ଚୟନ କରାଯାଇଛି।

## ପଦୋନ୍ନତିରେ ପାତରଅନ୍ତର ଅଭିଯୋଗ

**ବାଲେଶ୍ୱର, ୬।୧୦(ସମିସ):** ପଦୋନ୍ନତି ତାଲିକା ପ୍ରସ୍ତୁତିରେ ଅନିୟମିତତା ଓ ପାତରଅନ୍ତର ହୋଇଥିବା ଅଭିଯୋଗ କରିଛି ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଆଣ୍ଡ ସିଡ୍ୟୁଲ୍ଡ ଟ୍ରାଇବ୍ ଏମ୍ପ୍ଲୟିଜ୍ ୱେଲଫେୟାର କୋ-ଅର୍ଡିନେସନ କାଉନସିଲ୍, ବାଲେଶ୍ୱର ଜିଲ୍ଲା ୟୁନିଟ୍। ଏ ନେଇ କାଉନସିଲ୍ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଶାଖା କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ଟୁଡୁ ଓ ସାଧାରଣ ସମ୍ପାଦକ ସୁବ୍ରତ କୁମାର ସିଂହଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦାବିପତ୍ର



### ଜିଲ୍ଲାପାଳ ଓ ଡିଇଓଙ୍କୁ ଦାବିପତ୍ର ଦେଲା ଏସ୍‌ସି-ଏସ୍‌ଟି କର୍ମଚାରୀ ସମନ୍ୱୟ ପରିଷଦ

ପ୍ରଦାନ କରିଥିଲେ। ଚୂଡ଼ାନ୍ତ ପଦୋନ୍ନତି ତାଲିକା ପ୍ରସ୍ତୁତି ସମୟରେ ଓଡ଼ିଶା ସିଭିଲ୍ ସର୍ଭିସ୍ ସଂଶୋଧିତ ନିୟମ, ୨୦୨୨ ଅନୁଯାୟୀ ଏସ୍‌ସି-ଏସ୍‌ଟି ବର୍ଗର ଶିକ୍ଷକମାନଙ୍କ ବରିଷ୍ଠତାକୁ ଯଥାଯଥ ଭାବେ ବିଚାର କରାଯାଇନଥିବା କାଉନସିଲ୍ ଅଭିଯୋଗ କରିଛି। କାଉନସିଲ୍ ପକ୍ଷରୁ କୁହାଯାଇଛି ଯେ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଗେଜେଟ୍ ବିଜ୍ଞପ୍ତି ୧୨.୧୦.୨୦୨୨ ଅନୁସାରେ ଓଡ଼ିଶା ସିଭିଲ୍ ସର୍ଭିସ୍ ଓ ପଦୋନ୍ନତି ମାନଦଣ୍ଡ ସଂଶୋଧନ ନିୟମ ଅନୁଯାୟୀ ବରିଷ୍ଠତା ଭିତ୍ତିରେ ଏସ୍‌ସି-ଏସ୍‌ଟି ଶିକ୍ଷକମାନଙ୍କୁ ପଦୋନ୍ନତି ଦିଆଯିବା କଥା। ସେହିପରି ପତ୍ର ସଂଖ୍ୟା ୧୬୯୬୨, ୧୦.୯.୨୦୨୬ ଅନୁଯାୟୀ ଅନୁମୋଦିତ ପଦ ସଂଖ୍ୟା ମଧ୍ୟରୁ ଯଥାଯଥ ଭାବେ ପଦ ଅନୁମୋଦନ କରି ପଦୋନ୍ନତି ଦିଆଯିବା ଆବଶ୍ୟକ। ପଦୋନ୍ନତି ସମ୍ପର୍କିତ ଡିଏଲ୍‌ପିସି ବୈଠକ, ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଦାଖଲ ସିସିଆର୍, ଶିଷ୍ଟାଚାର ସମ୍ପର୍କିତ ପ୍ରମାଣପତ୍ର, ଭିଜିଲାନ୍ସ କ୍ଲିୟରାନ୍ସ ସାର୍ଟିଫିକେଟ୍ ଓ ସମ୍ପତ୍ତି ତାଲିକା ଦାଖଲ ହୋଇଥିଲେ ମଧ୍ୟ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଶ୍ରୀ ଟୁଡୁ ଅଭିଯୋଗ କରିଛନ୍ତି। ନୂତନ ଡିଏଲ୍‌ପିସି ବୈଠକ ଡାକି ନିୟମ ଓ ଗାଇଡ୍‌ଲାଇନ୍ ଅନୁଯାୟୀ ଯୋଗ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ପଦୋନ୍ନତି ଦେବାକୁ କାଉନସିଲ୍ ଦାବି କରିଛି। ନୂତନ ସଂଶୋଧିତ ତାଲିକା ଆସିବା ପର୍ଯ୍ୟନ୍ତ ପୁରୁଣା ତାଲିକାକୁ କାର୍ଯ୍ୟକାରୀ ନକରିବା ପାଇଁ ମଧ୍ୟ ଦାବି ହୋଇଛି। ଅନ୍ୟ ଶିକ୍ଷା ଜିଲ୍ଲାଗୁଡ଼ିକରେ ଏସ୍‌ସି-ଏସ୍‌ଟି ବର୍ଗର ଶିକ୍ଷକମାନଙ୍କୁ ନ୍ୟାୟ ମିଳିଥିବାବେଳେ ବାଲେଶ୍ୱର ଜିଲ୍ଲାରେ କାହିଁକି ସେମାନଙ୍କୁ ନ୍ୟାଯ୍ୟ ପ୍ରାପ୍ୟ ଓ ପଦୋନ୍ନତିରୁ ବଞ୍ଚିତ କରାଯାଉଛି, ତାହାର ବିଧିବଦ୍ଧ ତଦନ୍ତ କରାଯିବା ଆବଶ୍ୟକ ବୋଲି କାଉନସିଲ୍‌ର ଶିକ୍ଷକ ନେତା ସୁବ୍ରତ କୁମାର ସିଂ, ପ୍ରମୋଦ ରାମ, ନିତ୍ୟ ପ୍ରକାଶ ସିଂହ, ରାମଚନ୍ଦ୍ର ହାଁସଦା ପ୍ରମୁଖଙ୍କ ଅନ୍ୟମାନେ ଦାବି କରିଛନ୍ତି।

## ମଦମୁକ୍ତି ଯୁବବାହିନୀ ପକ୍ଷରୁ ‘ଯୁବସମ୍ବାଦ’

**ବାଲେଶ୍ୱର, ୬।୧୦(ସମିସ):** ମଦମୁକ୍ତ ଓଡ଼ିଶା ସଂକଳ୍ପ ନେଇ କୁଣ୍ଡଳି ଗ୍ରାମରେ ଥିବା ଶ୍ରୀମା ଅରବିନ୍ଦ ସାଧନା ଓ ଶକ୍ତି ଆଶ୍ରମରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ଏକ ଦିବସୀୟ “ଯୁବସମ୍ବାଦ’ ଅନୁଷ୍ଠିତ ହୋଇଛି। ଶତାଧିକ ଯୁବକ-ଯୁବତୀ ଓ ମହିଳା ଏଥିରେ ଯୋଗ ଦେଇଥିଲେ। ଯୁବବାହିନୀର କାର୍ଯ୍ୟକର୍ତ୍ତା ଶ୍ୟାମସୁନ୍ଦର ଜେନା ଓ ନମିତା ବାରିକ ଗାନ୍ଧୀଙ୍କ ସ୍ୱପ୍ନ ସାକାର କରିବା ପାଇଁ ରାଜ୍ୟରେ ମଦ ଦୋକାନ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ସମାସ ଷଡଙ୍ଗୀ କହିଥିଲେ, ଯୁବକମାନେ ହିଁ ଜନଜାଗରଣର ସୂତ୍ରଧର ହୋଇପାରିବେ, ସେଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଯୁବସମ୍ବାଦ ଆୟୋଜନ କରାଯାଉଛି। ଏହି ଅବସରରେ ଯୁବବିକାଶ ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଦଳାଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ କାତ ରଶି, ପାପୋଛ, ଝୋଟ ଟୋକେଇ, ଡାଲା ଆଦି ପ୍ରସ୍ତୁତ କରି ବିକ୍ରି କରିବାର ବାର୍ତ୍ତା ଦେଇଥିଲେ। ସଂଜୟ କୁମାର ମହାପାତ୍ର ଗାନ୍ଧିଜୀଙ୍କ ଗୀତ ଗାଇ ସଭାକୁ ରୋମାଞ୍ଚିତ କରିଥିଲେ। ରାଧାଗୋବିନ୍ଦ ଲେଙ୍କାଙ୍କ ନେତୃତ୍ୱରେ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ସବିତା ମହାନ୍ତି, ସ୍ୱପ୍ନାଦେବୀ ମଲ୍ଲିକ, ରୀନା ମଲ୍ଲିକ, ବୃନ୍ଦାବତୀ ପଟ୍ଟାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଶାଳାପଦାରେ ଗଣ ସଫେଇ କାର୍ଯ୍ୟକ୍ରମ




**ବାଲେଶ୍ୱର, ୬।୧୦(ସମିସ):** ବାଲେଶ୍ୱର ପୌରପାଳିକା ଅଧୀନ ଗୋଶାଳାପଦା ସହରାଞ୍ଚଳ ବସ୍ତିରେ ‘ସ୍ୱଚ୍ଛତା ହିଁ ସେବା’ ଅବସରରେ ଗଣ ସଫେଇ କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍, ୟୁଥ୍ ଫର୍ ୱାଟର୍ ପ୍ଲସ୍ ଓ “ମେ ଆଇ ହେଲ୍ପ ୟୁ’ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ କାଉନସିଲର ଶଶିରେଖା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଗଣ ସଫେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ଯୁବକ-ଯୁବତୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଅଞ୍ଚଳର ସ୍ୱଚ୍ଛତା ରକ୍ଷାରେ ନିୟୋଜିତ ସାନିଟାରୀ କର୍ମଚାରୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ପାଇଁ ସମସ୍ତଙ୍କର ସହଭାଗିତା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

## ବିଭିନ୍ନ ଗ୍ରାମରେ ସେବା ପକ୍ଷ ପାଳିତ




**ବାଲେଶ୍ୱର, ୬।୧୦(ସମିସ):** ମେରା ଯୁବ ଭାରତ ବାଲେଶ୍ୱର ଓ ସାମାଜିକ ସଂଗଠନ ମୁନ କମ୍ୟୁନିକେସନର ମିଳିତ ସହଯୋଗରେ ସେବା ପକ୍ଷ ବିଭିନ୍ନ ଗ୍ରାମରେ କରାଯାଇଛି। ସଂଗଠନ ସମ୍ପାଦକ ଅବନୀ କୁମାର ଜେନା ନେତୃତ୍ୱରେ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯାଇଥିଲା। ତପସୀ ଗ୍ରାମରେ ଅନୁଷ୍ଠିତ ମହିଳା ମାନଙ୍କ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ପଙ୍କଜିନୀ ଦାସ, ସବିତା ନାୟକ ଯୋଗଦେଇ ବ୍ୟାପକ ଚାରା ରୋପଣ କରିବାକୁ ଶପଥ ପାଠ କରାଇଥିଲେ। ଅତିଥି ଭାବେ ପ୍ରଶାନ୍ତ କୁମାର ଦାସ, ରଣସାହି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ, ସହକାରୀ ଶିକ୍ଷକ ଜୟନ୍ତ କୁମାର ଦାସ, କାର୍ତ୍ତିକ ଜେନା, ପୂର୍ଣ୍ଣତୟା ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ଜେନା ପରିଚାଳନା କରିଥିବା ବେଳେ ସୂର୍ଯ୍ୟକାନ୍ତ ନାୟକ, ଅମ୍ବିକା ପ୍ରସାଦ ନାୟକ, ରଶ୍ମିତା ବେହେରା, ମୀରାମ୍ବିକା ଦାସ ସହଯୋଗ କରିଥିଲେ।

## ଔଷଧ ଦୋକାନରେ ଡ୍ରଗ୍ ଇନ୍ସପେକ୍ଟରଙ୍କ ଯାଞ୍ଚ

**ବସ୍ତା ବ୍ଲକ, ୬।୧୦ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ରେ ଡ୍ରଗ ଇନ୍ସପେକ୍ଟର (ରୁରାଲ ଡିଭିଜନ ବାଲେଶ୍ୱର) ଅଧିକାରିଣୀ ମୁକ୍ତିନନ୍ଦା ଶତପଥୀ ବସ୍ତା ଓ ଗାନ୍ଧିଛକ ଛକରେ ଥିବା ଔଷଧ ଦୋକାନଗୁଡ଼ିକରେ ଯାଞ୍ଚ କରିଥିବା ବେଳେ କିଛି ଦୋକାନୀ ଧରା ପଡ଼ିବା ଭୟରେ ଦୋକାନ ବନ୍ଦ କରି ପଳାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସାଧାରଣ ଲୋକ ଓ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। ମଙ୍ଗଳବାର ସକାଳେ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଡ୍ରଗ ଇନ୍ସପେକ୍ଟର ପ୍ରଥମେ ଗାନ୍ଧୀ ଛକରେ ଥିବା ଔଷଧ ଦୋକାନ ଯାଞ୍ଚ କରିଥିଲେ। ଅପରାହ୍ନରେ ବସ୍ତା ହସ୍ପିଟାଲ ନିକଟରେ ଥିବା ଔଷଧ ଦୋକାନ ଯାଞ୍ଚ ପାଇଁ ପହଞ୍ଚିଥିଲେ। ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବାକୁ ସମସ୍ତ ଔଷଧ ଦୋକାନୀଙ୍କୁ ସୂଚନା ଦିଆ ଯାଇଥିଲା। ମାତ୍ର ଡ୍ରଗ ଇନ୍ସପେକ୍ଟର ଅଧିକାରିଣୀ ଗୋଟେ ଦୁଇଟି ଔଷଧ ଦୋକାନ ଯାଞ୍ଚ କରି ସାରିବା ବେଳକୁ ୬ରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ବନ୍ଦ କରି କିଛି ଦୋକାନୀ ପଳାଇ ଯାଇଥିଲେ। ଏ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି। ନକଲି ଔଷଧ ବିକ୍ରି କରୁଥିବାରୁ ସେମାନେ ଦୋକାନ ବନ୍ଦ ରଖିଥିବା ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷେ ଏନେଇ ଡ୍ରଗ ଇନ୍ସପେକ୍ଟର ଅଧିକାରିଣୀ ଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ଏହା ଏକ ରୁଟିନ ଯାଞ୍ଚ ପ୍ରକ୍ରିୟା। ନାର୍କୋଟିକ୍ସ, ଯନ୍ତ୍ରଣା ମେଡିସିନ ଭଳି କିଛି ଔଷଧକୁ କିପରି ବିକ୍ରି କରାଯାଉଛି ଓ ବିନା ଡାକ୍ତରଙ୍କ ପ୍ରେସକ୍ରିପସନ୍ ଏହି ସବୁ ଔଷଧ ବିକ୍ରି କଟକଣା ଯାଞ୍ଚ କରାଯାଉଥିବା ସୂଚନା ଦେଇଥିଲେ। ଏଭଳି ଯାଞ୍ଚ ପ୍ରକ୍ରିୟା ବସ୍ତା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନ ରେ କରାଯାଇଥିବା ସୂଚନା ମିଳିଛି। ଯାଞ୍ଚ କୁ ସାମ୍ନା ନକରି ଦୋକାନ ବନ୍ଦ ରଖିଲେ ଲୋକଙ୍କ ଉପରେ ଖରାପ ପ୍ରଭାବ ପଡ଼ିବା ନେଇ କୁହା ଯାଇଥିଲା। ଆଗାମୀ ଦିନରେ ବିନା ସୂଚନାରେ ଯାଞ୍ଚ କରାଯିବ ବୋଲି ଡ୍ରଗ ଇନ୍ସପେକ୍ଟର ଅଧିକାରିଣୀ ସୂଚନା ଦେଇଛନ୍ତି।

### ଦୋକାନ ବନ୍ଦ କରି ଲୁଚିଲେ ଦୋକାନୀ

## ଶେଷ ଦିନରେ ‘ସ୍ରଷ୍ଟା’ ଦ୍ୱାରା ମଞ୍ଚସ୍ଥ ହେଲା ନାଟକ ‘ବାପା’

**ବାଲେଶ୍ୱର, ୬।୧୦ (ସମିସ):** ସ୍ରଷ୍ଟା ନାଟ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଦୁଇ ଦିନିଆ ନାଟକ ଉତ୍ସବର ଦ୍ୱିତୀୟ ତଥା ଶେଷ ଦିନରେ ନାଟକ ‘ବାପା’ ମଞ୍ଚସ୍ଥ ହୋଇଛି। ମାକଲପୁରସ୍ଥିତ ନାଟ୍ୟ ଅନୁଷ୍ଠାନ ପରିସରରେ ସ୍ରଷ୍ଟାର କଳାକାରମାନଙ୍କ ଦ୍ୱାରା ଏହି ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ସ୍ରଷ୍ଟାର ଉପସଭାପତି ପ୍ରସନ୍ନ କୁମାର ଦାସଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ସଭାରେ ସମ୍ପାଦକ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଏବଂ ଅତିଥି ଭାବେ ଫକୀର ମୋହନ କଲେଜର ସାଇକୋଲୋଜି ବିଭାଗ ପ୍ରଫେସର ଜୟଶ୍ରୀ ମିଶ୍ର ଉପସ୍ଥିତ ଥିଲେ। ପ୍ରୁଫ୍‌ର ଆସୋସିଏଟ୍ ଡାଇରେକ୍ଟର ହିମାଂଶୁ କୁମାର ପଣ୍ଡା ସଭାକୁ ଉଦ୍‌ଘାଟନ କରିଥିଲେ। ‘ପ୍ରିୟବ୍ରତ ପଟ୍ଟନାୟକ ଜଣେ ସଚ୍ଚା ଓ ଦେଶଭକ୍ତ ଅବସରପ୍ରାପ୍ତ ଆର୍ମି ଅଫିସର। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ବଡ଼ ପୁଅ ପୁଲିସ ଇନ୍ସପେକ୍ଟର, ସାନ ପୁଅ ଏକ ସାମାଜିକ ସେବା ଅନୁଷ୍ଠାନର ସଦସ୍ୟ ଏବଂ ସାନ ଝିଅ ପିଙ୍କି ପରିବାରର ସବୁ ଦାୟିତ୍ୱ ନିଏ। ବଡ଼ ପୁଅ ତାର ଆଧୁନିକା ସ୍ତ୍ରୀ ଦ୍ୱାରା ପରିଚାଳିତ ହୋଇ ମନ୍ତ୍ରୀଙ୍କୁ ହାତ କରି ଦୁର୍ନୀତି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରେ ଏବଂ ଘରୁ ବାହାରି ସହରରେ ରହେ। ସାନ ପୁଅ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହି ଘରକୁ ଆସେ ନାହିଁ। ଇତିମଧ୍ୟରେ ବାପା ପ୍ରିୟବ୍ରତ ପାରାଲିସିସ୍ ରୋଗରେ ପଡ଼ି ବାଡ଼ି ଧରି ଚାଲନ୍ତି। ତାଙ୍କୁ ଜଣେ ଡାକ୍ତର ସାହାଯ୍ୟ କରନ୍ତି ଓ ସବୁ ଦାୟିତ୍ୱ ସାନ ଝିଅ ପିଙ୍କି ନିଏ। ଶେଷରେ ପୁଅମାନଙ୍କ ବିଶୃଙ୍ଖଳିତ ଆଚରଣରେ ବିବ୍ରତ ହୋଇ ବାପା ହୃଦ୍‌ଘାତରେ ମୃତ୍ୟୁବରଣ କରନ୍ତି। ଅନ୍ତିମ ସଂସ୍କାର ପାଇଁ ଝିଅ ସବୁ ଆୟୋଜନ କରୁଥିବା ବେଳେ ଦୁଇ ଭାଇ ଆସି ଶବ ସତ୍କାର କରିବାକୁ ଚେଷ୍ଟା କରନ୍ତି, ମାତ୍ର ପିଙ୍କି ନିଜେ ସବୁ କର୍ମ କରିବାକୁ ଚାହେଁ। ଶେଷରେ ପାରିବାରିକ ଡାକ୍ତରଙ୍କ ପରାମର୍ଶରେ ସମସ୍ତ ଭାଇ-ଭଉଣୀ ମିଶି ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରନ୍ତି’। ଏପରି ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକଟିକୁ ଗୌରୀ ଶଙ୍କର ସାହାଣୀ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରସନ୍ନ କୁମାର ଦାସ। ସଙ୍ଗୀତ ନିର୍ଦ୍ଦେଶନା ବାପି ନାୟକ ଓ ସଙ୍ଗୀତ ଗାୟନ ରଶ୍ମିରେଖା ସାହାଣୀ କରିଥିଲେ। ମଞ୍ଚ ପରିଚାଳନାରେ ଗିରିଜା ଶଙ୍କର କର ଓ ପ୍ରଦୀପ ଶତପଥୀ, ମଞ୍ଚ ସଜ୍ଜାରେ ସନ୍ତୋଷ କମିଲା ଥିଲେ। କଳାକାର ଗୌରୀ ଶଙ୍କର ସାହାଣୀ, ରତିକାନ୍ତ ମଲ୍ଲିକ, ରଶ୍ମି ରଞ୍ଜନ ଦାସ, ଅଜିତ କୁମାର ପଣ୍ଡା, ଦିବାକର ମହାନ୍ତି, ପୁଷ୍ପିତା ପାଢ଼ୀ ଓ ସ୍ୱାତୀ ସ୍ମିତା ଦାସ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ୭୨ତମ ବନ୍ୟଜନ୍ତୁ ସପ୍ତାହ ପାଳିତ



**ବାଲେଶ୍ୱର, ୬।୧୦(ସମିସ):** ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଆଜି ୭୨ତମ ବନ୍ୟଜନ୍ତୁ ସପ୍ତାହ ପାଳିତ ହୋଇଛି। ଚଳିତ ବର୍ଷର ଥିମ୍ ‘ବାସସ୍ଥଳୀକୁ ସଂଯୋଗ କରି ବନ୍ୟଜନ୍ତୁଙ୍କ ସମୃଦ୍ଧି ଓ ସୁରକ୍ଷା ସୁନିଶ୍ଚିତ କରିବା’ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଡିଏଫଓ ପ୍ରତୀକ ପ୍ରକାଶ ଇନ୍ଦଲକର, ବୈଜ୍ଞାନିକ ଡଃ ସିଦ୍ଧାର୍ଥ ପତି ପ୍ରମୁଖ ଯୋଗଦେଇ ବନ୍ୟଜନ୍ତୁ ସୁରକ୍ଷା ଓ ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଅଂଶୀଦାର, ସ୍ଥାନୀୟ ସମୁଦାୟ ଓ ପରିବେଶପ୍ରେମୀମାନେ ଯୋଗଦେଇ ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବନ୍ୟଜନ୍ତୁ କେବଳ ଜଙ୍ଗଲର ସମ୍ପଦ ନୁହେଁ, ଏହା ପରିବେଶ ସନ୍ତୁଳନର ମୂଳ ଆଧାର। ସୁସ୍ଥ ଜଙ୍ଗଲ ଓ ସୁରକ୍ଷିତ ବାସସ୍ଥଳୀ ହିଁ ଭବିଷ୍ୟତକୁ ସୁରକ୍ଷିତ କରିପାରିବ ବୋଲି ମତ ପ୍ରକାଶ ପାଇଥିଲା। ସମସ୍ତେ ବନ୍ୟଜନ୍ତୁ ଓ ସେମାନଙ୍କ ବାସସ୍ଥଳୀ ସୁରକ୍ଷା ପାଇଁ ଶପଥ ନେଇଥିଲେ।

## ସୀମାନ୍ତରୁ ଗୋରୁ ବୋଝେଇ ଗାଡ଼ି ଜବତ

**ଜଳେଶ୍ୱର, ୬।୧୦ (ସମିସ):** ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗୋ ଚାଲାଣ ହେଉଥିବା ବେଳେ ୧୨ଟି ଗୋରୁ ବୋଝେଇ ହୋଇଥିବା ଏକ ଟ୍ରକକୁ ପଶ୍ଚିମବଙ୍ଗ ପୁଲିସ ସୀମାନ୍ତରେ ଜବତ କରିଛି। ଓଡିଶା ପୁଲିସ ଗୋ ଚାଲାଣର ସୁରାକ ପାଉନଥିବା ବେଳେ ବାରଂବାର ପଶ୍ଚିମବଙ୍ଗ ସୀମାନ୍ତ ନାକା ପଏଣ୍ଟ ଠାରେ ଗୋରୁ ବୋଝେଇ ଗାଡି ଧରା ପଡିବା ଓଡିଶା ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପଶ୍ଚିମବଙ୍ଗର ରାଜ୍ୟର ଦାନ୍ତୁନ ଥାନା ଅନ୍ତର୍ଗତ ସୋନାକଣିଆ ନାକା ପଏଣ୍ଟ ଚେକିଂ ନିକଟରେ ଏକ ଏଇଚାର ଟ୍ରକ ଦ୍ରୁତ ଗତିରେ ନାକା ଅତିକ୍ରମ କରି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଗାଡିଟିକୁ ଅଟକାଇ ଥିଲେ। ଗାଡି ଛାଡି ଚାଳକ ସଙ୍ଗେସଙ୍ଗେ ଫେରାର ହୋଇଯାଇଥିବା ବେଳେ ପୁଲିସ ଗାଡିଟିକୁ ଯାଂଚ କରିଥିଲେ। ଗାଡି ଭିତରୁ ୧୨ଟି ଗୋରୁ ଉଦ୍ଧାର କରିବା ସହିତ ଗାଡିକୁ ଜବତ କରିଥିଲେ। ଓଡିଶାରୁ ପଶ୍ଚିମବଙ୍ଗକୁ ଏହି ଗୋରୁ ଗୁଡିକ ଚାଲାଣ ହେଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି।

# ୧୭ ବର୍ଷରେ ଡେମୁରିଆ ସାର୍ବଜନୀନ ଦୁର୍ଗାପୂଜା

**ଜଳେଶ୍ୱର, ୬।୧୦(ସମିସ)**

ବହୁ ଘାତ ପ୍ରତିଘାତ ମଧ୍ୟରେ ଦୀର୍ଘ ୧୬ ବର୍ଷ ଧରି ଡେମୁରିଆ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଦଶଭୁଜା ମାଁ ଦୁର୍ଗାଙ୍କ ପୂଜୋତ୍ସବ ଧୂମଧାମରେ ପାଳିତ ହୋଇ ଆସୁଅଛି। ଜଳେଶ୍ୱର ବ୍ଲକ ଉପାନ୍ତ,ସମ୍ପତ୍ତିଆ ପଞ୍ଚାୟତ, ୫୭ ନଂ ରାଜ୍ୟ ରାଜପଥ ପାଶ୍ୱର୍ ଡେମୁରିଆ ହାଟ ପଡ଼ିଆର ୨୦୧୦ ମସିହାରେ ଦିବଂଗତ ପ୍ରାକ୍ତନ ଶିକ୍ଷକ କମଳ କୁମାର ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଦୁର୍ଗାପୂଜା ଶୁଭାରମ୍ଭ ହୋଇଥିଲା। ଆଖପାଖର ୧୦ ଟି ଗାଁର ଲୋକମାନଙ୍କ ଏବଂ ବାଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଦୁର୍ଗା ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ଶାସ୍ତ୍ର ମତେ ପୂଜା ପାଇ ଆସୁଛନ୍ତି ସମ୍ପତିଆ ନହରା, ଖାଲିନା, ପଞ୍ଚାୟତର ହାଜାର ବ୍ରତଧାରୀ, ପୂର୍ବେ ସୁଦୂର ନାମ୍ପୋ ହାଟ ଏବଂ ଭୋଗରାଗ ବ୍ଲକ କମର୍ଦ୍ଦା ବଜାରସ୍ଥିତ ଦୁର୍ଗା ମଣ୍ଡପ କୁ ପୂଜାର୍ଚ୍ଚନା ପାଇଁ ଯାଉଥିଲେ। ପ୍ରତିକୂଳ ପରିବେଶରେ ବ୍ରତ କରିବା ଲାଗି ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ବ୍ରତଧାରୀଙ୍କ ଆବଶ୍ୟକତାକୁ ଆଖିରେ ରଖି ସାର୍ବଜନୀନ ପୂଜା କମିଟି ଆନୁକୂଲ୍ୟରେ ଦେବୀ ଆରାଧନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହୋଇ ଆସୁଛି। ଭିନ୍ନତା



ଭିତରେ ଏକତା ଏବଂ କମିଟିର ଆର୍ଥିକ ଦୁରବସ୍ଥା କେବେ ପୂଜା ଉତ୍ସବ ପରିଚାଳନାରେ ଅନ୍ତରାୟ ସୃଷ୍ଟି କରି ପାରିନାହିଁ। ଚଳିତ ବର୍ଷ ମଧ୍ୟ ପୂଜା କମିଟିର ରବୀନ୍ଦ୍ର ନାଥ ଦଳାଇ, ବିଶ୍ୱନାଥ ଦଳାଇ, ନିମାଇଁ ଚରଣ ଜେନା, ଆଇନଜୀବୀ ପତିତପାବନ ପାବନ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୂରଲୀ ମୋହନ ପ୍ରଧାନ, ରାଜ କିଶୋର ଘୋଷ, ଶିବ ଶଙ୍କର ଘୋଷ, ମୁନା ଚାନ୍ଦ ପ୍ରଧାନ, ପ୍ରମୋଦ ପ୍ରଧାନ, ହରେନ୍ଦ୍ର ନାଥ ଦଳାଇ, ସଂଗ୍ରାମ କେଶରୀ ଗିରି, ପଦ୍ମନାଭ ନନ୍ଦୀ, ସୁରେଶ୍ ସିଂହ, ଗଙ୍ଗା ନାରାୟଣ ପରିଡ଼ା, ଧିରେନ୍ଦ୍ର ଦାସ, କାର୍ତ୍ତିକ ପ୍ରଧାନ, ରାଜେନ୍ଦ୍ର ମହାନ୍ତି, ନାରାୟଣ ମାହାନ୍ତି, ରବୀନ୍ଦ୍ର ପଢୀୟାରୀ, ଗୋପାଳ ଜେନା, ଦୀନକୃଷ୍ଣ ପ୍ରଧାନ, ସୁବଳ ହୁଇ, ବିନୋଦ ଜେନା,ରଜନୀ କାନ୍ତ ଦଳାଇ, ପ୍ରଫୁଲ୍ଲ ପ୍ରଧାନ, ଉଦୟ ପ୍ରଧାନ, ଘନଶ୍ୟାମ ଘୋଷ, କାଳୀ ଚରଣ ଶତପଥୀଙ୍କ ନେତୃତ୍ୱରେ ଶାରଦୀୟ ଦୁର୍ଗାପୂଜା ରୀତିନୀତି ଅନୁସାରେ ହେବାର ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ବରିଷ୍ଠ ମୂର୍ତ୍ତି କାରିଗର ବନମାଳୀ ଦଳାଇ ମୂର୍ତ୍ତି ନିର୍ମାଣ ରେ ନିମଗ୍ନ ଥିବା ବେଳେ ସୁଦୃଶ୍ୟ ପୂଜା ପେଣ୍ଡାଲ, ରଙ୍ଗୀନ ଆଲୋକମାଳା ଏବଂ ସୁମଧୁର ବାଦ୍ୟରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖରିତ ହେବ ବୋଲି କମିଟି ଆଶାବାଦୀ ଅଛି। ଏହା ସହିତ ବିଧାୟକ, ବ୍ଲକ ଅଫିସର, ମାନ୍ୟଗଣ୍ୟ ଅତିଥିଙ୍କ ଉପସ୍ଥିତିରେ ଉଦବୋଧନୀ ସଭା, ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଦିବଂଗତ ଶିକ୍ଷକ ତ୍ରିଲୋଚନ ସାମିଲଙ୍କ ନାମରେ ସମ୍ବର୍ଦ୍ଧନା କରିବା ସହିତ ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମ ରହିଛି। ଦିବଂଗତ ଶିକ୍ଷକଙ୍କ ପୁତ୍ର ଅରବିନ୍ଦ ସାମଲ,କାଳୀ ଚରଣ ସାମଲ, ପୁତୁରା ଗୌରାଙ୍ଗ ସାମଲ, ନିତ୍ୟାନନ୍ଦ ସାମଲ ଏବଂ ସମାଜସେବୀ ସୁଧାଂଶୁ ଶେଖର ପାତ୍ରଙ୍କ ସହଯୋଗରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣା ଯାଇଛି। ଅଞ୍ଚଳର କୁନି କୁନି ପ୍ରତିଭାଙ୍କ ଦ୍ୱାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସହିତ ପୁରସ୍କୃତ ଦିଆଯିବାର ବୈଠକରେ ସିଦ୍ଧାନ୍ତ ହୋଇଛି।

## ରାଜ୍ୟ ରାଜପଥର ୬ଟି ସ୍ଥାନରେ ଗର୍ତ୍ତ

# ପାଲଟିଛି ମରଣଯନ୍ତା, ମରାମତି ଦାବି କଲେ ଅଞ୍ଚଳବାସୀ

ମୋରଡା,୬।୧୦(ସମିସ):



ପୂର୍ତ୍ତ ବିଭାଗ ଅଧୀନରେ ଥିବା ବାରିପଦା-ଚିତ୍ରଡା ୬୧ନଂ ରାଜ୍ୟ ରାଜପଥ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ୨୫ କିଲୋମିଟର ରାସ୍ତାର ୬ଟି ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବର୍ଷା ସମୟରେ ଯାତାୟାତରେ ନାନା ସମସ୍ୟା ଦେଖାଦେଉଛି। ବର୍ଷା ପାଣି ଜମି ରହିଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଦୈନନ୍ଦିନ ଉକ୍ତ ରାସ୍ତାରେ ହଜାର ହଜାର ଗାଡ଼ି ଯାତାୟାତ କରୁଥିବାବେଳେ ନାନା ସମସ୍ୟା ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଦୁଇତିନି ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଏହି ରାସ୍ତାର ଆଣ୍ଠୁଆଁ ପୋଲ, ବାରମାଇଲ ଛକ, ନିତୁଆପଦା ଛକ, ବାଘୁଆଷୋଲ, ରଙ୍ଗାମାଟିଆ ଜାହିରା ଓ ଦେବେନ୍ଦ୍ରପୁର ନିକଟରେ ବିରାଟ ବଡ଼ ବଡ଼ ଗର୍ତ୍ତ ହୋଇଥିବାରୁ ଯାତାୟାତରେ ବହୁ ଅସୁବିଧା ହେବା ସହ ଅନେକ ଦୁର୍ଘଟଣା ଘଟିସାରିଲାଣି। ତେବେ ଉକ୍ତ ରାସ୍ତା ଦେଇ ପ୍ରତିଦିନ ଅଧିକାରୀ ଓ ରାଜନେତା ଯିବା ଆସିବା କରୁଥିବାବେଳେ କାହାରି ଦୃଷ୍ଟି ପଡୁନାହିଁ। ତେବେ ସୋମବାର ଜଣେ ବାଇକ ଚାଳକ ଚିତ୍ରଡା ପଟୁ ବାରିପଦା ଅଭିମୁଖେ ଯାଉଥିବାବେଳେ ସାମ୍ନାରୁ ଏକ ଡମ୍ଫର ଦ୍ରୁତ ଗତିରେ ଆସୁଥିଲା। ତେବେ ବାଘୁଆଷୋଲ ନିକଟରେ ଥିବା ଗର୍ତ୍ତ ନିକଟରେ ଠିକାଦାର ପକ୍ଷରୁ ପକାଯାଇଥିବା ଡଷ୍ଟଯୁକ୍ତ ଚିପ୍‌ସରୁ ଏକ ବଡ଼ ଚିପ୍‌ସ ଛାଟି ହୋଇ ବାଇକ ଚାଳକର ହେଡ ଲାଇଟରେ ବାଜିଥିଲା। ଫଳରେ ବାଇକ ହେଡ ଲାଇଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଉକ୍ତ ଚିପ୍‌ସ ଖଣ୍ଡ ଯଦି ଚାଳକକୁ ବାଜିଥା'ନ୍ତା, ତେବେ ବଡ଼ଧରଣର ଦୁର୍ଘଟଣା ଘଟିବା ସମ୍ଭାବନା ଥିଲା। ରାସ୍ତା ମରାମତି ସମ୍ପର୍କରେ ବାରିପଦା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରୟଙ୍କୁ ପଚାରିବାରୁ ବର୍ଷା ପାଇଁ ମରାମତି କାର୍ଯ୍ୟ ଅସୁବିଧା ହେଉଛି। ତଥାପି କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ଯଥାଶୀଘ୍ର ମରାମତି କରିବା ପାଇଁ ବ୍ୟବସ୍ଥା କରିବି ବୋଲି କହିଛନ୍ତି।

**ବର୍ଷା ପାଇଁ ମରାମତିରେ ଅସୁବିଧା ହେଉଛି:ଅଧୀକ୍ଷଣ ଯନ୍ତ୍ରୀ**

## ସାଇବର ଅପରାଧ ସଚେତନତା ଶିବିର




ଉଦଳା, ୬।୧୦(ସମିସ): ସାଇବର ଠକେଇ ଓ ଅନଲାଇନ୍ ଅପରାଧରୁ ନିଜକୁ, ପରିବାର ଓ ପଡ଼ୋଶୀଙ୍କୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଉଦଳା ଶିକ୍ଷକ ସଂଘ ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦଳା ନାଗରିକ ସଚେତନ ମହାମଞ୍ଚ ପକ୍ଷରୁ ଆୟୋଜିତ ଓ ପୋଲିସ ସମିତି ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଇବର ଅପରାଧର ବିଭିନ୍ନ ଦିଗ ଓ ଏଥିରୁ ବର୍ତ୍ତିବାର ଉପାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ଅଜଣା ଫୋନ୍ କଲ୍, ସନ୍ଦେହଜନକ ଲିଙ୍କ୍, ଓଟିପି ଓ ବ୍ୟକ୍ତିଗତ ବ୍ୟାଙ୍କ ତଥ୍ୟ କାହା ସହ ସେୟାର ନ କରିବାକୁ ପରାମର୍ଶ ଦିଆଯିବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ଏ ଦିଗରେ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସଭାରେ ଉପଖଣ୍ଡ ପୁଲିସ ଅଧିକାରୀ (ଏସଡିପିଓ) ଗୋକୁଳାନନ୍ଦ ସାହୁ, ଉଦଳା ଥାନା ଅଧିକାରୀ ବନମାଳୀ ବାରିକ, ନାଗରିକ ସଚେତନ ମହାମଞ୍ଚ ସଭାପତି ଅଜୟ ବେହେରା, ସମ୍ପାଦକ ଆରତ ପରିଡ଼ା, ଏନ୍‌ଏସି ଉପାଧ୍ୟକ୍ଷା ଲିଲି ଭୋଳ, ଥାନାର ମହିଳା ପୁଲିସ ଅଧିକାରୀ ପୂର୍ଣ୍ଣିମାରାଣୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମହାମଞ୍ଚର ଉପସଭାପତି ଜଗବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସାଇବର କ୍ରାଇମ୍ ବାବଦରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏ ଅବସରରେ ପୂର୍ବରୁ ସାଇବର ଠକେଇର ଶିକାର ହୋଇଥିବା ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଚିତ୍ତରଞ୍ଜନ ବାରିକ, ଜିଲ୍ଲା କୃଷି ଅଧିକାରୀ ପରେଶ ଚନ୍ଦ୍ର ବେହେରା ଓ ମଞ୍ଚର ଉପସଭାପତି କୃଷ୍ଣଚୈତନ୍ୟ ସଦୁଆଳ ନିଜର ଅଙ୍ଗେନିଭା ଅଭିଜ୍ଞତା ବର୍ଣ୍ଣନା କରି ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରିଥିଲେ। ପରିବେଶବିତ୍ ପଦ୍ମଭାଇ ସାଇବର ଅପରାଧ ଉପରେ ସଚେତନତାଧର୍ମୀ ଗୀତ ପରିବେଷଣ କରିଥିଲେ। ମହାମଞ୍ଚର ଆବାହକ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ଓଡ଼ିଶା ବନ୍ଦ ପାଇଁ ଠାକୁରମୁଣ୍ଡା କଂଗ୍ରେସର ବୈଠକ



ଠାକୁରମୁଣ୍ଡା,୬।୧୦(ସମିସ): ଆସନ୍ତା ଅକ୍ଟୋବର ୮ ତାରିଖରେ ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବା ନିମନ୍ତେ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସୋମବାର ସନ୍ଧ୍ୟାରେ ଠାକୁରମୁଣ୍ଡା ଡାକବଙ୍ଗଳାରେ ଆୟୋଜିତ ଏହି ବୈଠକରେ ଆସନ୍ତା ୮ ତାରିଖ ବନ୍ଦକୁ କିପରି ଶାନ୍ତିପୂର୍ଣ୍ଣ ଓ ସଫଳ କରାଯାଇପାରିବ, ସେନେଇ ଆଲୋଚନା ହୋଇଥିଲା। ଏହି ବନ୍ଦ ପାଳନର ମୁଖ୍ୟ ଦାବି ମଧ୍ୟରେ ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନକୁ ବିରୋଧ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକ ଛପାରେ ଅନିୟମିତତା ଅଭିଯୋଗକୁ ନେଇ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ରହିଛି। ଏହି ସମସ୍ତ ଦାବିକୁ ନେଇ ରାଜ୍ୟବ୍ୟାପୀ ବନ୍ଦ ପାଳନ କରାଯିବାକୁ ଥିବାରୁ ଠାକୁରମୁଣ୍ଡା ଅଞ୍ଚଳରେ ମଧ୍ୟ ଏହାକୁ ସଫଳ କରିବା ପାଇଁ କଂଗ୍ରେସ କର୍ମୀ ଏକଜୁଟ ହୋଇଛନ୍ତି। ବୈଠକରେ ୮ ତାରିଖ ସକାଳ ୬ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ବନ୍ଦ ସମୟରେ ଅଞ୍ଚଳର ଦୋକାନ ବଜାର, ଯାନବାହନ ଚଳାଚଳ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ପ୍ରଭାବ ପଡ଼ିବା ସମ୍ଭାବନା ଥିବାରୁ ଜନସାଧାରଣଙ୍କୁ ଏହି ବନ୍ଦ ପାଳନରେ ସହଯୋଗ କରିବାକୁ କଂଗ୍ରେସ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ବୈଠକରେ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀଧର ସିଂ, ପୂର୍ବତନ ବ୍ଲକ ସଭାପତି ପ୍ରମୋଦ ପାତ୍ର, ବ୍ଲକ ଉପସଭାପତି ଶେଖ ରାମଜନ, କୃଷକ ସେଲ୍ ସଭାପତି ଛୋଟରାୟ ନାଏକଙ୍କ ସମେତ ଜୟପାଲ ଲେୟାଙ୍ଗି, ସୁକୁମାର ମହାନ୍ତ, ପ୍ରକାଶ ମହାନ୍ତ, ମଧୁସୂଦନ ବାନରା, ମଙ୍ଗଳ ଦେହୁରୀ ଓ କାଳୀଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

● ରାଇରଙ୍ଗପୁରରେ ଶାନ୍ତି କମିଟି ବୈଠକ

## ପାର୍ବଣରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଉପରେ ଗୁରୁତ୍ୱ



ରାଇରଙ୍ଗପୁର, ୬।୧୦(ସମିସ): ବାମନଘାଟୀ ଉପଖଣ୍ଡରେ ଚଳିତ ଶାରଦୀୟ ଦୁର୍ଗାପୂଜା, ଗଜଲକ୍ଷ୍ମୀ ଓ କାଳୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ଉଗ୍ରେସନ ଓରାମ ଓ ଏସଡିପିଓ ବୀରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ପାର୍ବଣ ଋତୁରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ଜରୁରୀ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ସମୟରେ ମଦ ଓ ମାଦକ ଦ୍ରବ୍ୟ ବିକ୍ରି ଉପରେ କଟକଣା, ଅଗ୍ନିନିର୍ବାପକ ବ୍ୟବସ୍ଥା ଓ ନିର୍ଦ୍ଧାରିତ ଶବ୍ଦ ସୀମାରେ ଡାକବାଜି ଯନ୍ତ୍ର ବ୍ୟବହାର ଲାଗି ନିଷ୍ପତ୍ତି ନିଆଯାଇଛି। ପୂଜା ମଣ୍ଡପରେ ଜରୁରିକାଳୀନ ହେଲ୍ପଲାଇନ ନମ୍ବର ପ୍ରଦର୍ଶନ, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏଥିସହିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଉତ୍ସବକୁ ରାତ୍ରି ୧୧ଟା ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ବୈଠକରେ ପୌରପାଳିକା ନିର୍ବାହୀ ଅଧିକାରୀ, ବିଡିଓ, ତହସିଲଦାର, ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାସା ଆର୍ମୀର ସ୍ମାରକପତ୍ର

# ଜିଲ୍ଲାର ୪ ପ୍ରମୁଖ ହସ୍ପିଟାଲରେ ସିଟି ସ୍କାନ ଓ ଏମ୍‌ଆରଆଇ ମେସିନ ସ୍ଥାପନ ଦାବି



ବାରିପଦା, ୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ୪ଟି ପ୍ରମୁଖ ସରକାରୀ ହସ୍ପିଟାଲରେ ତୁରନ୍ତ ସିଟି ସ୍କାନ ଓ ଏମଆରଆଇ ମେସିନ ସ୍ଥାପନ କରିବା ପାଇଁ "ମାସାଆର୍ମୀ' ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଗଠନ ଅଭିଯୋଗ କରିଛି ଯେ, ଜିଲ୍ଲାରେ ଉନ୍ନତ ନିଦାନ (ଡାଇଗ୍ନୋଷ୍ଟିକ୍) ବ୍ୟବସ୍ଥାର ଅଭାବ ଯୋଗୁଁ ଜରୁରିକାଳୀନ, ଦୁର୍ଘଟଣାଗ୍ରସ୍ତ ଓ ଜଟିଳ ରୋଗୀ ଉଚିତ ସମୟରେ ଚିକିତ୍ସା ନ ପାଇ ବାହାର ଜିଲ୍ଲା କିମ୍ବା ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ଗରିବ ରୋଗୀ ଅଯଥା ଆର୍ଥିକ ଶୋଷଣର ଶିକାର ହେବା ସହ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ବାରିପଦାସ୍ଥ ପିଆରଏମ ମେଡିକାଲ କଲେଜ ସମେତ କରଞ୍ଜିଆ, ରାଇରଙ୍ଗପୁର ଓ ଉଦଳା ଉପଖଣ୍ଡ ଡାକ୍ତରଖାନାରେ ତୁରନ୍ତ ଏହି ମେସିନ ସ୍ଥାପନ ସହ ଆବଶ୍ୟକ ରେଡିଓଲୋଜିଷ୍ଟ ଓ ଟେକ୍ନିସିଆନ ନିଯୁକ୍ତ କରିବାକୁ ଦାବି ହୋଇଛି। ସରକାର ଏହି ଦାବି ତୁରନ୍ତ ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ରାଇସେନ ମୁର୍ମୁ, ବିଶ୍ୱନାଥ ମାରାଣ୍ଡି, ବିକ୍ରମ ମୁର୍ମୁ, ହିର ସିଂ ଓ ସୂର୍ଯ୍ୟ ନାରାୟଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ଉଚ୍ଚବିଦ୍ୟାଳୟ ଛାତ୍ରାବାସରେ ଅବ୍ୟବସ୍ଥା

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା 'ମାସା', ୭ ଦିନିଆ ଚେତାବନୀ

ରାଇରଙ୍ଗପୁର, ୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ବଡ଼ାଯୋଡ଼ିସ୍ଥ ଜଗନ୍ନାଥ ଉଚ୍ଚବିଦ୍ୟାଳୟର ୨୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଓ ହରିଜନ ଛାତ୍ରାବାସରେ ଚରମ ଅବ୍ୟବସ୍ଥା, ଛାତ୍ର ସୁରକ୍ଷାରେ ଅବହେଳା ଓ ପରିଚାଳନାଗତ ତ୍ରୁଟି ଦେଖାଦେଇଛି। ଏହାର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଅଭିଯୋଗ ଅନୁଯାୟୀ, ଛାତ୍ରାବାସର ଅନ୍ତେବାସୀ ବିନା ଅନୁମତିରେ ବାହାରକୁ ଯାଉଛନ୍ତି ଓ ୨ରୁ ୩ ଦିନ ଧରି ନିଖୋଜ ରହୁଛନ୍ତି। ଏଥିସହ କେତେକ ଛାତ୍ର ନିଶାଦ୍ରବ୍ୟ ସେବନ କରିବା ସହ ଅନିୟନ୍ତ୍ରିତ ମୋବାଇଲ ବ୍ୟବହାର କରୁଥିବାରୁ ପାଠପଢ଼ା ପରିବେଶ ନଷ୍ଟ ହେଉଛି। ବିଶେଷକରି ଗତ ସେପ୍ଟେମ୍ବର ୨୮ ତାରିଖରେ ୬ ଜଣ ଛାତ୍ର ବିନା ଅନୁମତିରେ ଟାଟାନଗର ଯାଇଥିଲେ। ଫେରିବା ବେଳେ ଏକ ଚୋରି ଘଟଣାକୁ ନେଇ ସେମାନଙ୍କ ମଧ୍ୟରୁ ୩ ଜଣ ଛାତ୍ର ବହଳଦା ଥାନାରେ ଅଟକ ରହିଥିଲେ ଓ ଅନ୍ୟ ୩ ଜଣ ରାତିସାରା ବାହାରେ ବୁଲି ପରଦିନ ସକାଳେ ଫେରିଥିଲେ। ଏତେ ବଡ଼ ଘଟଣା ଘଟିବା ସତ୍ତ୍ୱେ ହୋଷ୍ଟେଲ ପରିଚାଳକ ଏ ବାବଦରେ କୌଣସି ପଦକ୍ଷେପ ନ ନେଇ ହାଜିରା ଖାତାରେ ସେମାନଙ୍କୁ "ଉପସ୍ଥିତ' ଦର୍ଶାଇଥିବା ନେଇ ସଂଗଠନ ଅଭିଯୋଗ ଆଣିଛି। ପରିଚାଳନାଗତ ଅବହେଳା ପାଇଁ ହଷ୍ଟେଲ ପରିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅନ୍ୟଜଣେ ଶିକ୍ଷକଙ୍କୁ ଦାୟିତ୍ୱ ଦେବା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ୭ ଦିନ ମଧ୍ୟରେ ବଦଳି କରିବାକୁ ସଂଗଠନ ଦାବି କରିଛି। ନଚେତ୍ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ଅବସରରେ ମାସା ଜିଲ୍ଲା ସଭାପତି ରାମ ମୁର୍ମୁ, ଜିଲ୍ଲା ସହସମ୍ପାଦକ ଲକ୍ଷ୍ମଣ ମାଝୀ, ବାମନଘାଟି ସମ୍ପାଦକ ମାସାଂ ହେମ୍ବ୍ରମ, କାହ୍ନା ମୁର୍ମୁ, ଟାକୁର ଦାସ ଟୁଡୁ, ଅନାଦି ଶିଙ୍କୁ, ସନାତନ ହାଁସଦା, ବଳରାମ ହାଁସଦା ଓ କିସୁନ ମାରାଣ୍ଡିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର, ୬।୧୦(ସମିସ): ବହଳଦା ଥାନା ଅନ୍ତର୍ଗତ କୁଲଗି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ଗିରିଧାରୀ ସେଠୀ (୭୦)। ଗତକାଲି ଅପରାହ୍ନରେ ସେ ଗାଁ ନିକଟସ୍ଥ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଗୋଡ଼ ଖସି ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଆଜି ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ବହଳଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

● ରଘୁପୁର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

## ସାଙ୍ଗଠନିକ କାର୍ଯ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା

ବୈଶିଙ୍ଗା,୬।୧୦(ସମିସ): ରଘୁପୁର ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ ବୈଠକ ଆମ୍ବଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଭଗବାନପୁରରେ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ, ଜନସେବା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ମଣ୍ଡଳ ସଭାପତି ସର୍ବେଶ୍ୱର ନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କାଳୀଚରଣ ସୋରେନ ଓ ଜିଲ୍ଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜବୁତ କରିବା ସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ନିକଟରେ ପହଞ୍ଚି ଜନସେବାକୁ ଗୁରୁତ୍ୱ ଦେବା ଉପରେ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ଦିନରେ ଦଳ ପକ୍ଷରୁ ହେବାକୁ ଥିବା ବିଭିନ୍ନ ସାଙ୍ଗଠନିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ରଘୁପୁର ମଣ୍ଡଳ ଅଧୀନ ୯ଟି ପଞ୍ଚାୟତର ସଭାପତି, ଉପସଭାପତି, ବୁଥ୍ ସଭାପତି, ବିଭିନ୍ନ ମଣ୍ଡଳ ମୋର୍ଚ୍ଚାର ସଭାପତି ଉପସ୍ଥିତ ଥିଲେ। ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ନିରନ୍ତର କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

● ଅଧ୍ୟାପକଙ୍କ ବିରୋଧରେ ଦୁର୍ନୀତି ଓ ବିଶୃଙ୍ଖଳା ଅଭିଯୋଗ

## ରାଢ଼ୋ ଲୁଇପା କଲେଜରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତଦନ୍ତ

ଉଦଳା, ୬।୧୦(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ରାଢ଼ୋ ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କଲେଜର କମ୍ପ୍ୟୁଟର ସାଇନ୍ସ ଅଧ୍ୟାପକ ସମୀର ନାୟକ ବ୍ୟାପକ ଆର୍ଥିକ ଅନିୟମିତତା ସହିତ କ୍ୟାମ୍ପସ ମଧ୍ୟରେ ନିଶା ସେବନ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏପରିକି ସହକର୍ମୀ ଓ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନିୟମିତ ଶିକ୍ଷାଦାନରେ ବାଧା ଉପୁଜାଉଥିଲେ। ଏହାକୁ ନେଇ କଲେଜ ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆସିଥିବା ତଦନ୍ତକାରୀ ଟିମ୍ କଲେଜର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଦସ୍ତାବିଜ୍ ଯାଞ୍ଚ କରିଛନ୍ତି। ଅଭିଯୋଗର ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ ଖୁବ୍‌ଶୀଘ୍ର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଭିଯୋଗ ସମ୍ପର୍କରେ ଅଧ୍ୟାପକ ଶ୍ରୀ ନାୟକଙ୍କ ମତାମତ ଲୋଡ଼ାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

● ଅଧାରେ ଅଟକିଛି ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଓ ରାସ୍ତା ଶୋଚନୀୟ

## ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ମଢ଼େଇକଚାବାସୀ ବଞ୍ଚିତ



ରାଇରଙ୍ଗପୁର, ୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ୍ ମଢେଇକଚା ପଞ୍ଚାୟତରେ ନିର୍ମାଣାଧୀନ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ କାମ ଦୀର୍ଘଦିନ ହେବ ଅଧାରେ ଅଟକି ରହିଛି। ଠିକାଦାର ଅଧା କାମ କରି ବନ୍ଦ କରିଦେଇଥିବାରୁ ଖରାବର୍ଷାରେ ଯାତ୍ରୀ ଓ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଗ୍ରାମାଞ୍ଚଳକୁ ମୁଖ୍ୟମନ୍ତ୍ରୀ ବସ୍ ଆସିପାରୁନାହିଁ। ଫଳରେ ଏ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ସରକାରୀ ଅର୍ଥରେ ଆରମ୍ଭ ହୋଇଥିବା ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି ସହ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ୮ ଓଡ଼ିଶା ବନ୍ଦକୁ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ରାଇରଙ୍ଗପୁର,୬।୧୦(ସମିସ): ଆସନ୍ତା ୮ ତାରିଖ ଇଣ୍ଡିଆ ମେଣ୍ଟ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରସ୍ଥ ମହୁଲଡିହା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଭୁବନବିହାରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଏମଏମଡିଆର ଆଇନ ରଦ୍ଦ, ଜ୍ଞାନେଶ କୁମାରଙ୍କ ଇସ୍ତଫା, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଥିବାବେଳେ ବନ୍ଦ ସମୟରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ତେବେ ଜରୁରିକାଳୀନ ସେବାକୁ ଏଥିରୁ ବାଦ୍ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ସମ୍ପାଦକ ଅନିମା ମିଞ୍ଜ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମଚରଣ ହାଁସଦା, ପ୍ରହଲ୍ଲାଦ ପୂର୍ତ୍ତି, ମହିଳା କଂଗ୍ରେସ ଉପସଭାପତି ଜେବାମଣି ଟୁଡୁ, ଏସସି ସେଲ ଓପିସିସି ଉପସଭାପତି କ୍ଷୀରୋଧ ପାତ୍ର, ଜିଲ୍ଲା ଏସସି ସେଲ ସଭାପତି ଚିତ୍ତରଞ୍ଜନ ବେହେରା, ଅକ୍ଷୟ ମହାନ୍ତି, କାର୍ଯ୍ୟାଳୟ ସମ୍ପାଦକ ରୂପକ କୁମାର ମହାନ୍ତି, ସିପିଆଇ ନେତା ଜଗବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଚୋରି

କୁଆମରା,୬।୧୦(ସମିସ): ଖୁଣ୍ଟା ବ୍ଲକ ଲକ୍ଷ୍ମଣସାହି ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ଓ ଅଫିସ ଗୃହ ତାଲା ଭାଙ୍ଗି କମ୍ପ୍ୟୁଟର, ମନିଟର, ଇନଭଟର, ରାଉଟର, ସିସି ଟିଭି ହାଡଡିସ୍କ ପ୍ରଭୃତି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ସରପଞ୍ଚ ଚାନ୍ଦମଣି ସିଂଙ୍କ ଅଭିଯୋଗକ୍ରମେ ୨୫୮/୨୬ରେ ମାମଲା ରୁଜୁ କରିବା ସହ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ତଦନ୍ତ ଚଳାଇଛନ୍ତି।

## ରିଲ୍‌ସ ପଏଣ୍ଟ ପାଲଟିଛି 'ଭାଲୁକଚୁଆ' ଜଙ୍ଗଲ ରାସ୍ତା

# ସନ୍ଧ୍ୟା ୫ଟା ବାଜିଲେ ଯୁବପିଢ଼ିଙ୍କ ଜମୁଛି ଭିଡ଼

ମୋରଡା,୬।୧୦(ସମିସ):

ଆଜିର ସମୟରେ ସୋସିଆଲ ମିଡ଼ିଆ ମାଧ୍ୟମରେ ରିଲ୍‌ସ ଯୁବପିଢ଼ିଙ୍କୁ ବହୁମାତ୍ରାରେ ଆକୃଷ୍ଟ କରିଛି। ଇନଷ୍ଟାଗ୍ରାମ, ଫେସବୁକ ଓ ୟୁଟ୍ୟୁବ୍ ସର୍ଟସ ଭଳି ପ୍ଲାଟଫର୍ମରେ କମ୍ ସମୟର ଭିଡିଓ ଦେଖିବା ଓ ତିଆରି କରିବା ଏକ ନୂଆ ଟ୍ରେଣ୍ଡ ପାଲଟିଛି। କମ୍ ସମୟରେ ଅଧିକ ମନୋରଞ୍ଜନ ହେତୁ ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଲୋକଙ୍କୁ ପସନ୍ଦ ଆସୁଛି। ନିଜର ପ୍ରତିଭା ଯେପରିକି ନୃତ୍ୟ, ଅଭିନୟ, କମେଡି ପ୍ରଦର୍ଶନ କରି ଯୁବପିଢ଼ି ଖୁବ୍‌ଶୀଘ୍ର ଲୋକପ୍ରିୟ ହୋଇପାରୁଛନ୍ତି। ଏତଦବ୍ୟତୀତ ଅଧିକ ଭିୟୁଜ୍ ଓ ଫଲୋଅର୍ସ ମିଳିବା ପରେ ବ୍ରାଣ୍ଡ ପ୍ରମୋସନ ଓ ସ୍ପନସରସିପ୍ ଜରିଆରେ ଭଲ ରୋଜଗାର କରିହେଉଛି। ତେବେ ମୋରଡା ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତ ଭାଲୁକଚୁଆ ଜଙ୍ଗଲ ବର୍ତ୍ତମାନ ରିଲସ ତିଆରି ନିମନ୍ତେ ଯୁବପିଢ଼ିକୁ ଆକୃଷ୍ଟ କରିଛି। ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲରେ ବର୍ଷ ତମାମ ହାତୀପଲ ରହି ଆସୁଥିବାବେଳେ ସନ୍ଧ୍ୟା ୫ଟା ବାଜିଲେ ଜୀବନକୁ ଭୟ ନ କରି ଉଭୟ ଝିଅ ଓ ପୁଅମାନେ ଜଙ୍ଗଲ ମଝିରେ ଯାଇଥିବା ରାସ୍ତାରେ ଭିଡିଓ ସୁଟିଂ କରୁଥିବା ଦେଖିବାକୁ ମିଳୁଛି।



ଚିତ୍ରଡାରୁ ଦାନ୍ତିଆମୁହାଁକୁ ଯାଇଥିବା ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ କମ୍ ଥିବା ହେତୁ ପିଚୁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଶାଳ ଜଙ୍ଗଲ ଲୋକଙ୍କୁ ବେଶ ଆକୃଷ୍ଟ କରିପାରିଛି। ତେବେ ଗ୍ରାମାଞ୍ଚଳର ଯୁବପିଢ଼ି ନିଜ ଭିତରେ ଥିବା ନୃତ୍ୟ, ଗୀତ, ଅଭିନୟ, କଳା କିମ୍ବା ରୋଷେଇ ଭଳି ପ୍ରତିଭାକୁ ସାରା ଦୁନିଆ ଆଗରେ ସହଜରେ ରିଲସ ମାଧ୍ୟମରେ ରଖିପାରୁଛନ୍ତି। ଏଥିପାଇଁ କୌଣସି ବଡ଼ ଗଡଫାଦର ବା ଷ୍ଟୁଡିଓର ଆବଶ୍ୟକତା ପଡୁନାହିଁ। ସେହିପରି ଶିକ୍ଷାକ୍ଷେତ୍ରରେ ରିଲସ ମାଧ୍ୟମରେ କମ୍ ସମୟରେ ଇଂରାଜୀ ଶିଖିବା, ସାଧାରଣ ଜ୍ଞାନ, କୋଡିଂ, ଆର୍ଥିକ ସାକ୍ଷରତା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଖୁବ୍ ସହଜରେ ମିଳିପାରୁଛି। ଅନେକ ଯୁବକ ସାମାଜିକ କୁସଂସ୍କାର, ପରିବେଶ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଓ ସାମ୍ପ୍ରତିକ ଘଟଣାବଳୀ ଉପରେ ସଚେତନତା ସୃଷ୍ଟି କରୁଥିବା ରିଲସ ତିଆରି କରି ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। କ୍ୟାମେରା ଆଗରେ କହିବା ଓ ଭିଡିଓ ଏଡିଟିଂ ଭଳି ସ୍କିଲ୍ ଶିଖିବା ଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ କମ୍ୟୁନିକେସନ ସ୍କିଲ୍ ଓ ଆତ୍ମବିଶ୍ୱାସ ବହୁତ ବଢ଼ୁଛି।

**ହାତୀ ପ୍ରତି ନାହିଁ ଭୟ, ଭିଡିଓ ସୁଟିଂରେ ବ୍ୟସ୍ତ ଯୁବପିଢ଼ି**

ସକାଳ THE SAKALA
www.sakalaepaper.com

## ବିଶେଷ ଟିପ୍ପଣୀ



ଭାରତର ସୁପ୍ରିମକୋର୍ଟ କିମ୍ବା ଦୁଇଜଣ ନିର୍ବାଚନ କମିସନର କେହି ବି ଫର୍ମ-୬ର ପରିବର୍ତ୍ତନକୁ ଅନୁମୋଦନ କରିନାହାନ୍ତି। ଦୁଇଜଣ ନିର୍ବାଚନ କମିସନର ଏହି ପରିବର୍ତ୍ତନ ନେଇ ଆପତ୍ତି ଉଠାଇଥିଲେ, ଯାହା ପରବର୍ତ୍ତୀ ସମୟରେ ଫର୍ମ-୬ରୁ ହଟାଇ ଦିଆଯାଇଥିଲା। ଜ୍ଞାନେଶ କୁମାର ଉତ୍ତର ଦେବା ଆବଶ୍ୟକ ଯେ, ବିହାରରେ ଫର୍ମ-୬ରେ କରାଯାଇଥିବା ପରିବର୍ତ୍ତନ ପାଇଁ କିଏ ଅନୁମତି ଦେଇଥିଲା?

*-ଡ. ସୟିଦ ନସିର ହୁସେନ୍ (ରାଜ୍ୟସଭା ସାଂସଦ)*



ଅପରେସନ୍ ଜ୍ଞାନେଶ କୁମାର ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ତେଣୁ ନିର୍ବାଚନ ପାଇଁ ବିଜେପି ଆଗୁଆ ସିବିଆଇକୁ ପଞ୍ଜାବ ପଠାଯାଇଛି। ଏହି ଚଢଉ ଶକ୍ତିର ନୁହେଁ ବରଂ ହତାଶାର ପ୍ରମାଣ।

*-ମନିସ ଶିଶୋଦିଆ (ଆପ୍ ନେତା)*

## ଜେନ୍ Z

ଯଦି ଭାରତର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭେଟିବାକୁ ଚାହାଁନ୍ତି, ତେବେ ତାଙ୍କୁ ଭେଟିବା ଉଚିତ। ତାଙ୍କର ମଧ୍ୟ ଏକ ସାମ୍ବିଧାନିକ ପଦବୀ ଅଛି ଏବଂ ତାଙ୍କୁ ଯଥୋଚିତ ସମ୍ମାନ କରାଯିବା ଉଚିତ। ସର୍ବୋପରି, ଯଦି ଆପଣ ସତ୍ୟନିଷ୍ଠ, ତେବେ ଭୟ କାହିଁକି?

-ଅମରେଶ ତିୱାରୀ @AmreshTiwary9






# ଜ୍ଞାନେଶ ହଟାଅ ସ୍ଲୋଗାନରେ କମ୍ପିଲା ଦିଲ୍ଲୀ

## ପୁଲିସ ବାରିକେଡକୁ ଚକ୍‌ମା ଦେଲେ ରାହୁଲ, ପ୍ରିୟଙ୍କା



ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଭୋଟ ଚୋରି ଅଭିଯୋଗରେ ନିର୍ବାଚନ ଆୟୋଗ ଅଭିମୁଖେ ଇଣ୍ଡିଆ ମହାମେଣ୍ଟର ମଙ୍ଗଳବାର ଶୋଭାଯାତ୍ରା ହୋଇଛି। ଶୋଭାଯାତ୍ରାକୁ ପୁଲିସ ଅଧାବାଟରେ ଅଟକାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆନ୍ଦୋଳନକୁ ଆକାଶବାଣୀ ଭବନ ପରିସର ମଧ୍ୟକୁ ନେଇ ନାଟକୀୟ ମୁହାଁମୁହିଁ ସ୍ଥିତି ସୃଷ୍ଟି କରିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରାକୁ ପୁଲିସ ସଂସଦ ମାର୍ଗ ଓ ନୀତି ଆୟୋଗ ନିକଟରେ ବାରିକେଡ୍ ଲଗାଇ ଅଟକାଇଥିଲା। ପୁଲିସ ବିରୋଧୀ ଦଳର ବହୁ ସାଂସଦଙ୍କୁ ଅଟକ ରଖି ବସରେ ନେଇଥିଲା। ଅପରାହ୍ଣ ପ୍ରାୟ ୧୨.୨୦ରେ ରାହୁଲ ହଠାତ୍ ଆକାଶବାଣୀ ଭବନର ପ୍ରବେଶ ପଥ ଆଡ଼କୁ ଦୌଡ଼ି ଯାଇଥିଲେ ଏବଂ ଭିତରକୁ ପ୍ରବେଶ କରିଥିଲେ। ଏହାପରେ ପୂର୍ବରୁ ବସରେ ବସିଥିବା ପ୍ରିୟଙ୍କା ଗାନ୍ଧୀ ଭାଦ୍ରା ମଧ୍ୟ ବସରୁ ଓହ୍ଲାଇ ଆକାଶବାଣୀ ଭବନ ପରିସରରେ ତାଙ୍କ ସହ ଯୋଗ ଦେଇଥିଲେ। ଦୁଇ ନେତା ୪ ନମ୍ବର ଗେଟ୍ ନିକଟରେ ଥିବା ଏକ ଗଛ ତଳେ ଧାରଣାରେ ବସିଥିଲେ। ଏହି ସମୟରେ କଂଗ୍ରେସ ସାଧାରଣ ସମ୍ପାଦକ କେସି. ଭେଣୁଗୋପାଳ, ପବନ ଖେଡ଼ା, ଦୀପେନ୍ଦ୍ର ହୁଡ୍ଡା, ପ୍ରଣୀତି ଶିନ୍ଦେ ଏବଂ ଅନ୍ୟାନ୍ୟ ନେତାମାନେ ମଧ୍ୟ ଭିତରକୁ ଆସି ସେମାନଙ୍କ ସହ ସାମିଲ ହୋଇଥିଲେ। ନୂଆଦିଲ୍ଲୀ ଡିସିପି ସଚିନ ଶର୍ମା ଘଟଣାସ୍ଥଳରେ ପହଞ୍ଚି ନେତାମାନଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣ ପ୍ରାୟ ୨:୩୦ ରେ ପରିସର ଭିତରୁ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଥିଲେ, ମୁଁ ଗଣତନ୍ତ୍ରର ସୁରକ୍ଷା ପାଇଁ ଏଠାରେ ଛିଡ଼ା ହୋଇଛି।

## ସେମାନେ କେହି ରକ୍ଷା ପାଇବେ ନାହିଁ: ରାହୁଲ



ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ନିର୍ବାଚନ ଆୟୋଗ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ମାଧ୍ୟମରେ ଦେଶର ଗଣତନ୍ତ୍ରକୁ ଅପହରଣ କରାଯାଇଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଆରଏସଏସ ମୁଖିଆ ମୋହନ ଭାଗବତ ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟ ଚୋରି ଏବଂ ଦେଶଦ୍ରୋହର ଅଭିଯୋଗ ଆଣିଛନ୍ତି। ଏହି ଭୋଟ ଚୋରିରେ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ଏବଂ ସମସ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେମାନେ ଗଣତନ୍ତ୍ରର ହତ୍ୟା କରିଛନ୍ତି ଏବଂ କାର୍ଯ୍ୟାନୁଷ୍ଠାନରୁ ସେମାନେ ବର୍ତ୍ତିପାରିବେ ନାହିଁ। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଲିସ ଅନେକ ବିରୋଧୀ ନେତାଙ୍କୁ ଅଟକ ରଖିଥିବା ବେଳେ ନିର୍ବାଚନ ଆୟୋଗ ବିରୋଧୀ ସାଂସଦଙ୍କୁ ସାକ୍ଷାତ ନକରିବା ନେଇ ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇଛନ୍ତି।

## ଆଶୁତୋଷ ଦୀକ୍ଷିତ ହେବେ ଭାରତୀୟ ବାୟୁସେନାର ନୂତନ ମୁଖ୍ୟ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନା (ଆଇଏଏଫ୍)ର ପରବର୍ତ୍ତୀ ମୁଖ୍ୟ ଭାବେ ଚୟନ କରାହୋଇଛି। ମଙ୍ଗଳବାର କେନ୍ଦ୍ର ସରକାର ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି। ବର୍ତ୍ତମାନ ବାୟୁସେନାର ଉପମୁଖ୍ୟ ଭାବେ କାର୍ଯ୍ୟରତ ଏୟାର ମାର୍ଶାଲ ଦୀକ୍ଷିତ, ବାୟୁସେନାର ୨୯ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ ଏବଂ ଏୟାର ଚିଫ୍ ମାର୍ଶାଲ ରାଙ୍କ୍ ହାସଲ କରିବେ। ସେ ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସ୍ଥାନ ନେବେ। ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହ ୨୦୨୬ ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିବେ। ସେ ଅପରେସନ୍ ସଫେଦ ସାଗର, ଅପରେସନ୍ ରକ୍ଷକ ଏବଂ ଅପରେସନ୍ ସିନ୍ଦୂର ଭଳି ଗୁରୁତ୍ୱପୂର୍ଣ୍ଣ ସାମରିକ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ସେଣ୍ଟ୍ରାଲ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ଏବଂ ଇଣ୍ଟିଗ୍ରେଟେଡ୍ ଡିଫେନ୍ସ ଷ୍ଟାଫର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି।



## ସରିଲା ଉପନିର୍ବାଚନ: ବିଧାୟକ ହୁମାୟୁନ୍ କବୀର ଗିରଫ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦେଶରେ ମଙ୍ଗଳବାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସାମର ଲୋକସଭା ଆସନ ସମେତ ତାମିଲନାଡୁର ମଦୁରାନ୍ତକମ୍ ଓ ଧରାପୁରମ୍ ବିଧାନସଭା, ପୁଡୁଚେରୀର ଥଟ୍ଟାଞ୍ଚାଭାଡି ଏବଂ ପଶ୍ଚିମବଙ୍ଗର ରେଜିନଗର ଓ ନନ୍ଦୀଗ୍ରାମ ବିଧାନସଭା ଆସନରେ ଉପନିର୍ବାଚନ ହୋଇଛି। ପଶ୍ଚିମବଙ୍ଗର ରେଜିନଗର ଏବଂ ନନ୍ଦୀଗ୍ରାମ ଉପନିର୍ବାଚନ ମଣ୍ଡଳୀରେ ଭୋଟଗ୍ରହଣ ସମୟରେ ବ୍ୟାପକ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ରେଜିନଗରରେ ପୁଲିସ ସହ ମୁହାଁମୁହିଁ ପରେ ଆମ୍ ଜନତା ଉନ୍ନୟନ ପାର୍ଟି (ଏଜେୟୁପି)ର ମୁଖ୍ୟ ତଥା ବିଧାୟକ ହୁମାୟୁନ୍ କବୀରଙ୍କୁ ଗିରଫ କରାଯାଇଛି। ଗିରଫଦାରୀ ସମୟରେ ପୁଲିସ ତାଙ୍କ ସାର୍ଟ ଧରି ଟାଣି ଟାଣି ପୁଲିସ ଭ୍ୟାନକୁ ନେଇଯାଉଥିବାର ଦେଖିବାକୁ ମିଳିଥିଲା। କବୀର ପ୍ରାର୍ଥୀ କିମ୍ବା ନିର୍ବାଚନ ଏଜେଣ୍ଟ ନଥିଲେ। ତଥାପି ସେ ଭୋଟରଙ୍କୁ ପ୍ରଭାବିତ କରିବା ଏବଂ ଉସକାଇବା ଅଭିଯୋଗ କରି ପୁଲିସ ତାଙ୍କୁ ଗିରଫ କରିଥିବା କହିଛି। ଏହା ପୂର୍ବରୁ କବୀର ପୁଲିସ ଉପରେ ଭୋଟରଙ୍କୁ ଭୟଭୀତ କରୁଥିବା ଅଭିଯୋଗ ଆଣିଥିଲେ। ଏହି ଗିରଫଦାରୀ ପ୍ରତିବାଦରେ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ଅବଦୁଲ୍ଲାହିଲ୍ କାଫି ରେଜିନଗର ଥାନା ଆଗରେ ଧାରଣା ଦେଇ ପୁନଃ ନିର୍ବାଚନ ଦାବି କରିଛନ୍ତି। ଅନ୍ୟପଟେ, ନନ୍ଦୀଗ୍ରାମରେ ମଧ୍ୟ ଭୋଟରଙ୍କୁ ଧମକ ଏବଂ ନିର୍ବାଚନୀ ଅନିୟମିତତାର ଅଭିଯୋଗ ଆସିଛି। ସେଠାରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନ ପୁଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

## ହର୍ମୁଜ୍ ପଥରେ ପୁଣି ଆକ୍ରମଣ; ୧୧ ଭାରତୀୟ ନାବିକ ଆହତ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଓମାନ ଉପକୂଳ ନିକଟସ୍ଥ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ପାନାମା ପତାକାବାହୀ ବାଣିଜ୍ୟିକ ଜାହାଜ 'ଅନ୍ ପିସ୍' ଉପରେ ଆକ୍ରମଣ ହୋଇଛି। ଏହି ଜାହାଜରେ ମୋଟ ୧୯ ଜଣ କ୍ରୁ ସଦସ୍ୟ ଥିବା ବେଳେ ସେଥିମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ ଅଟନ୍ତି। ଆକ୍ରମଣରେ ୧୧ ଜଣ ଭାରତୀୟ ନାବିକଙ୍କ ସମେତ ମୋଟ ୧୨ ଜଣ କ୍ରୁ ସଦସ୍ୟ ଆହତ ହୋଇଛନ୍ତି। ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ଆହତ ନାବିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ଓମାନର ଖସାବ ଠାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଓମାନ ସରକାରଙ୍କ ଏହି ସହଯୋଗ ପାଇଁ ଧନ୍ୟବାଦ ଜଣାଇଛି। ଏହି ଘଟଣାକୁ ଭାରତ ବୈଦେଶିକ ମନ୍ତ୍ରଣାଳୟ ଦୃଢ଼ ନିନ୍ଦା କରିଛି। ସମୁଦ୍ର ପଥରେ ଜାହାଜଗୁଡ଼ିକ ଉପରେ ହେଉଥିବା କ୍ରମାଗତ ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ବାଣିଜ୍ୟିକ ଜାହାଜ, ନାବିକ ଏବଂ ବେସାମରିକ ଭିତ୍ତିଭୂମିକୁ ଲକ୍ଷ୍ୟ କରିବା ତୁରନ୍ତ ବନ୍ଦ କରିବାକୁ ଭାରତ ଦାବି କରିଛି।

## କଂଗ୍ରେସର 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ

ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ସାରା ଦେଶୀ ସ୍ତରୀୟ ଆନ୍ଦୋଳନର ନକ୍ସା ପ୍ରସ୍ତୁତ କରାଯାଇଛି। କଂଗ୍ରେସ ନିର୍ବାଚନ ଆୟୋଗକୁ 'ଚିଟିଂ (ଜାଲିଆତି) ଆୟୋଗ' ଆଖ୍ୟା ଦେଇ 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ସ୍ଲୋଗାନ ସହ ଆନ୍ଦୋଳନ ଡକରା ଦେଇଛି। ଦଳର ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଅକ୍ଟୋବର ୧୦ ରୁ ୨୦ ପର୍ଯ୍ୟନ୍ତ ବ୍ଲକ୍ ସ୍ତରରେ ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନ ଚାଲିବ। ସାଇକେଲ୍ ଓ ବାଇକ୍ ରାଲି, ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ ଏବଂ ପତ୍ରିକା ବଣ୍ଟନ କରାଯିବ। ଏହାପରେ ଅକ୍ଟୋବର ୨୫ ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ବୁଥ୍ ସ୍ତରରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଜନସଭା ଆୟୋଜନ ହେବ। ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ରାଲି ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୨୫ ଓ ୨୬ ରେ 'ଚଲୋ ଦିଲ୍ଲୀ' କାର୍ଯ୍ୟକ୍ରମ ଅଧୀନରେ ୬ଟି ପୃଥକ ପଦଯାତ୍ରା ବାହାରିବ। ପଦଯାତ୍ରା ନଭେମ୍ବର ୨୬ (ସମ୍ବିଧାନ ଦିବସ) ଦିନ ଦିଲ୍ଲୀରେ ଏକତ୍ରିତ ହେବେ। ସଂସଦର ଶୀତକାଳୀନ ଅଧିବେଶନରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ମଧ୍ୟ କଂଗ୍ରେସ ଲକ୍ଷ୍ୟ ରଖିଛି। ଭୋଟର ତାଲିକା ସଂଶୋଧନରେ ଅନିୟମିତତା ନେଇ ସଂସଦରୁ ନିର୍ବାଚନ ସଦନ ପର୍ଯ୍ୟନ୍ତ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଏଥିରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ସମେତ ଅନେକ ନେତାଙ୍କୁ ପୁଲିସ ଅଟକ ରଖିଥିଲା।

## ବେଙ୍ଗାଲୁରୁରେ ଜାଲ୍ ଫର୍ମ ଜରିଆରେ ୫୦୦୦ ଭୋଟରଙ୍କ ନାମ କଟିଛି

ବେଙ୍ଗାଲୁରୁ,୬।୧୦(ଏଜେନ୍ସି): ବେଙ୍ଗାଲୁରୁର ଜୟନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଜାଲ୍ ଫର୍ମ-୭ ଆବେଦନ ଜରିଆରେ ୫,୬୯୮ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟିଛି। ଏହି ଗୁରୁତର ଅଭିଯୋଗରେ ପୁଲିସ ଦୁଇଜଣ ବୁଥ୍ ଲେଭଲ୍ ଏଜେଣ୍ଟ (ବିଏଲ୍ଏ) ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। କର୍ଣ୍ଣାଟକ ମହିଳା କଂଗ୍ରେସ ସଭାନେତ୍ରୀ ତଥା ଜୟନଗରର ପୂର୍ବତନ ବିଧାୟିକା ସୌମ୍ୟା ରେଡ୍ଡୀଙ୍କ ଅଭିଯୋଗ ଆଧାରରେ ସୋମବାର ଜୟନଗର ପୁଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଛି। ସୌମ୍ୟା ୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଥିଲେ। ଅଭିଯୋଗ ଅନୁଯାୟୀ, ବିଜେପି ସହ ସମ୍ପୃକ୍ତ ଦୁଇଜଣ ବିଏଲ୍ଏ ରାମକୃଷ୍ଣ ଓ ଯୋଗେଶ ଅନ୍ୟମାନଙ୍କ ସହ ମିଶି ଏହି କେଲେଙ୍କାରୀ ଭିଆଇଛନ୍ତି। ସେମାନେ ଭୋଟରମାନେ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଛନ୍ତି ବୋଲି ମିଥ୍ୟା ଦାବି କରି ବୁଥ୍ ଲେଭଲ୍ ଅଫିସର (ବିଏଲ୍ଓ)ଙ୍କ ନିକଟରେ ଫର୍ମ-୭ ଦାଖଲ କରିଥିଲେ। ଏହି ଜାଲିଆତି ମୁଖ୍ୟତଃ ଅଳ୍ପସଂଖ୍ୟକ ସମ୍ପ୍ରଦାୟର ଭୋଟର ତଥା ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକର ରାଜନୈତିକ ବିପକ୍ଷ ବର୍ଗର ଭୋଟରଙ୍କୁ ଲକ୍ଷ୍ୟ କରି କରାଯାଇଥିଲା। ନିଜସ୍ୱ ଅନୁସନ୍ଧାନରୁ ଏହି ଜାଲିଆତି ସାମ୍ନାକୁ ଆସିଥିବା ସୌମ୍ୟା ପ୍ରକାଶ କରିଛନ୍ତି।

**୨ ବିଏଲ୍ଏଙ୍କ ବିରୋଧରେ ମାମଲା ରୁଜୁ**

ଅଭିଯୋଗରେ ସି. ରମେଶ ଓ ତାଙ୍କ ପତ୍ନୀ ରୂପା ନାମକ ଦୁଇଜଣଙ୍କ ବିଷୟରେ ଉଲ୍ଲେଖ ରହିଛି। ସେମାନଙ୍କ ଅନୁମତି ବିନା ସେମାନଙ୍କ ନାମ ଓ ଭୋଟର ପରିଚୟପତ୍ରର ତଥ୍ୟ ବ୍ୟବହାର କରି ବିଏଲ୍ଓଙ୍କ ନିକଟରେ ଫର୍ମ-୭ ଆବେଦନ ଦାଖଲ କରାଯାଇଥିଲା। ଏହାସହ, ବିଏଲ୍ଓ ଲୋକେଶଙ୍କ ନିକଟରେ ଦାଖଲ କରାଯାଇଥିବା କେତେକ ଫର୍ମ-୭ ଆବେଦନରେ ଜାଲ୍ ସ୍ୱାକ୍ଷର ରହିଥିବା ମଧ୍ୟ ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ରାମକୃଷ୍ଣ, ଯୋଗେଶ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି।

## ତେଲେଙ୍ଗାନାରେ ବି ଜାଲିଆତି, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ସିଇଓ

ହାଇଦ୍ରାବାଦ, ୬।୧୦ (ଏଜେନ୍ସି): ଯୋଗ୍ୟ ଭୋଟରଙ୍କ ନାଁ ଭୋଟର ତାଲିକାରୁ ବାଦ ଦେବା ଉଦ୍ଦେଶ୍ୟରେ ନିର୍ବାଚନ କମିସନଙ୍କ ଫର୍ମ-୭ର ଦୁରୁପଯୋଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ। ତେଲଙ୍ଗାନାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଏନେଇ ଅଧିକାରୀମାନଙ୍କୁ ସତର୍କ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରୁ କୌଣସି ନାଁ ବାଦ ଦେବା ପାଇଁ ଫର୍ମ-୭ ବ୍ୟବହାର କରାଯାଏ। ତେବେ ଏହାର ଦୁରୁପଯୋଗ କରି ଯୋଗ୍ୟ ଭୋଟରଙ୍କ ନାଁ କାଟିବା ପାଇଁ ଆବେଦନ କରାଯାଉଥିଲେ, ତାହାକୁ ଗୁରୁତ୍ୱର ସହ ନେବାକୁ ନିର୍ବାଚନ ଅଧିକାରୀଙ୍କୁ କୁହାଯାଇଛି। ସିଇଓଙ୍କ ଏହି ପଦକ୍ଷେପ ଭୋଟର ତାଲିକାର ସଠିକତା ଓ ଯୋଗ୍ୟ ମତଦାତାଙ୍କ ଅଧିକାର ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଫର୍ମ-୭ ମାଧ୍ୟମରେ ଆସୁଥିବା ନାଁ ବାଦ ଆବେଦନଗୁଡ଼ିକୁ ନିୟମ ଅନୁସାରେ ଯାଞ୍ଚ କରିବା ସହ ପ୍ରକୃତ କାରଣ ନଥିଲେ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ ନଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ ଭୋଟର ତାଲିକାର ସଠିକତା ଅତ୍ୟନ୍ତ ଜରୁରୀ। ତେଣୁ ଭୋଟରଙ୍କ ନାଁ ବାଦ ଦେବା ସମ୍ପର୍କିତ ଆବେଦନରେ କୌଣସି ଅନିୟମିତତା କିମ୍ବା ଦୁରୁପଯୋଗ ଧରାପଡ଼ିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ତେଲଙ୍ଗାନା ସିଇଓଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କକ୍ରୋଚ୍ ନେତାଙ୍କୁ ଡରାଉଛି ପୁଲିସ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ କେନ୍ଦ୍ର ସରକାରଙ୍କ ବିରୋଧରେ ମଙ୍ଗଳବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏକ ଦେଶ, ଏକ ନିର୍ବାଚନ ସ୍ଲୋଗାନ ବାହାନାରେ ସରକାର 'ଗୋଟିଏ ଦେଶ, ଗୋଟିଏ ରାଜନୈତିକ ଦଳ' ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ବୋଲି ସେ ଦାବି କରିଛନ୍ତି। ଆସନ୍ତା ଅକ୍ଟୋବର ୧୦ରେ ନୂଆଦିଲ୍ଲୀର ଯନ୍ତରମନ୍ତର ଠାରେ ସିଜେପି ବିକ୍ଷୋଭ ଆହ୍ୱାନ ଦେଇଛି। ତେବେ ବିକ୍ଷୋଭରେ ଭାଗ ନନେବା ପାଇଁ ସିଜେପି କାର୍ଯ୍ୟକର୍ତ୍ତାଙ୍କୁ ଚନ୍ଦ୍ରପୁର ପୁଲିସ ନୋଟିସ୍ ଜାରି କରି ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନ ହିଂସାତ୍ମକ ହୋଇପାରେ ବୋଲି ଦର୍ଶାଇ ପୁଲିସ ଚେତାବନୀ ଦେଇଛି। ଶୋଭାଯାତ୍ରାର ଖର୍ଚ୍ଚର ଆର୍ଥିକ ହିସାବ ଏବଂ ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ସମ୍ପର୍କରେ ପୁଲିସ ପ୍ରଶ୍ନ କରିଛି। ଏହାକୁ ନେଇ ବିକ୍ଷୋଭରେ ହିଂସା ହେବ ବୋଲି ପୁଲିସ କିପରି ଆଗୁଆ ଜାଣିଲା ବୋଲି ଅଭିଜିତ୍ ପ୍ରଶ୍ନ କରିଛନ୍ତି। ସେମାନେ ମହାତ୍ମା ଗାନ୍ଧୀ ଓ ବିଆର୍. ଆମ୍ବେଦକରଙ୍କ ଅହିଂସା ନୀତି ଆପଣେଇଥିବା ବେଳେ ପୁଲିସ କିପରି ଏହାକୁ ହିଂସାତ୍ମକ ବୋଲି ଆଖ୍ୟା ଦେଉଛି ବୋଲି ଦୀପକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ, ସିଜେପି ସହ-ଆବାହକ ସୌରଭ ଦାସ ପ୍ରକାଶ କରିଛନ୍ତି ଯେ ଅକ୍ଟୋବର ୧୦ ବିକ୍ଷୋଭ ପୂର୍ବରୁ ସେମାନଙ୍କ ନେତାମାନଙ୍କୁ ଗିରଫ କରାଯିବାର ଆଶଙ୍କା ରହିଛି। ତଥାପି, ଯୁବସମାଜର ଭବିଷ୍ୟତ ଓ ଅଧିକାର ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



**ଅକ୍ଟୋବର ୧୦ ଦିଲ୍ଲୀ ବିକ୍ଷୋଭ ପୂର୍ବରୁ ସିଜେପି କାର୍ଯ୍ୟକର୍ତ୍ତାଙ୍କୁ ପୁଲିସ ନୋଟିସ**

## କମିସନ ନିରବ; ସଫେଇ ଦେଉଛି ବିଜେପି

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦେଶବ୍ୟାପୀ ଏସ୍ଆଇଆର୍ ପ୍ରକ୍ରିୟାରେ ଭୋଟର ତାଲିକାରୁ ପ୍ରାୟ ୧୩.୩ କୋଟି ନାମ ବାଦ୍ ପଡ଼ିଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିବା ବେଳେ କମିସନ ସପକ୍ଷେରେ ସଫେଇ ସେଦଇଛନ୍ତି ବିଜେପି ଜାତୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ। ସେ କହିଛନ୍ତି ଯେ, ଏହି ସଂଖ୍ୟା ଚୂଡ଼ାନ୍ତ ଭୋଟର ବାଦ୍‌କୁ ଦର୍ଶାଉ ନାହିଁ। ସେ କହିଛନ୍ତି ଯେ, ନାମ କଟିଥିବା ଭୋଟରଙ୍କ ମଧ୍ୟରେ ୨.୮ କୋଟି ମୃତ ଭୋଟର, ୬.୩ କୋଟି ଅନ୍ୟତ୍ର ସ୍ଥାନାନ୍ତରିତ, ୧ କୋଟି ନକଲି ଏବଂ ପ୍ରାୟ ୩ କୋଟି ସନ୍ଧାନହୀନ ବ୍ୟକ୍ତି ରହିଛନ୍ତି।

## ଫ୍ରାନ୍ସରେ ଛାତ୍ରଙ୍କ ହିଂସାତ୍ମକ ଆନ୍ଦୋଳନ; ୫ ହଜାର ଗିରଫ

ପ୍ୟାରିସ୍, ୬।୧୦ (ଏଜେନ୍ସି): ଫ୍ରାନ୍ସରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଶିକ୍ଷକ ଅଭାବ ଏବଂ ଭିତ୍ତିଭୂମିର ସୁଧାର ଦାବିରେ ଚାଲିଥିବା ଛାତ୍ର ଆନ୍ଦୋଳନ ଏବେ ଉଗ୍ର ଓ ହିଂସାତ୍ମକ ରୂପ ନେଇଛି। ସେପ୍ଟେମ୍ବରରୁ ପ୍ୟାରିସରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାରା ଦେଶକୁ ବ୍ୟାପିଯାଇଛି। ଏଥିରେ ସ୍କୁଲ୍ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ୟାପକ ଭାବେ ସାମିଲ ହୋଇଛନ୍ତି। ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଲେନ୍ସ ସହରରେ ଏକ ବିସ୍ଫୋରଣରେ ଜଣେ ୧୫ ବର୍ଷୀୟ ଛାତ୍ର ନିଜର ହାତ ହରାଇଛନ୍ତି। ଲୁହାବୁହା ଗ୍ୟାସ୍ କ୍ୟାନିଷ୍ଟର ବାଜି ୧୪ ବର୍ଷୀୟ ଏଡେନ ନାମକ ଜଣେ ଛାତ୍ରଙ୍କ ଦୁଇଟି ହାଡ଼ ଭାଙ୍ଗିଯାଇଛି। ଏହି ବିକ୍ଷୋଭରେ ୧୯୦ ଜଣ ଛାତ୍ର ଆହତ ହୋଇଛନ୍ତି। ସେହିପରି ପୁଲିସ ୫,୦୬୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୮୭ ପ୍ରତିଶତ ନାବାଳକ। ଆନ୍ଦୋଳନ ସମୟରେ ୨୪ଟି ସ୍କୁଲରେ ନିଆଁ ଲଗାଇ ଦିଆଯାଇଛି କିମ୍ବା ଭଙ୍ଗାରୁଜା କରାଯାଇଛି। ୨୦୧୦ରେ ବୃଦ୍ଧି ପାଇଥିବା ଜନ୍ମହାର ହେତୁ ସ୍କୁଲଗୁଡ଼ିକରେ ଛାତ୍ରସଂଖ୍ୟା ପ୍ରାୟ ୨.୫ ଲକ୍ଷ ବୃଦ୍ଧି ପାଇଛି। ମାତ୍ର ସେହି ତୁଳନାରେ ଶିକ୍ଷକ ସଂଖ୍ୟା ହ୍ରାସ ପାଇଛି। ଶ୍ରେଣୀଗୃହରେ ଅତ୍ୟଧିକ ଭିଡ଼, ବିଦ୍ୟାଳୟ ଗୃହଗୁଡ଼ିକର ଜର୍ଜର ଅବସ୍ଥା ଏବଂ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ନୁ ଶିକ୍ଷା କ୍ଷେତ୍ରର ସମସ୍ୟା ସମାଧାନ ପାଇଁ କିଛି ପଦକ୍ଷେପ ଘୋଷଣା କରିଛନ୍ତି। ମାତ୍ର ହିଂସାତ୍ମକ କାର୍ଯ୍ୟକଳାପ ପ୍ରତି କୌଣସି କୋହଳ ଆଭିମୁଖ୍ୟ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରମୁଖ ଛାତ୍ର ସଂଗଠନ 'ୟୁନିଅନ୍ ସିଣ୍ଡିକାଲେ ଲାଇସିଏନ୍' ଏବଂ ଶିକ୍ଷକ ସଂଗଠନଗୁଡ଼ିକ ସଙ୍ଗଠିତ ହୋଇ ସାରା ଦେଶରେ ବୃହତ୍ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଛନ୍ତି।



## ଅସଦାଚରଣ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ପଦୋନ୍ନତି ଅଟକିଲା

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦିଲ୍ଲୀ ପୁଲିସର କନ୍ନଟ ପ୍ଲେସ ପୁଲିସ ଷ୍ଟେସନର ଏସଡିପିଓ ବିବେକ ଭଗତ ନିଜର ପଦୋନ୍ନତି ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିବା ପାଇଁ ଦିଲ୍ଲୀ ପୁଲିସ କମିସନରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଅକ୍ଟୋବର ୫ରେ ତାଙ୍କୁ ଅତିରିକ୍ତ ଡିସିପି ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ତେବେ ଜଣେ ୟୁଟ୍ୟୁବର ଏବଂ କକ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଅଣାଯାଇଛି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବାରୁ, ସେ ନିଜେ ଏହି ପଦୋନ୍ନତି ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ସମ୍ମତି ଦେଇଛନ୍ତି। ବିବେକଙ୍କ ବିରୋଧରେ ଯନ୍ତରମନ୍ତରରେ ହୋଇଥିବା ଏକ ବିକ୍ଷୋଭ ପ୍ରଦର୍ଶନ ସମୟରେ ଜଣେ ମହିଳା ସାମ୍ବାଦିକଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିଥିଲା। ସିଜେପି ପକ୍ଷରୁ ଏହି ପଦୋନ୍ନତିର ସମୟକୁ ନେଇ କଠୋର ସମାଲୋଚନା କରାଯାଇଥିଲା। ତେବେ ପୁଲିସ ବିଭାଗ ଅନୁଯାୟୀ, ଏହି ପଦୋନ୍ନତି ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା ଥିଲା। ଏଥିରେ ମୋଟ ୧୨ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା। ଅନ୍ୟପଟେ, ବିବେକ ଭଗତଙ୍କ ବିରୋଧରେ ଏଆଇ ଟୁଲ ସାହାଯ୍ୟରେ ନକଲି ସିସିଟିଭି ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପ୍ରସାରିତ କରିଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଜଣେ ନିଜକୁ ସ୍ୱାଧୀନ ସାମ୍ବାଦିକ ଦାବି କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିଛି।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଜାତୀୟ ବନ୍ୟଜନ୍ତୁ ସପ୍ତାହ



ତେଲକୋଇ, ୬।୧୦(ସମିସ): ବନ୍ୟଜନ୍ତୁ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ମଣିଷ–ହାତୀ ମଧ୍ୟରେ ସୁସ୍ଥ ସହାବସ୍ଥାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗଜ ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ଟିପିଏନଓଡ଼ିଏଲ ପକ୍ଷରୁ ଜାତୀୟ ବନ୍ୟଜନ୍ତୁ ସପ୍ତାହ ପାଳନ କରାଯାଇଥିଲା। ଏଥିରେ ସ୍ନେହା ସଂସ୍ଥାର ସହଯୋଗରେ କେନ୍ଦୁଝର ଡିଭିଜନର ତେଲକୋଇ ସେକ୍ସନ୍ ଅନ୍ତର୍ଗତ ଚାରିଗଡ଼ା ମହାବିଦ୍ୟାଳୟରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନ୍ୟଜନ୍ତୁ ସୁରକ୍ଷା ଏବଂ ମଣିଷ–ହାତୀ ସଂଘର୍ଷ ହ୍ରାସ ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଏଥିସହ 'ମଣିଷ–ହାତୀ ସହାବସ୍ଥାନ ଓ ସଂଘର୍ଷ' ବିଷୟ ଉପରେ ଏକ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ବନ ବିଭାଗ, ଅଗ୍ନିଶମ ବିଭାଗ ଏବଂ ଟିପିଏନଓଡ଼ିଏଲ୍ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏସିଏଫ ଲକ୍ଷ୍ମୀ ଜୈନ, ରେଞ୍ଜର ଅଶୋକ ମାଝୀ, ଚାରିଗଡ ମହାବିଦ୍ୟାଳୟ ଅଧ୍ୟକ୍ଷ ପାର୍ବତୀ ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ଧରଣୀଧର ମହାନ୍ତ, ଟିପିଏନଓଡ଼ିଏଲ ଏସୀ ଅଶ୍ୱନୀ ମହାନ୍ତ, ଏସଡିଓ ପ୍ରତ୍ୟୁଷ ପୃଷ୍ଟି, ଜେଇ ମୁକେଶ ସାହୁ, ସେଫେଟି ଅଫିସର ଦିଲୁ ରାଉତ ଓ ସ୍ନେହା ସଂସ୍ଥାର କିଶୋର ଦାସ ଉପସ୍ଥିତ ଥିଲେ।

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଟପୁର ଗ୍ରାମବାସୀଙ୍କ ଦାବିପତ୍ର

## ଅସମ୍ପୂର୍ଣ୍ଣ ଆବାସ ଓ ବିକାଶ କାର୍ଯ୍ୟ ପାଇଁ ଅନୁଦାନ ଦାବି



ଉଦଳା, ୬।୧୦ (ସମିସ): କପ୍ତିପଦା ଉପଖଣ୍ଡ ତଥା ଉଦଳା ବ୍ଲକ ଅଧୀନ ପାଟପୁର ଗ୍ରାମର ବିକାଶମୂଳକ ଓ ଅସମ୍ପୂର୍ଣ୍ଣ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ ନିମନ୍ତେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାଟପୁର ଗ୍ରାମର ଦୁଇ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକତ୍ରିତ ହୋଇ ଉଦଳା ବିଡିଓ ଓ କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।"ପେସା' ଗ୍ରାମସଭାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରାମରେ କୌଣସି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମୋ ଗୃହ ଯୋଜନାରେ ଘର ମଞ୍ଜୁର ହୋଇଥିଲେ ସୁଦ୍ଧା ଗତ ଦୁଇରୁ ତିନିବର୍ଷ ଧରି ହିତାଧିକାରୀଙ୍କୁ ଅନୁଦାନ ଅର୍ଥ ମିଳିପାରିନାହିଁ। ଫଳରେ ଅନେକ ଲୋକଙ୍କ ଗୃହ ନିର୍ମାଣ ଅଧାରେ ଅଟକିଛି। ପେସା ଗ୍ରାମସଭାକୁ ତୁରନ୍ତ ଆବଶ୍ୟକୀୟ ପାଣ୍ଠି ଯୋଗାଇଦେବା ସହ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଆବାସ ଓ ଅନ୍ୟାନ୍ୟ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅନୁମତି ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ଡନ୍ ବସ୍କୋ ଟେକ୍‌ର ନୂଆ ବ୍ୟାଚ୍ ତାଲିମ ଶିବିର ଉଦ୍‌ଘାଟିତ



ମହୁଲଡିହା, ୬।୧୦(ସମିସ): ଠାକୁରମୁଣ୍ଡାସ୍ଥ ଡନ ବସ୍କୋ ଟେକ୍ ସ୍କିଲ ସେଣ୍ଟରରେ ଆଜି ମଲ୍ଟି ସ୍କିଲ ଟେକ୍ନିସିଆନ ବ୍ୟାଚ୍‌ର ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଏ ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଦକ୍ଷତା ହିଁ ଅସଲ ପରିଚୟ ବୋଲି କହିଥିଲେ। ସେଣ୍ଟର ମୁଖ୍ୟ ଶରତ ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ଆଇଟି ସଂଯୋଜିକା ରଞ୍ଜିତା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ର ସଂଯୋଜକ ଅଭିମନ୍ୟୁ ବେହେରା, ସତ୍ୟଜିତ ଦାସ, ଗୋଲାପ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ନୂଆ ବ୍ୟାଚରେ ୨୫ ଜଣ ଯୋଗ ଦେଇଛନ୍ତି।

## ବିଶ୍ୱଶାନ୍ତି ଓ ଯୁଦ୍ଧ ବିରତି ବାର୍ତ୍ତା ନେଇ ସାଧୁଙ୍କ ପଦଯାତ୍ରା



ମହୁଲଡିହା, ୬।୧୦(ସମିସ): ଶ୍ରୀକ୍ଷେତ୍ରରୁ ଯୁଦ୍ଧ ବିରତି ଓ ବିଶ୍ୱଶାନ୍ତିର ବାର୍ତ୍ତା ନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦିଲ୍ଲୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି ପାଣିକୋଇଲିର ସାଧୁ ଦେବଦତ୍ତ ରାୟ। ଗତକାଲି ୧୭ତମ ଦିନରେ ଠାକୁରମୁଣ୍ଡାରେ ପହଞ୍ଚି ରାତ୍ରୀଯାପନ କରିଥିଲେ। ଆଜି ୧୮ତମ ଦିବସରେ ସେ କରଞ୍ଜିଆ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି। ସାଧୁ ଜଣକ ଦିନକୁ ପ୍ରାୟ ୩୦ କିଲୋମିଟର ପଦଯାତ୍ରା କରୁଛନ୍ତି। ସେହି ହିସାବରେ ଆଜି ସେ କରଞ୍ଜିଆରେ ପହଞ୍ଚିବାକୁ ଚେଷ୍ଟା କରିବେ, ନଚେତ ବାଟରେ କେଉଁଠି ରାତ୍ରି ଯାପନ କରିବେ ବୋଲି କହିଛନ୍ତି।

## ଓଡ଼ିଶା ବନ୍ଦକୁ ନେଇ ବାରିପଦାରେ ପଥପ୍ରାନ୍ତ ସଭା

ବାରିପଦା, ୬।୧୦(ସମିସ): ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ରଦ୍ଦ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟାପ୍ରଭାବିତଙ୍କୁ ଉପଯୁକ୍ତ କ୍ଷତିପୂରଣ, ସହାୟତା ପ୍ରଦାନ ଦାବିରେ ୮ ତାରିଖରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଉକ୍ତ ଦିନ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ଏହି ବନ୍ଦକୁ ସଫଳ କରିବା ପାଇଁ ମଙ୍ଗଳବାର ବାରିପଦା ସହରର ବିଭିନ୍ନ ସ୍ଥାନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମେଣ୍ଟର ସହଯୋଗୀ ଦଳ ସିପିଆଇର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଏମ୍ ନେତା ରବି ଗୋସ୍ୱାମୀ, କଂଗ୍ରେସ ପକ୍ଷରୁ ଶାନ୍ତନୁ କୁମାର ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦ ପାଳନ ପୂର୍ବ ପ୍ରସ୍ତୁତି ସ୍ୱରୂପ ବୁଧବାର ସହରରେ ଏକ ମିଳିତ 'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ପଦଯାତ୍ରା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

କଙ୍କଡ଼ାଣିରେ ଜିଲ୍ଲାସ୍ତରୀୟ ସହରାୟ ସେମିନାର

# ଗୋଟିଏ ଦିନରେ ଜାହିରା ପୂଜା ଓ ପର୍ବପର୍ବାଣି ପାଳନ ଆହ୍ୱାନ

ଯଶିପୁର, ୬।୧୦(ସମିସ)



ଯଶିପୁର ବ୍ଲକ୍ ଅନ୍ତର୍ଗତ କଙ୍କଡ଼ାଣି ଗ୍ରାମରେ ଆଦିବାସୀ ମୁଣ୍ଡା, ସାନ୍ତାଳ ଓ ହୋ ସମ୍ପ୍ରଦାୟର ମହାନ ଗଣପର୍ବ "ସହରାୟ' ସଂକ୍ରାନ୍ତୀୟ ଏକ ଜିଲ୍ଲାସ୍ତରୀୟ ସେମିନାର ତଥା ସମାବେଶ ଆୟୋଜିତ ହୋଇଯାଇଛି। ସମଗ୍ର ଆଦିବାସୀ ସମାଜ ଏକାଠି ହୋଇ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଜାହିରା ପୂଜା ଓ ସମସ୍ତ ପର୍ବପର୍ବାଣି ପାଳନ କରିବାକୁ ଏହି ସମାବେଶରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବାହ୍ନରେ ଗ୍ରାମର ଦେହୁରୀ କାର୍ତ୍ତୁ ହାଁସଦା ଆଦିବାସୀ ସମାଜର ଆରାଧ ଜାହିରା ଓ ଦେଶାଉଲିର ଦେବାଦେବୀଙ୍କ ସମେତ ଅଲ୍‌ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁ, ଧର୍ମଗୁରୁ ବାବା ବାନାଉ ମୁର୍ମୁ, ଅତଗୁରୁ ଲାକୋ ବଦ୍ରା, ଜୟପାଲ ସିଂ ମୁଣ୍ଡା, ବୀର ବିର୍ସା ମୁଣ୍ଡା ଓ ବାବା ତିଲକା ମାଝୀ ପ୍ରମୁଖ ବୀର ପୁରୁଷଙ୍କୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅଲ୍ ଇଣ୍ଡିଆ ସାର୍ନା ଧରମ ଚେମେଟ ଆଶ୍ରା ବ୍ରାଞ୍ଚ ସଭାପତି ବାସ୍ତା ସୋରେନ, ଆସେକା ଶୁଣ୍ଡିବିଲା ଶାଖା ସଭାପତି ରଘୁନାଥ ଟୁଡୁ, ଖୁଦ୍ରୀ ପୀଢ଼ ପାର୍ଗାନା ବାବା ଈଶ୍ୱର କିସ୍କୁ, ଭଣ୍ଡା ପୀଢ଼ ପାର୍ଗାନା ବାବା ଅନନ୍ତ ହାଁସଦା, ପାର୍ଗାନା ବାବା ଅଭିରାମ ହେମ୍ବ୍ରମ, ଏଆଇଏସ୍‌ଡିଡିଟି ଅସ୍ଥି ବିସର୍ଜନ ପୀଠ ସମ୍ପାଦକ ବାବୁଲୁ ମୁର୍ମୁ ଓ ସମାଜସେବୀ ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ପ୍ରାୟ ୧୭ଟି ବ୍ଲକରୁ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମ ମୁଖିଆ, ଦେହୁରୀ, ୧୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

ଉକ୍ତ ସେମିନାରରେ ସହରାୟ ପର୍ବର ପ୍ରଥମ ଦିନରୁ ୫ମ ଦିନ ପର୍ଯ୍ୟନ୍ତ ରୀତିନୀତି ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ନାଚଗୀତ, ବେଶଭୂଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଭାରତର ଆଦିମ ଅଧିବାସୀ ଭାବେ 'ଆବୁଓା ଦିଶମ୍, ଆବୁଓା ରାଜ୍' ନୀତିରେ ନିଜ ହକ୍ ଓ ଅଧିକାର ପାଇଁ ଏକଜୁଟ ହେବା, ନିଶା ନିବାରଣ, ଅନ୍ଧବିଶ୍ୱାସ ଦୂରୀକରଣ ଓ ଜଙ୍ଗଲକୁ ଜାହିରା ଭାବେ ସୁରକ୍ଷା ଦେବାକୁ ଅତିଥିମାନେ ମତ ରଖିଥିଲେ। ଏହି ସମାବେଶରେ ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ଜିଲ୍ଲା ହୋ ସମାଜ କମିଟି ସଭାପତି ହରିଚରଣ ବିରୁଆ, ପୂର୍ବତନ ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସମାୟ ପୂର୍ତ୍ତି, ପୂର୍ବତନ ପୁଲିସ ଅଧିକାରୀ ରାଇସେନ ମୁର୍ମୁ, ଶୁକୁଳି ବ୍ଲକ୍ ଭାଇସ୍ ଚେୟାରମ୍ୟାନ୍ ସୀତାରାମ ଚାତାର, କୁସୁମୀ ବିଇଓ ମହାଶୁନି ହେମ୍ବ୍ରମ, ଚେମେଦ ଆଶ୍ରା ସଭାପତି ହିରାମଣି ମୁର୍ମୁ, ଆସେକା ସଭାପତି ମନୋରଞ୍ଜନ ମୁର୍ମୁ, ଲମ୍ବୋଦର ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶତାଧିକ ପ୍ରତିନିଧିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଚକ୍ରଧର ହେମ୍ବ୍ରମ ପରିଚାଳନା କରିଥିବାବେଳେ ପ୍ରଶିକ୍ଷଣ ଶିବିରକୁ କାହ୍ନୁ ଟୁଡୁ ସଂଯୋଜନା କରିଥିବାବେଳେ ବାସ୍ତା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

ସେବା ସେତୁ ଶିବିରରେ ମନ୍ତ୍ରୀଙ୍କ ଜନଶୁଣାଣି

## ୩୮୧ ଅଭିଯୋଗ ଗ୍ରହଣ, ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ



ରାସଗୋବିନ୍ଦପୁର, ୬।୧୦(ସମିସ): ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ସହ ସରକାରୀ ସେବାକୁ ଲୋକଙ୍କ ଦୁଆର ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ରାସଗୋବିନ୍ଦପୁରରେ ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଅନନ୍ତ ହାଁସଦାଙ୍କ ଆୟୋଜନରେ ରାସଗୋବିନ୍ଦପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣିରେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଭତ୍ତା, ପକ୍କାଘର, ପାନୀୟ ଜଳ, ରାସ୍ତାଘାଟ ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ୩୮୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

ମନ୍ତ୍ରୀ ଡ. ମହାପାତ୍ର ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ୫୦ ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ଓ ୩ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା। ଚିକିତ୍ସା ସହାୟତା ବାବଦରେ ରେଡକ୍ରସ ପକ୍ଷରୁ ୪ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ, ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଥିଲା। ଏଥିସହ ସୁଭଦ୍ରା ଯୋଜନା ଓ ମାତୃମଙ୍ଗଳ ଯୋଜନାରେ ମଧ୍ୟ କିଛି ମହିଳା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାୟ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାୟକ, ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏ ଅବସରରେ ଆସନ୍ତା ୧୧ ତାରିଖରେ ମୋରଡ଼ା ବ୍ଲକ ଅଞ୍ଚଳରେ ଏକ ମେଗା ସ୍ୱାସ୍ଥ୍ୟ ମେଳା ଆୟୋଜନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଶିବିର ପରିଚାଳନାରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ସହଯୋଗ କରିଥିଲେ।

## ଖବର ପ୍ରସାରଣ ପରେ ମୃତଦେହ ନେଲେ ପୁଅ ଓ ପୁତୁରା

ଠାକୁରମୁଣ୍ଡା, ୬।୧୦(ସମିସ): ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଅସୁସ୍ଥ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହକୁ ଛାଡ଼ି ସ୍ତ୍ରୀ ଓ ଝିଅ ଚାଲିଯିବା ଘଟଣାକୁ ନେଇ ଚର୍ଚ୍ଚା ହୋଇଥିଲା। ଘଟଣା ସମ୍ପର୍କରେ ଖବର ପ୍ରସାରଣ ପରେ ମୃତକଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ଓ ପୁତୁରା ଠାକୁରମୁଣ୍ଡା ମେଡିକାଲରେ ପହଞ୍ଚି ମୃତଦେହ ନେଇଥିବା ଜଣାପଡ଼ିଛି। ବହଳଦା ଥାନା ଅଞ୍ଚଳର ତେନ୍ତେଲା ଗ୍ରାମର ଶ୍ୟାମ ମାରାଣ୍ଡି ରବିବାର ଦିନ ପ୍ରାୟ ୨ଟା ୩୦ ମିନିଟ୍‌ରେ ଗାଡିରେ ଯାଉଥିବା ସମୟରେ ଠାକୁରମୁଣ୍ଡା ଅଞ୍ଚଳରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମେଡିକାଲରେ ଚିକିତ୍ସାଧୀନ ଥିବା ସମୟରେ ଶ୍ୟାମ ମାରାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପାଖରେ ସ୍ତ୍ରୀ ସୁଶୀଳା ଓ ଝିଅ ଉପସ୍ଥିତ ଥିଲେ। ତେବେ ସୋମବାର ସକାଳେ ହଠାତ୍ ସ୍ତ୍ରୀ ଓ ଝିଅ ମେଡିକାଲରୁ ଚାଲିଯାଇଥିଲେ। ମୃତଦେହ ମେଡିକାଲରେ ପଡ଼ିରହିଥିବାବେଳେ ଉଭୟଙ୍କୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ମିଳିନଥିଲା। ଏ ସମ୍ପର୍କରେ ଖବର ପ୍ରସାରଣ ପରେ ମୃତକ ଶ୍ୟାମ ମାରାଣ୍ଡି ବହଳଦା ଥାନା ଅଧୀନ ତେନ୍ତେଲା ଗ୍ରାମର ବୋଲି ଜଣାପଡ଼ିଥିଲା। ଖବର ଦେଖି ଶ୍ୟାମଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ସାନୁ ଓ ପୁତୁରା ଚୈତନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଚିହ୍ନଟ କରି ଗ୍ରାମକୁ ନେଇଛନ୍ତି। ସ୍ତ୍ରୀ ଓ ଝିଅ କାହିଁକି ମୃତଦେହ ଛାଡ଼ି ଚାଲିଗଲେ, ତାହାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆଲୋଚନା ହେଉଛି।

## ୨୬ ଲିଟର ମହୁଲି ମଦ ଜବତ, ୨ ଗିରଫ

ଠାକୁରମୁଣ୍ଡା, ୬।୮ (ସମିସ): ଚୋରା ଦେଶୀ ମଦ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି ଅବକାରୀ ବିଭାଗ। ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୨୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଦୁଇଜଣ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସକାଳେ ଠାକୁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖମଡ଼ିହା ଗ୍ରାମରେ ଚଢ଼ଉ କରାଯାଇଥିଲା। ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୧୦ ଲିଟର ଦେଶୀ ମହୁଲି ମଦ ଜବତ କରାଯିବା ସହ ଉର୍ବଶୀ ସାହୁଙ୍କୁ ଗିରଫ କରାଯାଇଥିଲା। ସେହିପରି ମହୁଲଡିହା ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆବାହାଲି ଗ୍ରାମରେ ଚଢ଼ଉ କରାଯାଇ ୧୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିଲା। ଏହି ଘଟଣାରେ ସଂଯୁକ୍ତା ମହାନ୍ତଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏଏସଆଇ ଲକ୍ଷ୍ମଣ ନାୟକଙ୍କ ସମେତ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ।

## ପଦ୍ମପୁରରେ ଯୁବ ବିଶ୍ୱାସ ଯାତ୍ରା

ଆନନ୍ଦପୁର, ୬।୧୦ (ସମିସ): କେନ୍ଦୁଝର ଜିଲ୍ଲାରେ ଯୁବ ବିଶ୍ୱାସ ଯାତ୍ରା ପଞ୍ଚମ ଦିନରେ ପହଞ୍ଚିଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆଜି ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ୧ ନମ୍ବର ୱାର୍ଡରେ ଆୟୋଜିତ ହୋଇଛି। ଏହି ୱାର୍ଡର ବିରବଲରେ ଶ୍ରୀ ସାହୁ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିରବଲର ୨୦ରୁ ଅଧିକ ଯୋଗ୍ୟ ବୃଦ୍ଧବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଗ୍ରାମର ୩୦ରୁ ଅଧିକ ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ମିଳି ନଥିବା ଗ୍ରାମବାସୀ ଶ୍ରୀ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବିଭିନ୍ନ ସ୍ଥାନରେ ରାସ୍ତା ମଧ୍ୟ ନିର୍ମାଣ ହୋଇ ନଥିବାରୁ ଲୋକେ ନାହିଁ ନଥିବା ସମସ୍ୟା ଭୋଗୁଥିବା ଜଣାଇଥିଲେ। ନଗର ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ପ୍ରସନ୍ନଜିତ୍ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ମଥୁରା ହୋ, ଅଙ୍କୁର ହୋ, ସାଗର ହୋ, ଶଙ୍କର ହୋ, ଦର୍ଶନ ହୋ, କାଇର ବର୍ଲା, ଶ୍ୟାମ ହୋ, ବଲ୍ଲା ହୋ, ବେଲ ହୋ, ଜେମା ହୋ, ପେଲୋଙ୍ଗୋ ହୋ, ସାନିଆ ନାଏକ, ଲେମ୍ବ ସୁରେନ୍, ମଙ୍ଗଳ ହୋ, କୁନା ମାଝୀ, ତିଙ୍ଗି ହୋ, ଫୁଲ ମାରାଣ୍ଡି, ଦୁର୍ଗୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ୮ରୁ ଆନନ୍ଦପୁରର ପ୍ରସିଦ୍ଧ ଶ୍ରୀଗଣେଶ ଭସାଣି

ଆନନ୍ଦପୁର, ୬।୧୦ (ସମିସ): ଆନନ୍ଦପୁରର ଓଡିଶା ପ୍ରସିଦ୍ଧ ଶ୍ରୀ ଗଣେଶ ଭସାଣି ଉତ୍ସବ ଆସନ୍ତା ୮ ତାରିଖରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ। ଏନେଇ ଆନନ୍ଦପୁର ପ୍ରଶାସନ ଓ ପୁଲିସ ପକ୍ଷରୁ ଆୟୋଜିତ ଶାନ୍ତି କମିଟି ବୈଠକରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ୮ ତାରିଖରେ ଗୌଡ଼ ସାହି ମା' ଧନେଶ୍ୱରୀ ପୂଜାକମିଟି, ୯ ରେ କିଙ୍ଗ ଷ୍ଟାର କ୍ଲବ, ୧୦ ରେ ସିଦ୍ଧି ବିନାୟକ କ୍ଲବ, ୧୧ରେ ସ୍ମାଇସ କ୍ଲବ୍, ୧୨ତାରିଖରେ ଶ୍ରୀ ଜଗନ୍ନାଥ କ୍ଲବ୍, ୧୩ରେ କଞ୍ଚ ସାହିର କିଡ୍ସ କ୍ଲବ, ୧୪ରେ ଫ୍ରେଣ୍ଡ୍ସ କ୍ଲବ, ୧୫ତାରିଖରେ ତ୍ରିଶକ୍ତି କ୍ଲବକୁ ଭସାଣି ପାଇଁ ପ୍ରଶାସନିକ ଅନୁମତି ଦିଆଯାଇଛି। ଭସାଣି ରୋଶଣି ସାଜସଜାକୁ ବେଶ ଆକର୍ଷଣୀୟ କରିବା ପାଇଁ ପଞ୍ଜାବ ଭାଙ୍ଗଡା ହାଇଦ୍ରାବାଦ କୁଚୁପୁଡି କୋଲକାତାର ମେରିଆବାଜ ଗ୍ରୁପ ମଣିପୁର ସାମ୍ବଲର ଗ୍ରୁପ ନାଗାଲାଣ୍ଡର ନାଗା ଡ୍ୟାନ୍ସ ବିହାରର ଛଟ ଡ୍ୟାନ୍ସ ଝାଡ଼ଖଣ୍ଡର ମିଉଜିକ ଫିଉଜନ ଛତିଶଗଡ଼ର ଗ୍ଲୋରିଆ ଡ୍ୟାନ୍ସ ମୁଖ୍ୟ ଆକର୍ଷଣ ବୋଲି ଆଲୋଚନାରୁ ଜଣାଯାଇଛି।

## କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷା ପାଇଁ ଯୁବ ସମ୍ମିଳନୀ




ବିଶୋଇ, ୬।୧୦(ସମିସ): ବେଟି ବଚାଓ, ବେଟି ପଢ଼ାଓ ଅଭିଯାନକୁ ଆଧାର କରି ବିଶୋଇ ବ୍ଲକ ଅନ୍ତର୍ଗତ ମଣଦାସ୍ଥ କଳିଙ୍ଗ ଡିଗ୍ରୀ କଲେଜରେ କନ୍ୟା ସନ୍ତାନ ସୁରକ୍ଷା ଓ ଶିକ୍ଷା ପାଇଁ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ବିଟୁ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଯୋଗଦେଇ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା, ସମାଜ ଅଧିକାର ଓ ସଶକ୍ତୀକରଣ ଦିଗରେ ସମାଜରେ ସଚେତନତା ସୃଷ୍ଟି କରିବା, କନ୍ୟା ସନ୍ତାନଙ୍କ ପ୍ରତି ସମାଜରେ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା, ବାଳିକାଙ୍କୁ ଶିକ୍ଷାରୁ ବଞ୍ଚିତ ନ କରି ସେମାନଙ୍କୁ ଉଚ୍ଚଶିକ୍ଷା ଗ୍ରହଣ ଓ ନିଜ ଭବିଷ୍ୟତ ଗଢିବା ପାଇଁ ସୁଯୋଗ ଦେବାକୁ ସଚେତନତା ବାର୍ତ୍ତା ଦେଇଥିଲେ। ମୁଖ୍ୟବ୍ୟକ୍ତା ଭାବେ ବିଶୋଇ ତହସିଲଦାର ସତ୍ୟବାନ ନାୟକ ଯୋଗଦେଇ ବାଲ୍ୟ ବିବାହ ରୋକିବା, ବାଳିକାଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଓ କନ୍ୟା ସନ୍ତାନଙ୍କ ସୁରକ୍ଷା, ଅଧିକାର ସମ୍ପର୍କରେ ସମାଜ ଓ ପରିବାରକୁ ସଚେତନତା କରିବା ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଭୂପତି ମହାନ୍ତ, ଏନଏସ୍‌ଏସ୍ ସଂଯୋଜକ ସତ୍ୟବାନ ଗିରି, ଅଧ୍ୟାପକ ସଞ୍ଜୟ ଗିରି, ଅଧ୍ୟାପକ ସମ୍ବିତ ପତି, ଅଧ୍ୟାପକ ଜ୍ଞାନରଞ୍ଜନ ମହାପାତ୍ର, ମଣଦା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ସାହୁ, ମମତା ପିଏ ବରୁଣ ପରିଡା, ମହିଳା ସୁପରଭାଇଜର ପ୍ରଭାସିନୀ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ କପ ଓ ମାନପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ସିଡିପିଓ ବାଲ୍ୟବିବାହ ମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଶପଥପାଠ କରାଇଥିଲେ।

## ଏନ୍‌ସିସି କ୍ୟାଡେଟ୍‌ଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ

ଆନନ୍ଦପୁର, ୬।୧୦ (ସମିସ): ଆନନ୍ଦପୁର ଉପଖଣ୍ଡର ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଉଭୟ ଏନସିସି ୟୁନିଟ୍ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ଏନସିସି ଟ୍ରେନିଙ୍ଗ କୋଡିନେଟର ଡ଼ଃ ନିରୋଦ ବରଣ ଖୁଣ୍ଟିଆ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଭବାନୀ ପ୍ରସାଦ ବଳ ଉକ୍ତ ସଭାରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏନସିସି କାର୍ଯ୍ୟକ୍ରମ ଅଧିକାରୀ ମିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗରେ ପାଠଚକ୍ର

ଆନନ୍ଦପୁର, ୬।୧୦(ସମିସ): ଆନନ୍ଦପୁର ଉପଖଣ୍ଡ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ଜୀବନୀ ଦର୍ଶନ ଉପରେ ଆଧାରିତ ଏହି ପାଠଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଜୟ ମିଶ୍ର ଉଦଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ମହେଶ୍ୱର ପାତ୍ର ବିଷୟ ଭିତ୍ତିକ ଉପସ୍ଥାପନା ସହ ଗାନ୍ଧୀବାଦର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। +୩ ତୃତୀୟ ବର୍ଷର ଛାତ୍ର ତ୍ରିଲୋଚନ ଜେନା ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ବରିଷ୍ଠ ଅଧ୍ୟାପକ ଭବାନୀ ପ୍ରସାଦ ବଳ, ବିଜୟ ସାହୁ, ସତ୍ୟବ୍ରତ ପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ବିଭୂତି ପଲାଇ, ରାଜା କର, ଦୁଃଶାସନ ମାରାଣ୍ଡି, ମନୀଷା ଜେନା, ଗୀତା ସାହୁ ସହଯୋଗ କରିଥିଲେ। ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବି ବି କଲେଜରେ ଛାତ୍ର ଆନ୍ଦୋଳନ

## ବିଧାୟିକାଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କୁଳିଅଣା, ୬।୧୦(ସମିସ)



କୁଳିଅଣା ବ୍ଲକ ଅନ୍ତର୍ଗତ ବାଇଗଣବାଦିଆସ୍ଥ ବି ବି କଲେଜରେ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦାବିରେ ସୋମବାର ଛାତ୍ରଛାତ୍ରୀ ଗଣଧାରଣାରେ ବସିଥିଲେ। ଦୀର୍ଘ ୮ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ନ ହେବାରୁ କଲେଜ ପରିସରରେ ତୀବ୍ର ଛାତ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀ କଲେଜ ଅଧ୍ୟକ୍ଷଙ୍କ ଜରିଆରେ ବିଧାୟିକାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଧାୟିକା ନିଜେ ଉପସ୍ଥିତ ରହି ପ୍ରତିଶ୍ରୁତି ନ ଦେଲେ ଶ୍ରେଣୀ ବର୍ଜନ, ଭୋଟ୍ ବର୍ଜନ ସହ ରାଜରାସ୍ତା ଅବରୋଧ କରାଯିବ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଥିଲେ। ଖବର ପାଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ତୁରନ୍ତ କଲେଜରେ ପହଞ୍ଚି ଆନ୍ଦୋଳନରତ ଛାତ୍ର ନେତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଆସନ୍ତା ୭ ଦିନ ମଧ୍ୟରେ କେତେକ ମୁଖ୍ୟ ଦାବି କାର୍ଯ୍ୟକାରୀ କରାଯିବା ନେଇ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରଛାତ୍ରୀଙ୍କ ୭ ଦଫା ଦାବି ମଧ୍ୟରେ ହଷ୍ଟେଲ ପାଚେରି ନିର୍ମାଣ, ବିଦ୍ୟୁତ୍ ବ୍ୟବସ୍ଥା ଓ ଜିମ୍ ଉପକରଣ ଯୋଗାଣ, ଛାତ୍ରୀ କମନରୁମ୍, ସାଇକଲ ଷ୍ଟାଣ୍ଡ, ଇଣ୍ଟରନାଲ ମାର୍କ ସୁଧାର, ବିଶୁଦ୍ଧ ପାନୀୟଜଳ, କଲେଜ ଛକରେ ଯାତ୍ରୀ ବିଶ୍ରାମାଗାର ସହ ପାଣି ଓ ଶୌଚାଳୟ ସୁବିଧା, ଏକ କିଲୋମିଟର ପରିଧି ମଧ୍ୟରେ ଏଟିଏମ୍ ସ୍ଥାପନ ଅନ୍ତର୍ଭୁକ୍ତ ଥିଲା। ବିଧାୟିକାଙ୍କ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ। ଏହି ଧାରଣାରେ ଛାତ୍ରନେତା ଲୋକାନ ରଣା, ତାପସ ମହାପାତ୍ର, ମୁକେଶ ବୋଇତା, ଓମ୍ ପ୍ରକାଶ ବାଗ୍, ଶୁଭମ୍ ବାଗ୍, ଅଶ୍ୱିନୀ ସିଂ, ସୋନୁ ଦଣ୍ଡପାଟ, ସୂରଜ ସେନାପତି ଓ କୃଷ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମୂର୍ତ୍ତି ବିସର୍ଜନରେ ନଦୀ-ନାଳର ଜଳ ପ୍ରଦୂଷଣ ଆଶଙ୍କା

ବଡ଼ବିଲ, ୬।୧୦(ସମିସ): ବଡ଼ବିଲ ପୌରାଞ୍ଚଳରେ ବିଭିନ୍ନ ପୂଜା ପର୍ବ ଅବସରରେ ମୂର୍ତ୍ତି ବିସର୍ଜନ ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ସୁଚାରୁ ବିସର୍ଜନ ବ୍ୟବସ୍ଥା ନଥିବା ନେଇ ପ୍ରଶ୍ନ ଉଠିଛି। ପ୍ରଶାସନିକ ଅବହେଳା ଯୋଗୁଁ କିଛି ପୂଜା କମିଟି କାରୋ ନଦୀ ଓ ଚମ୍ପୁଆ ନାଳରେ ମୂର୍ତ୍ତି ବିସର୍ଜନ କରୁଥିବା ଅଭିଯୋଗ ହେଉଛି। ମୂର୍ତ୍ତିରେ ବ୍ୟବହୃତ ରଙ୍ଗ, ପ୍ଲାଷ୍ଟର, ପ୍ଲାଷ୍ଟିକ୍, ଫୁଲମାଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ସିଧାସଳଖ ଜଳାଶୟରେ ପଡ଼ିବା ଫଳରେ ଜଳ ପ୍ରଦୂଷଣର ଆଶଙ୍କା ରହିଛି। ବିଶେଷକରି ଏହି ନଦୀ ଓ ନାଳର ଜଳକୁ ଆଖପାଖ ଅଞ୍ଚଳର ଲୋକେ ବିଭିନ୍ନ କାମରେ ବ୍ୟବହାର କରୁଥିବାରୁ ଏହା ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଚିନ୍ତାର କାରଣ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପୌରପାଳିକା ଓ ସମ୍ପୃକ୍ତ ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ବିସର୍ଜନ ସ୍ଥଳୀ ଚିହ୍ନଟ କରିବା, ନଦୀ-ନାଳରେ ମୂର୍ତ୍ତି ବିସର୍ଜନ ରୋକିବା ଏବଂ ପୂଜା କମିଟିଗୁଡ଼ିକୁ ସଚେତନ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

■ ନ୍ୟୁଜିଲାଣ୍ଡ ଟୁର୍ ପାଇଁ ଭାରତୀୟ ଦଳ ଘୋଷଣା

## ୪ ବର୍ଷ ପରେ ଫେରିଲେ ଭୁବି

ମୁମ୍ବଇ, ୬।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟର ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ତେବେ ଚୟନ ସମିତି ଏକ ବଡ଼ ନିଷ୍ପତ୍ତିକ୍ରମେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଲାଗି ଭେଟେରାନ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (ଭୁବି)ଙ୍କୁ ଦଳରେ ସାମିଲ କରିଛି। ଫଳରେ ୩୬ ବର୍ଷୀୟ ଭୁବନେଶ୍ୱର ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବି ଶେଷଥର ଲାଗି ୨୦୨୨ ନଭେମ୍ବର ୨୨ ତାରିଖରେ ସମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ତେବେ ଆଇପିଏଲ୍‌ର ଗତ ଦୁଇଟି ସିଜନରେ ୪୫ଟି ୱିକେଟ ନେଇ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଚୟନସମିତି ତାଙ୍କୁ ଶେଷରେ ଦଳରେ ସାମିଲ କରିଛି। ଭାରତୀୟ କ୍ରିକେଟ୍ ଦଳ ଅକ୍ଟୋବର ୨୨ ତାରିଖରେ ଖ୍ରୀଷ୍ଟଚର୍ଚ୍ଚରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବ।

**ଘୋଷିତ ଭାରତୀୟ ଦଳ**: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟକିପର), ବୈଭବ ସୂର୍ଯ୍ୟବଂଶୀ, ତିଲକ ବର୍ମା (ଉପ-ଅଧିନାୟକ), ଅକ୍ଷର ପଟେଲ, ଶିବଭ ଦୁବେ, ନୀତୀଶ ରେଡ୍ଡୀ, ନମନ ଧୀର, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଅର୍ଶଦୀପ୍ ସିଂହ, ଭୁବନେଶ୍ୱର କୁମାର, ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ୍ ଯାଦବ।

## ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ହେଡ୍ କୋଚ୍

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ବିସିସିଆଇ ସଭାପତି ଏବଂ ବର୍ତ୍ତମାନ କ୍ରିକେଟ



ଆସୋସିଏସନ ଅଫ୍ ବେଙ୍ଗଲର ସଭାପତି ଥିବା ସୌରଭ ଗାଙ୍ଗୁଲିଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି। ୨୦୧୯ରୁ ସେ ଏହି ଟିମ୍‌ର ଆଡଭାଇଜର ବା ଉପଦେଷ୍ଟା ଭାବେ କାମ କରିଆସୁଛନ୍ତି। ନିକଟରେ ପ୍ରିଟୋରିଆ କ୍ୟାପିଟାଲ୍ସର କୋଚ୍ ଦାୟିତ୍ୱ ନେଇ ସାଉଥଆଫ୍ରିକା ଟି-୨୦ରେ ଏହି ଟିମ୍‌କୁ ଫାଇନାଲରେ ପ୍ରବେଶ କରାଇବା ପରେ ତାଙ୍କ କୋଚିଂ ପ୍ରତିଭା ବିକଶିତ ହୋଇଛି। 'ଦିଲ୍ଲୀ ଟିମ୍ ଓ ଖେଳାଳିଙ୍କ ସହ ମୁଁ ଦୀର୍ଘଦିନ ହେବ ଅତି ନିକଟରୁ କାମ କରିଆସୁଛି। ଏହି ଟିମ୍ ମୋ ହୃଦୟରେ ସର୍ବଦା ରହିଛି ଓ ସମ୍ପର୍କ ନିବିଡ ଅଛି। ଏପରିସ୍ଥିତିରେ ମୁଁ ଦିଲ୍ଲୀ ଟିମ୍‌ର ହେଡ କୋଚ ଦାୟିତ୍ୱ ସଫଳତାର ସହ ତୁଲାଇପାରିବି ବୋଲି ଗାଙ୍ଗୁଲି କହିଛନ୍ତି।

## ୪୪ ବର୍ଷ ପରେ ଭାରତ-ଉରୁଗୁଏ ଲଢ଼େଇ



କୋଲକାତା, ୬।୧୦ (ଏଜେନ୍ସି): ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ ଭାରତ ଓ ଉରୁଗୁଏ ଫୁଟବଲ ଦଳ ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିଛନ୍ତି। ମଙ୍ଗଳବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ପ୍ରତୀକ୍ଷତ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଫିଫା ମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଉରୁଗୁଏ ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ ଗୋଲ୍‌ରେ ଅଗ୍ରଣୀ ରହିଛି। ମ୍ୟାଚର ଦ୍ୱାଦଶ ମିନିଟରେ ଭାରତର ପରମବୀର ସିଂହ ଡି' ଏରିଆରେ ଫାଉଲ୍ ମାରିବାରୁ ଉରୁଗୁଏକୁ ପେନାଲ୍ଟି ମିଳିଥିଲା। ଏହାର ଭରପୁର ଫାଇଦା ଉଠାଇ ଡାରୱିନ ନୁନେଜ ବଲ୍‌କୁ ଭାରତୀୟ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଏହାର ୧୦ ମିନିଟ ପରେ ଘରୋଇ ଭାରତୀୟ ଦଳ ଏହି ଗୋଲ୍‌ଟି ପରିଶୋଧ କରିଦେଇଥିଲା। ଭାରତୀୟ ଦଳର ଅଷ୍ଟ୍ରେଲୀୟ ବଂଶୋଦ୍ଭବ ଖେଳାଳି ର୍‌ୟାନ ୱିଲିୟମ୍ସ ମାରିଥିବା ଏକ ସଟ୍‌କୁ ଉରୁଗୁଏ ଗୋଲ୍‌ରକ୍ଷକ ଥିଆଗୋ କାର୍ଡୋଜ ଅଧା ଅଟକାଇ ଦେଇଥିଲେ। କିନ୍ତୁ ରିବାଉଣ୍ଡରେ ଅନିରୁଦ୍ଧ ଥାପ୍ପା ଏହାକୁ ଗୋଲ୍‌ରେ ରୂପାନ୍ତରିତ କରି ମ୍ୟାଚକୁ ୧-୧'ର ସମାନସ୍ଥିତିକୁ ଆଣିଥିଲେ। ତେବେ ୨୮ ତମ ମିନିଟରେ ମାକ୍ସି ଜାଭିଅର ଆରାଜୁଓ ଉରୁଗୁଏ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଫୁଟବଲ ଦଳ ରବିବାର ବ୍ରାଜିଲ ବିପକ୍ଷ ଐତିହାସିକ ମ୍ୟାଚକୁ ୪-୦ ଗୋଲରେ ହାରିଯାଇଥିଲା।

ଭାରତ ବିପକ୍ଷରେ ହୋପ୍, ରଦରଫୋର୍ଡଙ୍କ ଅର୍ଦ୍ଧଶତକ

# ପଦାର୍ପଣ ଟି-୨୦ରେ ନମନଙ୍କ ବୋଲିଂ ସଫଳତା

ଲକ୍ଷ୍ନୌ,୬।୧୦(ଏଜେନ୍ସି)

ଅଧିନାୟକ ସେ ହୋପ୍ ଓ ଅଲରାଉଣ୍ଡର ଶେରଫାନ ରଦରଫୋର୍ଡଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଆଜି ଅନୁଷ୍ଠିତ ଭାରତ ବିପକ୍ଷ ପ୍ରଥମ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୧୯.୧ ଓଭରରେ ୧୭୧ ରନ୍ କରି ଅଲଆଉଟ ହୋଇଯାଇଛି। ରଦରଫୋର୍ଡ ୩୪ ବଲ୍‌ରେ ୬ ଚୌକା ଓ ୩ ଛକା ସହ ସର୍ବାଧିକ ୫୬ ଏବଂ ହୋପ୍ ୩୭ ବଲ୍‌ରେ ୬ ଚୌକା ଓ ୨ ଛକା ସହ ୫୨ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ଆକିଲ ହୋସେନ ୧୫ ଓ କାମିଲ ପୁରନ ୧୨ ରନ୍ କରି ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଅନ୍ୟ କୌଣସି ବ୍ୟାଟର ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ପାରି ନ ଥିଲେ। ଭାରତ ପକ୍ଷରୁ ମିଳିତଭାବେ ବୋଲରଙ୍କୁ ସଫଳତା ମିଳିଥିଲା। ବିଶେଷ କରି ଡେବ୍ୟୁଟାଣ୍ଟ ଅଫ୍ ସ୍ପିନର ନମନ ଧୀର ପଦାର୍ପଣରେ ସଫଳ ହୋଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଏହି ୩ ସ୍ପିନର ମୋଟ ୧୧.୧ ଓଭର ବୋଲି କରି ଗୋଟିଏ ମେଡେନ ସହ ୯୦ ରନ୍ ଦେଇ ୭ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଅର୍ଥ ଭାରତୀୟ ସ୍ପିନରଙ୍କୁ ୱେଷ୍ଟଇଣ୍ଡିଜ୍



ବ୍ୟାଟର ଉଚିତ ମୁକାବିଲା କରି ପାରି ନ ଥିଲେ। ଦଳ ପକ୍ଷରୁ ବୋଲିଂ କରିଥିବା ଅନ୍ୟ ଦୁଇ ପେସ୍ ବୋଲର ଅର୍ଶଦୀପ ସିଂହ ୩୪ ଓ ମୟଙ୍କ ଯାଦବ ୪୦ ରନ୍ ଦେଇ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ପ୍ରଥମ ଓଭର ଖେଳ ଶେଷରେ ଭାରତ କୌଣସି ୱିକେଟ ନ ହରାଇ ୧୫ ରନ୍ ସଂଗ୍ରହ କରିନେଇଛି। ଅଭିଷେକ ଶର୍ମା ୫ଟି ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୧୪ ଏବଂ ସଞ୍ଜୁ ସାମସନ ୧ ରନ୍ କରି ବ୍ୟାଟିଂ କରିଥିଲେ। ଆକିଲ ହୋସେନଙ୍କ ସ୍ପିନକୁ ଦୁଇ ଭାରତୀୟ ଓପନର ପଡ଼ିଆର ଚାରିଆଡକୁ ବିରାଟ ସଟମାନ ମାରିଥିଲେ।

ଏହି ମ୍ୟାଚ୍‌ରେ ଭାରତୀୟ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏଠାରେ ଖେଳାଯାଇଥିବା ୬ଟି ଟି-୨୦ ମ୍ୟାଚରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୫ଟିରେ ବିଜୟୀ ହୋଇଥିବାରୁ ଶ୍ରେୟସ ଆୟରଙ୍କ ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରାଯାଇଥିଲା। ତେବେ ବୋଲରଙ୍କ ସଫଳତା ପରେ ଏହା ପଛ ସିଟ୍‌କୁ ଚାଲିଯାଇଥିଲା। ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। କିନ୍ତୁ ଅଲରାଉଣ୍ଡର ନମନ ଧୀରଙ୍କୁ ପଦାର୍ପଣର ସୁଯୋଗ ମିଳିଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ମଧ୍ୟ ଦିନିକିଆ ଡେବ୍ୟୁ କରିଥିଲେ। ବୋଲିଂରେ ନମନ କମାଲ ଦେଖାଇଥିଲାବେଳେ ଏବେ ବ୍ୟାଟିଂକୁ ଅପେକ୍ଷା ରହିଛି। ୱେଷ୍ଟଇଣ୍ଡିଜ୍ ଦଳରେ ଆମିର ଜାଙ୍ଗୁଙ୍କୁ ଖେଳିବାର ସୁଯୋଗ ମିଳିନାହିଁ।

## ୧୦୨ତମ ଟାଇଟଲ୍ ଜିତିଲେ ଜୋକୋଭିଚ୍

ବେଜିଂ, ୬।୧୦ (ଏଜେନ୍ସି): ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୫ତମ ସଂସ୍କରଣରେ ନୋଭାକ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ହୋଇଥିଲା। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ ପ୍ରଥମ ସେଟକୁ ୭-୬ (୭/୩) ଗେମରେ ଜିତିଥିଲେ। ଏହାପରେ ଦ୍ୱିତୀୟ ସେଟକୁ ମିନାଉର ୧-୦ରେ ଅଗ୍ରଣୀ ରହିଥିବାବେଳେ ଜଂଘରେ ଆଘାତଜନିତ ସମସ୍ୟା ଲାଗି ଅଧାରୁ ଓହରିଯାଇଥିଲେ। ଫଳରେ ୩୯ ବର୍ଷୀୟ ଜୋକୋଭିଚ୍‌ଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସର୍ବିଆ ତାରକା ଜୋକୋଭିଚଙ୍କ କ୍ୟାରିୟରର ଏହା ୭ମ ଚାଇନା ଓପନ୍ ଓ ଓଭରଅଲ୍ ୧୦୨ତମ ସିଙ୍ଗଲ ଟାଇଟଲ୍ ବିଜୟ ହୋଇଛି। ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଭାବରେ ସର୍ବାଧିକ ଟାଇଟଲ୍ ଜିତିବାରେ ଆମେରିକାର ଜିମ୍ମି କନର୍ସ (୧୦୯ଟି) ଓ ରୋଜର ଫେଡେରର (୧୦୩ଟି) ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଜୋକୋଭିଚ୍ ମଧ୍ୟ ଗତ ୨୧ ବର୍ଷ ହେବ କ୍ରମାଗତ ଭାବରେ ପ୍ରତି ସିଜନରେ ଅତିକମରେ ଗୋଟିଏ ଟାଇଟଲ୍ ଜିତିବାର ରେକର୍ଡକୁ ବଜାୟ ରଖିଛନ୍ତି।

## ଆଲ୍‌କାରାଜଙ୍କ ବାଜିମାତ୍

ଟୋକିଓ, ୬।୧୦ (ଏଜେନ୍ସି): ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଜାପାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୫୨ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଆଲ୍‌କାରାଜ ୭-୬ (୭/୪), ୬-୪ ସେଟରେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ପରାସ୍ତ କରିଥିଲେ। ଚଳିତ ସିଜନରେ ଆଲ୍‌କାରାଜଙ୍କ ଏହା ୩ୟ ଟାଇଟଲ୍ ହୋଇଛି। ଏଥିପୂର୍ବରୁ ସେ ବର୍ଷ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଥିଲେ।

ବିସିସିଆଇ ରିଭ୍ୟୁ ମିଟିଂ ପରେ

## ନେତୃତ୍ୱରୁ ଓହରିଗଲେ ହରମନପ୍ରୀତ୍

ଗୌହାଟୀ,୬।୧୦(ଏଜେନ୍ସି): ହରମନପ୍ରୀତ କୌର ଭାରତୀୟ ମହିଳା କ୍ରିକେଟ ଦଳର ସମସ୍ତ ଫର୍ମାଟ ନେତୃତ୍ୱରୁ ଓହରିଯାଇଛନ୍ତି। ନେତୃତ୍ୱରେ ଓହରିଯାଇଥିଲେ ମଧ୍ୟ ଖେଳ ଜାରି ରଖିବେ ବୋଲି ସୋସିଆଲ ମିଡିଆରେ କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ମହିଳା କ୍ରିକେଟ ଦଳର ପ୍ରଦର୍ଶନ ଉପରେ ରିଭ୍ୟୁ କରିବା ଲାଗି ଏଠାରେ ସାଧାରଣ ସମ୍ପାଦକ ଦେବଜିତ ସାଇକିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହରମନପ୍ରୀତ୍‌ଙ୍କ ସହ ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ହେଡ୍ କୋଚ୍ ଅମୋଲ ମଜୁମଦାର ଉପସ୍ଥିତ ଥିଲେ। ହରମନପ୍ରୀତ୍‌ଙ୍କୁ ନେତୃତ୍ୱରୁ ହଟାଇବା ଲାଗି ହେଉଥିବା ଦାବି ଅବସରରେ ଏହି ରିଭ୍ୟୁ ମିଟିଂ ଡକାଯାଇଥିଲା। ସେହିପରି ହେଡ୍ କୋଚ୍ ମଜୁମଦାରଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ତାଙ୍କ ସମ୍ପର୍କରେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା। ଏହି ବୈଠକ ଶେଷ ହେବାର କିଛି ଘଣ୍ଟା ପରେ ହରମନପ୍ରୀତ ଭାରତୀୟ କ୍ରିକେଟ ଦଳର ସମସ୍ତ ପ୍ରକାର ନେତୃତ୍ୱରେ ଓହରିଯାଇଥିଲେ।

ହରମନପ୍ରୀତଙ୍କ ଏପରି ନିଷ୍ପତ୍ତିକୁ ସର୍ବପ୍ରଥମେ ସ୍ୱାଗତ




କରିଥିଲେ ପୂର୍ବତନ ଅଲରାଉଣ୍ଡର ଡାଏନା ଏଡୁଲଜୀ। ଏହା ଏକ ଭଲ ନିଷ୍ପତ୍ତି ଓ ଭାରତୀୟ ମହିଳା କ୍ରିକେଟର ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଏହା ଏକ ଟାଣୁଆ ପଦକ୍ଷେପ। ତାଙ୍କ ସ୍ଥାନରେ ଦଳରେ ନେତୃତ୍ୱ ଯିଏ, ନେବେ ତାଙ୍କୁ ଦଳ ଉପରେ ନିୟନ୍ତ୍ରଣ ରଖିବା ଓ ଲଢ଼େଇ କରିବା ଲାଗି ଉପଯୁକ୍ତ କମ୍ବିନେସନ ତିଆରି କରିବାରେ ପର୍ଯ୍ୟାପ୍ତ ସମୟ ମିଳିବ। କୁହାଯାଉଛି ଦୀର୍ଘଦିନ ହେଲା ହରମନପ୍ରୀତ୍‌ଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇଆସିଥିବା ସ୍ମୃତି ମନ୍ଧାନାଙ୍କୁ ପରିବର୍ତ୍ତୀ ଅଧିନାୟିକା ମନୋନୀତ କରାଯିବ। ଅକ୍ଟୋବର ୧୬ରୁ ୬ଟି ସୀମିତ ଓଭର କ୍ରିକେଟ ଖେଳିବାକୁ ଜିମ୍ବାୱେ ଦଳ ପ୍ରଥମଥର ଭାରତ ଗସ୍ତରେ ଆସୁଛି। ଏହି ସିରିଜ୍ ଲାଗି ଖେଳାଳି ଚୟନ କରିବା ଅଳ୍ପ ସମୟ ଥିବାରୁ ଖୁବ୍ ଶୀଘ୍ର ବା ୨୪ ଘଣ୍ଟା ମଧ୍ୟରେ ଏକ ସଙ୍ଗେ ନୂଆ ଅଧିନାୟକ ଓ ଟିମ୍ ଚୟନ କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଜିମ୍ବାୱେ ଦଳର ଏହି ଐତିହାସିକ ଟୁର୍‌ରେ ପ୍ରଥମେ ୩ଟି ଯାକ ଟି-୨୦ ରାୟପୁରରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଅକ୍ଟୋବର ୧୬, ୧୮ ଓ ୨୦ ତାରିଖରେ ଅନୁଷ୍ଠିତ ହେବ। ସେହିପରି ଆଇସିସି ମହିଳା ଦିନିକିଆ ବିଶ୍ୱଚାମ୍ପିଅନସିପ୍‌ରେ ସାମିଲ ଥିବା ଦିନିକିଆ ମ୍ୟାଚ୍ ଗୁଡ଼ିକ ବରୋଦାରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଅକ୍ଟୋବର ୨୩, ୨୬ ଓ ୨୮ ରେ ଆୟୋଜିତ ହେବ।

## ଅଗରକରଙ୍କ କାର୍ଯ୍ୟକାଳ ଶେଷ

ନୂତନ ଚୟନକର୍ତ୍ତା ଲାଗି ଆବେଦନ କଲା ବିସିସିଆଇ

ମୁମ୍ବଇ, ୬।୧୦ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଭାବରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆନୁଷ୍ଠାନିକ ଭାବରେ ଶେଷ ହୋଇଛି। ଅଗରକର ଜୁଲାଇ ୨୦୨୩ରେ ମୁଖ୍ୟ ଚୟନକର୍ତ୍ତା ପଦବୀ ଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ ଗତ ଅକ୍ଟୋବର ୪ ତାରିଖରେ ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ଚୟନ କମିଟିରେ ଶୂନ୍ୟସ୍ଥାନ ପଡ଼ିଥିବା ଏହି ପଦବୀ ପାଇଁ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ଚୟନ କମିଟିରେ ପ୍ରଜ୍ଞାନ ଓଝା, ଆରପି ସିଂ, ଶିବ ସୁନ୍ଦର ଦାସ ଏବଂ ଅଜୟ ରାତ୍ରା ରହିଛନ୍ତି। ଅଗରକରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପ୍ରଜ୍ଞାନ ବର୍ତ୍ତମାନ ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ସମ୍ଭାଳିଛନ୍ତି। ଭାରତୀୟ ଚୟନକର୍ତ୍ତା ଲାଗି ବିସିସିଆଇ ଏକାଧିକ ଯୋଗ୍ୟତା ମାନଦଣ୍ଡ ଧାର୍ଯ୍ୟ କରିଛି। ଆବେଦନକାରୀଙ୍କ ନିକଟରେ ଅତି କମରେ ୭ଟି ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଥିବ। ଅଥବା ସେ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବେ। କିମ୍ବା ଅତିକମରେ ୧୦ଟି ଦିନିକିଆ ଓ ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ଅଭିଜ୍ଞତା ତାଙ୍କ ନିକଟରେ ରହିଥିବ। ସେହିଭଳି ଆବେଦକମାନେ ଅତି କମରେ ୫ ବର୍ଷ ପୂର୍ବରୁ ଅବସର ନେଇଥିବା ଆବଶ୍ୟକ। ପ୍ରଥମ ତିନୋଟି ବିକଳ୍ପ ମଧ୍ୟରୁ ଗୋଟିଏ ପୂରଣ କରିବାକୁ ପଡିବ, ଏବଂ ଅବସର ପରେ ୫ ବର୍ଷର କୁଲ୍-ଅଫ୍ ପିରିୟଡ୍ ବାଧ୍ୟତାମୂଳକ ରହିଛି। ଏହି ନୂତନ ଖାଲି ପଦବୀ ପାଇଁ ଆବେଦନ କରିବାର ଶେଷ ସମୟ ଅକ୍ଟୋବର ୧୪ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଛି।

ଜାତୀୟ ଲନ୍ ବୋଲିଂ ଚାମ୍ପିଅନସିପ୍ ୨୩ରୁ

## ସ୍ୱର୍ଣ୍ଣ ଜିତିବାକୁ ଓଡ଼ିଶାର ଆଶା

ଭୁବନେଶ୍ୱର,୬।୧୦(ସମିସ): ବଲାଙ୍ଗିରର ନବନିର୍ମିତ ଆର୍‌ଏନ୍ ସିଂହଦେଓ ଅନ୍ତର୍ଜାତୀୟ ଲନ୍‌ବଲ ଷ୍ଟାଡିୟମ୍‌ରେ ଜାତୀୟ ୧୮ ଓ ୨୫ ବର୍ଷରୁ କମ୍ ଲନ୍ ବଲ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଅକ୍ଟୋବର ୨୩ରୁ ଆରମ୍ଭ ହୋଇ ୨୬ରେ ଶେଷ ହେବ। ସମଗ୍ର ଦେଶରୁ ୧୮ ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିବେ। ଏଥିରେ ଓଡ଼ିଶା ସ୍ୱର୍ଣ୍ଣପଦକ ଜିତିବାକୁ ଆଶା ରଖିଛି ବୋଲି ଆୟୋଜକ ଓଡ଼ିଶା ଲନ ବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଆଶା ପ୍ରକାଶ କରିଛନ୍ତି। ବିଶେଷକରି ଏସିଆନ ଗେମ୍ସ ଖେଳିଥିବା ରୋଶନ ସାହୁ ଓ




ରାଜେଶ୍ୱରୀ ସେଠଙ୍କଠାରୁ ସ୍ୱର୍ଣ୍ଣପଦକ ଆଶା କରାଯାଉଛି। ଟୁର୍ଣ୍ଣାମେଣ୍ଟକୁ ସଫଳ କରାଇବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଘର ଉପସଭାପତି ମନ୍ମଥ ସିଂଦେଓ ପ୍ରକାଶ କରିଛନ୍ତି। ରାଜ୍ୟରେ ଏହି ଖେଳକୁ ଲୋକପ୍ରିୟ କରାଇବା ଲାଗି ସିନିଅର, ଏଜ୍ ଗ୍ରୁପ୍ ଏବଂ ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ କରାଯାଉଛି ବୋଲି ସମ୍ମିଳନୀରେ ଉପସ୍ଥିତ ଖୋର୍ଦ୍ଧା ସଂଘ ସମ୍ପାଦକ ସୁରେଶ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଅଷ୍ଟ୍ରେଲିଆ 'ଏ' ର ବୃହତ୍ ବିଜୟ

ପୁଡୁଚେରୀ, ୬।୧୦ (ଏଜେନ୍ସି):
ପୁଡୁଚେରୀ,୬।୧୦(ଏଜେନ୍ସି): ନାଥାନ ମ୍ୟାକ୍ସିନୀ (୧୨୩ରନ୍)ଙ୍କ ଶତକ ଓ ମାହଲି ବିୟର୍ଡମ୍ୟାନ୍ (୪/୨୩)ଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ' ୧୨୫ ରନ୍‌ରେ ଭାରତ-ଏ'କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମ୍ୟାକସ୍ୱିନୀଙ୍କ ଶତକ ଓ ୱିଲ ସଦରଲାଣ୍ଡଙ୍କ ୭୭ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୨୭୪ ରନ୍ କରିଥିଲା। ଜବାବରେ ଭାରତ-ଏ' ୩୧.୪ ଓଭରରେ ୧୪୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ତାରକା ଖେଳାଳିଙ୍କୁ ନେଇ ଗଠିତ ଭାରତ-ଏ' ପକ୍ଷରୁ କେବଳ ରଜତ ପାଟିଦାର ୫୩, ନିଶାନ୍ତ ସିନ୍ଧୁ ୩୧ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଋତୁରାଜ ଗାଏକ୍ୱାଡ ୧୫, ସାଇ ସୁଦର୍ଶନ ୧ ଓ ଦେବଦତ୍ତ ପାଡିକଲ ୦ ରନ୍‌ରେ ଆଉଟ ହୋଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) ସର୍ବନିମ୍ନ | 31.07.2026 ରେ ବୟସ (ବର୍ଷ) ସର୍ବାଧିକ |
|---|---|---|---|
| **ବିଜ୍ଞାପନ ସଂ. CRPD/SCO/2026-27/24 (ଚୁକ୍ତିଭିତ୍ତିକ ପଦବୀ)** | | | |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଆନାଲିଟିକାଲ୍ ମାର୍କେଟିଂ ଓ କ୍ୟାମ୍ପେନ୍) | 1 | 33 | 45 |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଜିଟାଲ୍ ମାର୍କେଟିଂ) | 2 | 33 | 45 |
| କଣ୍ଟେଣ୍ଟ ସ୍ପେସିଆଲିଷ୍ଟ | 1 | 25 | 40 |
| **ବିଜ୍ଞାପନ ସଂ. CRPD/SCO/2026-27/25 (ଚୁକ୍ତିଭିତ୍ତିକ ପଦବୀ)** | | | |
| ବିକ୍ରୟ ବିଭାଗ ମୁଖ୍ୟ | 1 | 40 | 52 |
| କେନ୍ଦ୍ରୀୟ ଗବେଷଣା ଦଳ (ପ୍ରଡକ୍ଟ ଲିଡ୍) | 2 | 30 | 45 |
| ମ୍ୟାନେଜର (ବ୍ୟବସାୟିକ ପ୍ରକ୍ରିୟା) | 1 | 30 | 40 |
| ପ୍ରୋଜେକ୍ଟ ଡେଭଲପମେଣ୍ଟ ମ୍ୟାନେଜର (ଟେକ୍ନୋଲୋଜି) | 1 | 25 | 40 |
| କେନ୍ଦ୍ରୀୟ ପରିଚାଳନା ଦଳ (ସି ଓ ଟି) ସହାୟତା | 1 | 30 | 40 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 30.09.2026 ରୁ 21.10.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.09.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସାହାଣୀ କପ୍ ଆନ୍ତଃଜିଲ୍ଲା ଫୁଟବଲ ଉଦ୍‌ଯାପିତ

## ରାଉରକେଲାକୁ ହରାଇ କଟକ ଚାମ୍ପିଅନ

ଭୁବନେଶ୍ୱର,୬।୧୦(ସମିସ)

ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ୨-୦ ଗୋଲରେ ହରାଇ କଟକ ଜିଲ୍ଲା ମଧ୍ୟରେ ୬୫ତମ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ ହୋଇଛି। ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଖେଳାଯାଇଥିବା ଫାଇନାଲରେ କଟକ ପକ୍ଷରୁ ବାପୁନି ବିଶ୍ୱାଳ ଓ ଦୀନବନ୍ଧୁ ଦାସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଚାମ୍ପିଅନ ଦଳକୁ ସାହାଣୀ କପ୍ ସହ ଏକ ଲକ୍ଷ ଓ




ରନର୍ସ ଅପ୍ ଦଳକୁ କପ୍ ସହ ୫୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସାହାଣୀ ଟ୍ରଷ୍ଟ ପକ୍ଷରୁ ଚାମ୍ପିଅନଙ୍କୁ ୨୫ ଓ ରନର୍ସ ଅପ୍ ଟିମ୍‌କୁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନଙ୍କ ସମେତ ଫାଓ ଏବଂ ଭୁବନେଶ୍ୱର ଆଥଲେଟିକ୍ ସଂଘ ସମ୍ପାଦକ ଏସ୍‌ଆର ପରିଜା ଅତିଥିଭାବେ ଯୋଗଦେଇଥିଲେ। ରେଫରି ଶିବଶଙ୍କର ପଣ୍ଡା ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ତାଙ୍କୁ ସହାୟତା ଦେଇଥିଲେ ଅରୁଣ ନାଏକ, ଉତ୍କଳମଣି ବେହେରା ଓ ପ୍ରଶାନ୍ତ ବେହେରା। ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଓ ସୁଜିତ ପାତ୍ର ରେଫରି ଆସେସର ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY